

ପ୍ରିୟଙ୍କାଙ୍କ ସର୍ତ୍ତ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-221 ◆FRIDAY ◆6 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୨୧ ◆ଶୁକ୍ରବାର ◆୬ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## କୋଇଲା ଖଣିରେ ବିସ୍ଫୋରଣ; ୧୬ ଶ୍ରମିକ ମୃତ



■ ଶିଲଂ, ୫।୨ (ଏଜେନ୍ସି): ମେଘାଳୟର ଏକ କୋଇଲା ଖଣିରେ ଆଜି ସକାଳେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ବେଆଇନ ଭାବେ ଚାଲିଥିବା ଏହି ଖଣି ଭିତରେ ବିସ୍ଫୋରଣ ଯୋଗୁଁ ୧୬ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଜଣେ ଗୁରୁତର ଶ୍ରମିକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଖଣି ଭିତରେ ଏବେ ବି ଅନେକ ଶ୍ରମିକ ଫସି ରହିଥିବା କୁହାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ଲାଗି ୧୨ ଘଣ୍ଟା ଧରି ସ୍ୱତନ୍ତ୍ର ଅଭିଯାନ ଚାଲିଛି।

ମେଘାଳୟର ପୂର୍ବ ଜୈନ୍ତିଆ ହିଲ୍ସ ଜିଲ୍ଲାରେ ଏହି ବିସ୍ଫୋରଣ ଘଟିଛି। ଖଣି ବେଆଇନ ଭାବେ ଚାଲିଥିବାରୁ ଏହା ଭିତରେ କେତେ ଶ୍ରମିକ ଥିଲେ, ତାହା ଜାଣିବା କଷ୍ଟକର ବୋଲି କହିଛନ୍ତି ଜଣେ ବରିଷ୍ଠ ପୁଲିସ ଅଧିକାରୀ। ସେ କହିଛନ୍ତି

**ଖଣି ଭିତରେ ଏବେ ବି ଫସିଛନ୍ତି ଅନେକ ଶ୍ରମିକ**

ଯେ କୋଇଲା ଖୋଳିବା ସମୟରେ ଖଣି ଭିତରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିବାର ଖବର ମିଳିଛି। ତେବେ ପ୍ରକୃତ କାରଣ ତଦନ୍ତ ପରେ ହିଁ ଜଣାପଡ଼ିବ। ବିସ୍ଫୋରଣ ଖବର ମିଳିବା ପରେ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଥିଲା। ବର୍ତ୍ତମାନ ସୁଦ୍ଧା ଖଣି ଭିତରୁ ୧୬ ଜଣ ଶ୍ରମିକଙ୍କ ଶବ ଉଦ୍ଧାର କରାଯାଇଛି। ଖଣି ଭିତରେ ଆଉ କେତେ ଶ୍ରମିକ ଅଛନ୍ତି, ତାହା ଜଣାପଡ଼ିନାହିଁ। ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଶ୍ରମିକମାନଙ୍କର ପ୍ରକୃତ ସଂଖ୍ୟା ଜଣାପଡ଼ିବ। ଅନେକ ଶ୍ରମିକ ଖଣି ଭିତରେ ପୋତି ହୋଇ ରହିଥିବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରୁ ସମସ୍ତ ଶ୍ରମିକ ଆସାମର ବୋଲି କୁହାଯାଇଛି। ଯଦିଓ ପ୍ରଶାସନ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦେଇନାହାନ୍ତି। ପୁଲିସ ସମେତ ଏସ୍‌ଡିଆରଏଫ୍, ଫରେନ୍‌ସିକ ଟିମ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛି। ▶ପୃଷ୍ଠା-୭

### ରାଜ୍ୟସଭାରେ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଗୃହୀତ

## ମୋଦୀଙ୍କ ନିଶାଣରେ କଂଗ୍ରେସ, ରାହୁଲ

### ରାଜ୍ୟସଭାରେ ବିରୋଧୀଙ୍କ କକ୍ଷତ୍ୟାଗ, ଲୋକସଭା ଅଚଳ

■ ନୂଆଦିଲ୍ଲୀ, ୫।୨ (ଏଜେନ୍ସି): ଲୋକସଭା ଆଜି ମଧ୍ୟ ଅଚଳ ରହିଥିବା ବେଳେ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଛି। ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଆଜି ରାଜ୍ୟସଭାରେ ଉତ୍ତର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଲୋକସଭାରେ ବିରୋଧୀ ଦଳ ଧନ୍ୟବାଦ ପ୍ରସ୍ତାବ ଆଲୋଚନା କରାଇ ଦେଉନଥିବାରୁ ଏହା ରାଷ୍ଟ୍ରପତିଙ୍କ ପ୍ରତି ଅପମାନ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ସେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ଉତ୍ତର ରଖିବା ସହିତ ବିରୋଧୀ ଦଳ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ତୀବ୍ର ସମାଲୋଚନା କରିଛନ୍ତି। ହଟ୍ଟଗୋଳ ଯୋଗୁଁ ଗତକାଲି ଲୋକସଭାରେ ଉତ୍ତର

**ରାଷ୍ଟ୍ରପତିଙ୍କୁ ଅପମାନିତ କରାଯାଇଛି: ପ୍ରଧାନମନ୍ତ୍ରୀ**

**ପ୍ରଧାନମନ୍ତ୍ରୀଙ୍କ ବିରୋଧରେ 'ଅଦୃଶ୍ୟ କାଣ୍ଡ' ପାଇଁ ଯୋଜନା କରିଥିଲେ କଂଗ୍ରେସ ସାଂସଦ: ବାଚସ୍ପତି**

ରଖିପାରିନଥିବା ପ୍ରଧାନମନ୍ତ୍ରୀ ଆଜି ରାଜ୍ୟସଭାରେ ଉତ୍ତର ରଖିଥିଲେ। ସେ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକସଭାରେ ଆଲୋଚନା ହୋଇପାରୁନାହିଁ। ବିରୋଧୀଙ୍କୁ ଏଥିପାଇଁ ସମାଲୋଚନା କରି ସେ କହିଲେ ଯେ ଏହା ରାଷ୍ଟ୍ରପତିଙ୍କ ପ୍ରତି ଅମପାନ। ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ସମାଲୋଚନା କରି ସେ କହିଲେ ଯେ ଏହି ଦଳ କେବଳ ପ୍ରକଳ୍ପରେ ବିଶ୍ୱାସ କରେ, ଏହାର ରୂପାୟନ କିପରି ହେବ, ସେଥିନେଇ ଟିକିଏ ହେଲେ ଚିନ୍ତା ନାହିଁ। ନେହେରୁ ହୁଅନ୍ତି କି ଇନ୍ଦିରା ଏପରିକି ସମଗ୍ର କଂଗ୍ରେସ ସାଧାରଣ ନାଗରିକଙ୍କୁ ସମସ୍ୟା ବୋଲି ଭାବୁଛନ୍ତି। ସେମାନେ କେବଳ ନିଜ ପରିବାରର ସ୍ୱାର୍ଥ ସେବାରେ ଲାଗିପଡିଛନ୍ତି। ପ୍ରଧାନମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ବିରୋଧୀ ଦଳ ବିଭିନ୍ନ ସ୍ଲୋଗାନ ଦେଇ ୱାକ୍ ଆଉଟ୍ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ତାଙ୍କର ଭାଷଣ ଜାରି ରଖି କହିଥିଲେ ଯେ ଦେଶରେ ମୁଦ୍ରାସ୍ଫୀତି ହ୍ରାସ ପାଇଛି ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ▶ପୃଷ୍ଠା-୭

## ବଦଳିବ ୭ ଜିଲ୍ଲା, ୧୧ ସ୍ଥାନର ଇଂରାଜୀ ବନାନ

### 'ବାଲାସୋର' ବଦଳରେ ଲେଖାହେବ 'ବାଲେଶ୍ୱର'

■ ଭୁବନେଶ୍ୱର, ୫।୨ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲା ଓ ସ୍ଥାନର ନାମ ଶୁଦ୍ଧିକରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ଏବେ ଅନେକ ଜିଲ୍ଲାର ନାମ ଇଂରାଜୀ ବନାନ ଓ ଓଡ଼ିଆ ଉଚ୍ଚାରଣରେ ପାର୍ଥକ୍ୟ ରହିଛି। ଏହା ଜିଲ୍ଲାଗୁଡ଼ିକରେ ଥିବା କିଛି ସ୍ଥାନରେ ମଧ୍ୟ ସମାନ ତ୍ରୁଟି ରହିଛି। ଏହାକୁ ସଂଶୋଧନ କରି ନିର୍ଭୁଲ୍ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ଓଡ଼ିଶାର ୭ ଜିଲ୍ଲାର ଇଂରାଜୀ ନାମର ଉଚ୍ଚାରଣ ସମେତ ୧୧ ଜିଲ୍ଲାର ୨୪ଟି ସ୍ଥାନର ଇଂରାଜୀ ନାଁରେ ସଂଶୋଧନ କରିବାକୁ ରାଜସ୍ୱ ବିଭାଗ ପଦକ୍ଷେପ ନେଇଛି। ଏନେଇ ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଏଣିକି ଓଡ଼ିଆ ନାଁ ଅନୁସାରେ ସ୍ଥାନଗୁଡ଼ିକର ଇଂରାଜୀ ନାମ ମଧ୍ୟ ସମାନ ରହିବ। ଏହି ଆଧାରରେ ଖୋର୍ଦ୍ଧା ଜିଲ୍ଲାକୁ ଓଡ଼ିଆ ନାମ ଅନୁସାରେ ଖୋରଧା ଲେଖାଯିବ।

**'ଡ଼' ପାଇଁ ବ୍ୟବହୃତ 'ଆର୍' ଉଚ୍ଛେଦ ହେବ**

**ଖୋର୍ଦ୍ଧା ହେବ ଖୋରଧା**

**୧୫ ଦିନ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ**

ଏହାସହିତ ଦେବଗଡ଼ ଜିଲ୍ଲାକୁ ଆଉ ଇଂରାଜୀରେ ଦେଓଗଡ଼ ଲେଖି ଦବଗଡ଼ ଲେଖାଯବ। ସେହିପରି କେନ୍ଦ୍ରାପଡ଼ାକୁ କେନ୍ଦ୍ରାପରା ଓ ନୟାଗଡ଼କୁ ନୟାଗର ବଦଳରେ କେନ୍ଦ୍ରାପଡ଼ା ଓ ନୟାଗଡ଼ ଲେଖାଯିବ। ମହାକାଳପଡ଼ାକୁ ଆଉ ମହାକାଳପରା ଲେଖାଯିବ ନାହିଁ। ୧୧ ଜିଲ୍ଲା ମଧ୍ୟରୁ ୭ଟି ଜିଲ୍ଲା ଓ କିଛି ଉପବିଭାଗ, ବ୍ଲକ, ତହସିଲ ଏବଂ ପୌରପାଳିକାର ମୂଳ ଓଡ଼ିଆ ନାମ ଗୁଡ଼ିକୁ ସଠିକ କରିବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି। ସଂଶୋଧନ ପାଇଁ ପ୍ରସ୍ତାବିତ ଜିଲ୍ଲା ଗୁଡ଼ିକ ମଧ୍ୟରେ ଦେବଗଡ଼, କନ୍ଧମାଳ, ଖୋର୍ଦ୍ଧା, ଅନୁଗୋଳ, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସମ୍ବଲପୁର, ନୟାଗଡ଼, ବାଲେଶ୍ୱର ଏବଂ ମାଲକାନଗିରି ଅନ୍ତର୍ଭୁକ୍ତ ରହିଛି। ପରିବର୍ତ୍ତନରେ ମୁଖ୍ୟତଃ ଅନେକ ସ୍ଥାନରେ ଡ ପାଇଁ ବ୍ୟବହୃତ ଇଂରାଜୀରେ ଆର (ଆର୍)କୁ ଉଚ୍ଛେଦ ହେବ। ଏହାସହିତ ଦେବଗଡ଼ ଜିଲ୍ଲାର ତହସିଲ, କନ୍ଧମାଳ ଜିଲ୍ଲାର ▶ପୃଷ୍ଠା-୭

### ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

## ଇସ୍ପାତ ଓ ଖଣି ବିଭାଗରୁ ହଟିଲେ ସୁରେନ୍ଦ୍ର କୁମାର, ଦେଓରଞ୍ଜନଙ୍କୁ ମିଳିଲା ଦାୟିତ୍ୱ

■ ଭୁବନେଶ୍ୱର, ୫।୨ (ସମିସ): ରାଜ୍ୟ ସରକାର ବୁଧବାର ଆଇଏଏସ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ମୋଟ ୨୧ ଜଣ ବରିଷ୍ଠ ତଥା କନିଷ୍ଠ ଆଇଏଏସଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ସଂପର୍କରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଅନୁଯାୟୀ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ୧୯୯୩ ବ୍ୟାଚ୍ ଆଇଏଏସ୍ ଦେଓରଞ୍ଜନ କୁମାର ସିଂଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେହିପରି ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାରଙ୍କଠାରୁ ଇସ୍ପାତ ଓ ଖଣି ବିଭାଗ ଏବଂ ଓଏମସି ଅଧ୍ୟକ୍ଷ ଦାୟିତ୍ୱ କାଢ଼ି ନିଆଯାଇ କେବଳ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏହାସହ ସେ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର

**ବିଷ୍ଣୁପଦ ସେଠୀ ହେଲେ ଓଡ଼ିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ**

**ହାତରୁ ଗଲା କୃଷି, ଅରବିନ୍ଦ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ**

**ଦିଲ୍ଲୀରୁ ଫେରି ମୃଣାଳିନୀ ହେଲେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ**

ବିଭାଗ ଦାୟିତ୍ୱ ତୁଲାଇବେ। ୧୯୯୫ ବ୍ୟାଚ୍ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ସେହିପରି ସେ ଅତିରିକ୍ତ ଭାବେ କେବିକେ ପ୍ରଶାସକ ଦାୟିତ୍ୱ ମଧ୍ୟ ତୁଲାଇବେ। ୧୯୯୫ ବ୍ୟାଚ୍ ଆଇଏଏସ୍ ଚିତ୍ରା ଅରୁମୁଗମ୍‌ଙ୍କୁ ଶ୍ରମ ଓ ଇଏସଆଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱ ସହ ଅତିରିକ୍ତ ଭାବେ ବିଜ୍ଞାନ ଓ କାରିଗର କୌଶଳ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

ସେହିପରି କୃଷି ଓ କୃଷକ କଲ୍ୟାଣ ବିଭାଗର ଦାୟିତ୍ୱରେ ଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଅରବିନ୍ଦ କୁମାର ପାଢ଼ୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ▶ପୃଷ୍ଠା-୭

## ଏଣିକି ହ୍ୱାଟ୍ସଆପ୍‌ରେ ମିଳିବ ରାଜସ୍ୱ ସେବା

■ ଭୁବନେଶ୍ୱର, ୫।୨ (ସମିସ): ଡିଜିଟାଲ୍ ମାଧ୍ୟମରେ ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ଆଉ ପାଦେ ଆଗକୁ ବଢ଼ିଛନ୍ତି। ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା 'ହ୍ୱାଟ୍ସଆପ୍ ଚାଟ୍‌ବଟ'ରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ୍ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସେବାର ଆରମ୍ଭ କରିଛନ୍ତି। ଫଳରେ ଏଣିକି ଜନସାଧାରଣ ହ୍ୱାଟ୍ସଆପ୍‌ରେ ନଂ-୯୪୩୭୨୯୨୦୦୦ ନମ୍ବର ଜରିଆରେ ମ୍ୟୁଟେସନ କେସ୍, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର, ଜନଜାତି ପ୍ରମାଣ ପତ୍ର, ଓବିସି ପ୍ରମାଣପତ୍ର, ଏସ୍‌ଇବିସି ପ୍ରମାଣପତ୍ର, ଲିଗାଲ୍‌ହେୟାର ପ୍ରମାଣପତ୍ର, ଇନ୍‌କମ୍ ଆଣ୍ଡ ଆସେଟ୍ ପ୍ରମାଣପତ୍ର, ଗାଡିଆନ୍‌ସିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବାକୁ ତହସିଲ୍ କାର୍ଯ୍ୟାଳୟକୁ ନ ଯାଇ ହ୍ୱାଟ୍ସଆପ୍ ନମ୍ବରରେ ପାଇପାରିବେ।

**ଆଉ ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍ ଉଦ୍‌ଘାଟନ**

**ସବୁ ତହସିଲ୍‌ରେ ଖୋଲିଲା ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ**

ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟର ୧୭ଟି ଜିଲ୍ଲାର ୫୬ଟି ତହସିଲ୍‌ରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଆଜିଠାରୁ ରାଜ୍ୟର ▶ପୃଷ୍ଠା-୭

## ଓଡ଼ିଶାରେ ବଢୁଛି ଡ୍ରପ୍‌ଆଉଟ୍ ହାର

### ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଶ୍ରେଣୀ ସବୁଠାରେ ସ୍ଥିତି ସଙ୍କଟଜନକ

■ ଭୁବନେଶ୍ୱର, ୫।୨ (ସମିସ): ରାଜ୍ୟରେ ବଢୁଛି ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା। ପୂର୍ବ ସରକାର ସମୟ(୨୦୨୩-୨୪) ଶିକ୍ଷାବର୍ଷରେ ରାଜ୍ୟରେ ଡ୍ରପହାଉଟ ହାର ୧୨.୮୦ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ଏହା ବୃଦ୍ଧି ପାଇ ୧୪.୯୬ ପ୍ରତିଶତରେ ପହଞ୍ଚିଛି । ବିଡ଼ମ୍ବନା ହେଉଛି ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ସହ ଉପକୂଳ ଓଡ଼ିଶାରେ ମଧ୍ୟ ଡ୍ରପଆଉଟ ସଂଖ୍ୟା ବୃଦ୍ଧି ପାଇଛି। ବିଶେଷକରି ମାଧ୍ୟମିକ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ପାଠ ଛାଡୁଥିବା ଦେଖାଯାଉଛି। ସରକାରଙ୍କ ମଧ୍ୟାହ୍ନ ଭୋଜନ, ▶ପୃଷ୍ଠା-୭

**୨୦୨୩-୨୪ରେ ୧୨.୮ ପ୍ରତିଶତ, ୨୦୨୪-୨୫ରେ ୧୪.୯୬ ପ୍ରତିଶତ**

**ବୌଦ୍ଧରେ ୨୩.୮୨%, ଭଦ୍ରକରେ ୨୧.୮୫%, ମାଲକାନଗିରିରେ ୨୧.୪୭%**

**ନବରଙ୍ଗପୁରରେ ମାଧ୍ୟମିକ ପାଠ ଛାଡ଼ିଛନ୍ତି ସର୍ବାଧିକ ୨୯.୬୫ ପ୍ରତିଶତ ଛାତ୍ରଛାତ୍ରୀ**


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ୫ମ ପିଢ଼ି ଲଢୁଆ ବିମାନ ନିର୍ମାଣରୁ ହାଲ୍ ବାଦ୍

■ ନୂଆଦିଲ୍ଲୀ, ୫।୨ (ଏଜେନ୍ସି): ଭାରତରେ ନିର୍ମାଣ ହେବ ୫ମ ପିଢ଼ିର ଷ୍ଟିଲ୍‌ଥ ଲଢୁଆ ବିମାନ। ମାତ୍ର ଏହି ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ (ଏଏମ୍‌ସିଏ)ର ବିକାଶ ଏବଂ ନିର୍ମାଣ ଦୌଡ଼ରୁ ବାଦ ପଡ଼ିଛି ରାଷ୍ଟ୍ରାୟତ୍ତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) । ବିମାନ ନିର୍ମାଣରେ ସବୁଠୁ ଅଭିଜ୍ଞ ସଂସ୍ଥା ତଥା ରାଷ୍ଟ୍ରାୟତ୍ତ ବିମାନ ନିର୍ମାତା ହାଲ୍ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପ୍ରକଳ୍ପ ପ୍ରଥମଥର ପାଇଁ ବାଦ୍ ପଡ଼ିଛି। ସରକାରଙ୍କ ଦ୍ୱାରା ସର୍ତ୍ତ ତଥା ମାନଦଣ୍ଡ ପୂରଣରେ ବିଫଳ ହୋଇଥିବା ଯୋଗୁଁ ହାଲ୍ ଏହି ବଡ଼ ପ୍ରକଳ୍ପରୁ ବାଦ ପଡ଼ିଥିବା କୁହାଯାଉଛି ଏବଂ ତିନୋଟି ଘରୋଇ କମ୍ପାନୀ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଲିମିଟେଡ୍, ଲାର୍ସନ୍ ଆଣ୍ଡ ଟୁବ୍‌ରୋ ଏବଂ କଲ୍ୟାଣୀ ଗ୍ରୁପର ଭାରତ ଫୋର୍ଜ ଲିମିଟେଡ୍ ପ୍ରାଥମିକ ଭାବରେ ଏଥିପାଇଁ ମନୋନୀତ (ସର୍ଟ ଲିଷ୍ଟ) କରାଯାଇଛି । ଏକ ରିପୋର୍ଟ ଅନୁଯାୟୀ, ୭ଟି କମ୍ପାନୀର ବୈଷୟିକ ବିଡ୍ ଯାଞ୍ଚ କରିବା ପରେ ତିନୋଟି କମ୍ପାନୀକୁ ଏଥି? ନିମନ୍ତେ

**ଟାଟା, ଏଲ୍‌ଆଣ୍ଡଟି, ଭାରତ ଫୋର୍ଜକୁ ଅର୍ଡର**

**'ହାଲ୍' ସେୟାର ମୂଲ୍ୟ ୧୩ ପ୍ରତିଶତ ହ୍ରାସ**



ଶର୍ଟ ଲିଷ୍ଟ କରାଯାଇଛି। ଫଳରେ ଦିନକରେ ହାଲର ସେୟାର ମୂଲ୍ୟ ୧୩% ହ୍ରାସ ପାଇଛି ଏବଂ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ରୁଗ୍ଣ କରିବାକୁ ଷଡ଼ଯନ୍ତ୍ର ହେଉଥିବା ବିଶେଷଜ୍ଞମାନେ ସନ୍ଦେହପ୍ରକଟ କରିଛନ୍ତି ।

୨୦୨୧ ଫେବୃଆରୀ ରେ ୮୩ ଟି ଉନ୍ନତ ତେଜସ୍ ଜେଟ୍ ନିର୍ମାଣ କରିବା ପାଇଁ ଏକ କଣ୍ଟ୍ରାକ୍ଟ ଦିଆଯାଇଥିଲା। ମାତ୍ର ଏହି ବିମାନ ଏଯାଏ ବାୟୁସେନାକୁ ମିଳିନାହିଁ। ଏହାପରେ ହାଲ୍‌କୁ ଗତବର୍ଷ ୯୭ଟି ତେଜସ୍ ମାର୍କ-୧ଏ ଲଢୁଆ ବିମାନ ନିମନ୍ତେ ମଧ୍ୟ ବରାଦ ଦିଆଯାଇଥିଲା, ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ହାଲ୍ ସହିତ ୬୨,୩୭୦ କୋଟି ଟଙ୍କାର ଏକ ଚୁକ୍ତି ସ୍ୱାକ୍ଷର କରିଛି। ମାତ୍ର ଏହାର ଅଗ୍ରଗତି ସନ୍ତୋଷଜନକ ନୁହେଁ ବୋଲି କୁହାଯାଉଛି। ଏପରିକି ବାୟୁସେନା ମୁଖ୍ୟ ହାଲ୍‌ର କୌଣସି ପ୍ରକଳ୍ପ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ହୋଇ ପାରିନାହିଁ ବୋଲି ମଧ୍ୟ ଟିପ୍ପଣୀ ଦେଇଛନ୍ତି। ଯାହା ଫଳରେ ହାଲ୍‌ର ବିମାନ ନିର୍ମାଣ କ୍ଷେତ୍ରରେ ଦକ୍ଷତା ଓ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ତେଜସ୍ ଯୁଦ୍ଧ ବିମାନ ଡେଲିଭରୀରେ ବିଳମ୍ବର ମୁଖ୍ୟ କାରଣ ଭାବରେ ଆମେରିକୀୟ ଇଞ୍ଜିନ ଯୋଗାଣରେ ବିଳମ୍ବକୁ ହାଲ୍ କର୍ତ୍ତୃପକ୍ଷ ଦାୟୀ କରିଥିଲେ ମଧ୍ୟ ତାହାକୁ ସରକାର ଗ୍ରହଣ କରିପାରୁ ନାହାନ୍ତି।

ହାଲ୍ ନିର୍ଦ୍ଧାରିତ ସମୟଅନୁଯାୟୀ ତେଜସ୍ ମାର୍କ-୧ ଏବଂ ମାର୍କ-୨ ଲଢୁଆ ବିମାନ ଯୋଗାଣ ଉପରେ ଧ୍ୟାନ କେନ୍ଦ୍ରୀତ କରୁ ▶ପୃଷ୍ଠା-୭

## ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ଆଜୀବନ ଜେଲ

ୱାଶିଂଟନ, ୫।୨(ଏଜେନ୍ସି): ଆମେରିକାର ଫ୍ଲୋରାଡ଼ାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ବ୍ୟକ୍ତି ରୟାନ ରାଉଥ୍ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଫେଡେରାଲ କୋର୍ଟ ତାଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ବୁଧବାର କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏହି ଘଟଣା ୨୦୨୪ ସେପ୍ଟେମ୍ବର ୧୫ରେ ଘଟିଥିଲା। ସେତେବେଳେ ଟ୍ରମ୍ପ ନିର୍ବାଚନ ପ୍ରଚାର କରୁଥିଲେ। ରାଉଥ ଏକ ଏକେ-୪୭ ଶୈଳୀର ରାଇଫଲ ଓ ଏକ ବଡ଼ି ଆର୍ମର ସହ ଟ୍ରମ୍ପଙ୍କ ଗଲ୍ କୋର୍ସ ନିକଟସ୍ଥ ଏକ ବୁଦା ପଛରେ ଲୁଚି ରହିଥିଲା। ରାଇଫଲର ନଳୀ ଓ ରାଉଥଙ୍କ ମୁହଁ ଦେଖାଯିବା ପରେ ଜଣେ ସୁରକ୍ଷାକର୍ମୀ ଗୁଳି କରିଥିଲେ। ସେଠାରୁ ଫେରାର ହୋଇଥିଲେ ମଧ୍ୟ ପୁଲିସ ତାଙ୍କ ଗାଡ଼ିର ନମ୍ବର ପ୍ଲେଟ ସାହାଯ୍ୟରେ ତାଙ୍କୁ ଗିରଫ କରିଥିଲା। ଏବେ ଆଜୀବନ କରାଦଣ୍ଡ ସହିତ ରାଉଥ ଅସ୍ତ୍ରଶସ୍ତ୍ର ରଖିବା ପାଇଁ ୮୪ ମାସ, ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ପାଇଁ ୨୪୦ ମାସ, ପୂର୍ବରୁ ଅପରାଧୀ ହୋଇଥିଲେ ମଧ୍ୟ ଅସ୍ତ୍ର ରଖିଥିବାରୁ ୧୮ ମାସ ଓ ସିରିଏଲ ନମ୍ବର ଲିଭାଯାଇଥିବା ଅସ୍ତ୍ର ରଖିଥିବାରୁ ୬୦ ମାସ ଜେଲ ଭୋଗିବେ ବୋଲି କୋର୍ଟ କହିଛି।

## ୭ ଲକ୍ଷ ସେଓ ଗଛ ପାଇଁ ୩ ରେଳ ପ୍ରକଳ୍ପ ସ୍ଥଗିତ

ଶ୍ରୀନଗର, ୫।୨(ଏଜେନ୍ସି): ରେଳ ମନ୍ତ୍ରଣାଳୟ ଜମ୍ମୁ-କଶ୍ମୀରରେ ପ୍ରସ୍ତାବିତ ୩ଟି ରେଳ ପ୍ରକଳ୍ପ ବର୍ତ୍ତମାନ ପାଇଁ ରୋକି ଦେଇଛି। ୨୦୨୩ ଡିସେମ୍ବରରେ ରେଳବାଇ କଶ୍ମୀରର ୩ଟି ରେଳ ଲାଇନ୍‌ର ସର୍ଭେ ପାଇଁ ମଞ୍ଜୁରୀ ପାଇଥିଲା। ସେଗୁଡିକ ହେଲା ସୋପୋର- କୁପୱାଡ଼ା (୩୩.୭ କିମି), ଅବନ୍ତୀପୋରା-ଶୋପିଆନ (୨୭.୬ କିମି) ଓ ଅନନ୍ତନାଗ- ବିଜବେହାରା-ପହଲଗାମ (୭୭.୫ କିମି)। ସ୍ଥାନୀୟ ବାସିନ୍ଦା ଓ ରାଜ୍ୟ ସରକାରଙ୍କ ଆପତ୍ତି ପରେ ଏହି ସର୍ଭେ କାର୍ଯ୍ୟ ବନ୍ଦ କରାଯାଇଛି। ଏହି ୩ଟି ରେଳ ଲାଇନ୍ ଉପତ୍ୟାକାର ପ୍ରମୁଖ କୃଷି ଉଦ୍ୟାନ ଶୋପିଆନ, ପୁଲୱାମା ଓ ଅନନ୍ତନାଗ ଦେଇ ଯାଇଥାନ୍ତା। ଏହି ୩ ରେଳ ଟ୍ରାକ୍ ନିର୍ମାଣ ହୋଇଥିଲେ, ୭ ଲକ୍ଷରୁ ଅଧିକ ସେଓ ଗଛ ନଷ୍ଟ ହୋଇଥାନ୍ତା। ଚାଷ ଜମିର କ୍ଷତି କାରଣରୁ ହଜାର ହଜାର ପରିବାର ଜୀବିକା ହରାଇବାର ସଙ୍କଟ ସୃଷ୍ଟି ହୋଇଥିଲା। ସେଥିପାଇଁ କୃଷକମାନେ ମଧ୍ୟ ଏହି ପ୍ରକଳ୍ପକୁ ତୀବ୍ର ବିରୋଧ କରିଥିଲେ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଜମ୍ମୁ-କଶ୍ମୀର ସରକାର ଓ ସାଂସଦମାନଙ୍କ ସୁପାରିଶ ପରେ ଏହି ୩ଟି ପ୍ରକଳ୍ପକୁ ସ୍ଥଗିତ ରଖାଯାଇଛି।

## ହ୍ୱିଲ୍ ଚେୟାରରେ ବସି ସଂସଦକୁ ଆସିଲେ ଥରୁର୍



ନୂଆଦିଲ୍ଲୀ, ୫।୨(ଏଜେନ୍ସି): ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଶଶି ଥରୁରଙ୍କ ପାଇଁ ଖରାପ ସମୟ ଚାଲିଛି। ତାଙ୍କ ପୁଅ ଇଶାନଙ୍କୁ 'ୱାଶିଂଟନ ପୋଷ୍ଟ'ରୁ ଚାକିରିରୁ ବାହର କରି ଦିଆଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ସଂସଦ ସିଡ଼ିରେ ତଳକୁ ଓହ୍ଲାଇବା ବେଳେ ସେ ପଡ଼ିଯାଇଥିଲେ ଓ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଫଳରେ ସେ ହ୍ୱିଲ ଚେୟାରରେ ବସି ଗୁରୁବାର ସଂସଦକୁ ଆସିଥିଲେ। ପାହାଚରେ ଓହ୍ଲାଉଥିବା ବେଳେ ସେ ଫୋନ୍‌ରେ କଥା ହେଉଥିଲେ ଓ ଗୋଡ଼ ଖସି ଯାଇଥିଲା ଓ ସେ ପଡ଼ି ଯାଇଥିଲେ। ତେବେ ସେ ନିଜର ସଂସଦୀୟ କାର୍ଯ୍ୟ ଓ କେରଳ ବିଧାନସଭା ନିର୍ବାଚନରେ ପ୍ରଚାର ଜାରି ରଖିବେ ବୋଲି କହିଛନ୍ତି। ସାମ୍ବାଦିକଙ୍କ ସହ କଥା ହେବା ବେଳେ ସେ କହିଛନ୍ତି ଯେ, ମୁଁ ମୋର କାମ ଜାରି ରଖିବି। କିନ୍ତୁ ବଜେଟ ସେସନର ଅବଶିଷ୍ଟ ସମୟ ପାଇଁ ମୋତେ ହୁଇଲ ଚେୟାରରେ ଆସିବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ, ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ରେ ଶେଷ ହେବ। ସୁସ୍ଥ ହେବାକୁ ତାଙ୍କୁ ୪ରୁ ୬ ସପ୍ତାହ ସମୟ ଲାଗିବ। ଥରୁର କେରଳର ତିରୁଅନନ୍ତପୁରମର କଂଗ୍ରେସର ସାଂସଦ ଅଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ହେଆରଲାଇନ ଫ୍ରାକ୍‌ଚର ହୋଇଛି ଓ ପ୍ଲାଷ୍ଟର ହୋଇଛି।

## ପୁଲିସ ହାଜତରେ ଅଲ୍ ଫଲ୍‌ହା ଅଧ୍ୟକ୍ଷ

ଫରିଦାବାଦ୍, ୫।୨(ଏଜେନ୍ସି): ଫରିଦାବାଦ୍‌ସ୍ଥିତ ଅଲ ଫଲ୍‌ହା ବିଶ୍ୱ ବିଦ୍ୟାଳୟର ଚେୟାରମ୍ୟାନ ତଥା ଅଧ୍ୟକ୍ଷ ଜୱାଦ ଅହମ୍ମଦ ସିଦ୍ଦିକିଙ୍କୁ ଦିଲ୍ଲୀ ପୁଲିସର କ୍ରାଇମ ବ୍ରାଞ୍ଚ୍ ଗୁରୁବାର ଗିରଫ କରିଛି। ଗିରଫଦାରୀ ପଟେ ତାଙ୍କୁ ତୁରନ୍ତ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସିଦ୍ଦିକିଙ୍କୁ ୪ ଦିନିଆ ପୁଲିସ ହେପାଜତକୁ ପଠାଇଛି। ୟୁଜିସି (ୟୁଜିସି) ପକ୍ଷରୁ ଦାୟର କରାଯାଇଥିବା ଦୁଇଟି ଏଫ୍‌ଆଇଆର୍ ଆଧାରରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଶ୍ୱବିଦ୍ୟାଳୟ ପରିଚାଳନାରେ ଅନିୟମିତତା ଓ ଜାଲିଆତି ଅଭିଯୋଗରେ ଏହି ମାମଲା ରୁଜୁ ହୋଇଥିଲା। ପୁଲିସ ତାଙ୍କୁ ପ୍ରଶାସନିକ କାର୍ଯ୍ୟ, ଆର୍ଥିକ କାରବାର ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ସମ୍ପର୍କରେ ପଚରା ଉଚରା କରିଥିଲା। ପୂର୍ବରୁ ଏହି ବିଶ୍ୱ ବିଦ୍ୟାଳୟର କିଛି ଡାକ୍ତର ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ଗିରଫ ହେବା ପରେ ଏହି ବିଶ୍ୱ ବିଦ୍ୟାଳୟ ତଦନ୍ତ ପରିସରକୁ ଆସିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ସିଦ୍ଦିକି ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଏହି ମାମଲାରେ ପ୍ରାୟ ୫୪ ଏକର ଜମି ଓ ସେଥିରେ ନିର୍ମିତ ୧୩୯.୯୭ କୋଟି ଟଙ୍କାର ସମ୍ପତ୍ତିକୁ ମଧ୍ୟ ଇଡି ଜବତ କରିଛି। ଦିଲ୍ଲୀ ବିସ୍ଫୋରଣ ପରେ ୟୁଜିସି ପକ୍ଷରୁ ଦୁଇଟି ଏଫ୍‌ଆଇଆର ରୁଜୁ କରାଯାଇଥିଲା। ଏହି ଚାର୍ଜସିଟ୍‌ର ଶୁଣାଣି କରି ଦିଲ୍ଲୀର ସାକେତ କୋର୍ଟ ଜାନୁଆରୀ ୩୧ରେ ଗ୍ରୁପ୍‌ର ୫୪ ଏକର ଜମି ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦିଲ୍ଲୀ ପୁଲିସର ଏକ ଟିମ ଅଲ- ଫଲହା ଗ୍ରୁପ୍‌ର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

### ଶେଷ ହେଲା ରୁଷ-ଆମେରିକା ଚୁକ୍ତି

# ବିଶ୍ୱକୁ ଏବେ ପରମାଣୁ ବିପଦ

ନୂଆଦିଲ୍ଲୀ, ୫।୨(ଏଜେନ୍ସି): ବିଶ୍ୱର ଦୁଇ ମହାଶକ୍ତି ବିବେଚିତ ହେଉଥିବା ଆମେରିକା ଓ ରୁଷିଆ ମଧ୍ୟରେ ଏକମାତ୍ର ଅବଶିଷ୍ଟ ପରମାଣୁ ଚୁକ୍ତି ଆଜି ଶେଷ ହୋଇଛି। ଏହା ପ୍ରାୟ ଗତ ଦଶନ୍ଧିର ପରମାଣୁ ନିୟନ୍ତ୍ରଣ ସହଯୋଗର ଅନ୍ତକୁ ସୂଚାଉଛି। ଏହି ଚୁକ୍ତିର ଅର୍ଥ କ'ଣ ଥିଲା? ଏହା କ'ଣ ଏକ ନୂତନ ପରମାଣୁ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ କରିବ। ଏହିଭଳି କେତୋଟି ପ୍ରଶ୍ନକୁ ନେଇ ଚିନ୍ତା କରିବାର ସମୟ ଆସିଛି। ପୁଣି ବିଶ୍ୱ ପାଇଁ ଏହାର ପ୍ରାସଙ୍ଗିକତା କ'ଣ ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ପୁଣିଥରେ ବିଶ୍ୱ ଆଉ ଏକ ସଙ୍କଟକୁ ଚାଲିଯିବ କି ବୋଲି ପ୍ରଶ୍ନ ଉଠୁଛି।

ଆମେରିକା ଓ ରୁଷିଆ ମଧ୍ୟରେ ଥିବା ଶେଷ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତି ଗୁରୁବାର ଦିନ ଶେଷ ହୋଇଛି। ଏଥିସହ ପରମାଣୁ ଅସ୍ତ୍ର ମୁତୟନ ଉପରେ ମଧ୍ୟ କଣକଣା ହଟିଯିବ। ଏହା ଦୁଇ ମହାଶକ୍ତି ମଧ୍ୟରେ ଏକ ଅନିୟନ୍ତ୍ରିତ ପରମାଣୁ ଅସ୍ତ୍ର ଦୌଡ଼ ଆଶଙ୍କା ବଢ଼ାଇ ଦେଇଛି। ୟୁକ୍ରେନ ଯୁଦ୍ଧକୁ ନେଇ ଚାଲିଥିବା ତିକ୍ତତା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ଚୁକ୍ତିର ଅବଧିକୁ ବଢ଼ାଇବାକୁ ଅନିଚ୍ଛା ପ୍ରକାଶ କରିବା ଏବେ ଚିନ୍ତାର ବିଷୟ ହୋଇଛି।

ବିଶ୍ୱର ୮୭ ପ୍ରତିଶତ ପରମାଣୁ ଅସ୍ତ୍ର କେବଳ ଆମେରିକା ଓ ରୁଷିଆ ପାଖରେ ରହିଛି। 'ନ୍ୟୁ ଷ୍ଟାର୍ଟ' ନାମରେ ପରିଚିତ ଏହି ରଣନୈତିକ ଅସ୍ତ୍ର କମାଇବା ଚୁକ୍ତି ୨୦୧୦ରେ ଏହା ନବୀକରଣ ହେବା ସହ ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି କେବଳ ଅସ୍ତ୍ର ସଂଖ୍ୟା ସୀମିତ ରଖୁନଥିଲା, ବରଂ ଏହା ଯାଞ୍ଚ୍ ପାଇଁ ବ୍ୟବସ୍ଥା ରଖିଥିଲା। ଏହି ଚୁକ୍ତିର ନିୟମ ଥିଲା ଯେ, ଉଭୟ ଦେଶ ନିଜର ରଣନୈତିକ ପରମାଣୁ ଶକ୍ତିର ଗତିବିଧି ସୂଚନା ପରସ୍ପରକୁ ପ୍ରଦାନ କରୁଥିଲେ। ୨୦୨୧ରେ ସେତେବେଳର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦ୍ୱାରା ଏହି ଚୁକ୍ତି ୫ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ଉଭୟ ଦେଶର ପରମାଣୁ ଅସ୍ତ୍ର ସଂଖ୍ୟା ୧,୫୫୦ରେ ସୀମିତ ଥିଲା।

ବର୍ତ୍ତମାନ ଏହି ଚୁକ୍ତି ଶେଷ ହେବା ପରେ ଆମେରିକା ଓ ରୁଷ ନିଜ ଇଚ୍ଛା ଅନୁସାରେ ପରମାଣୁ ଅସ୍ତ୍ର ଓ ମିସାଇଲ୍ ତିଆରି କରିବାକୁ ସ୍ୱାଧୀନ। ଏହି ଚୁକ୍ତିର ଅବସାନ ପରେ ଭୟାବହ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସାରା ବିଶ୍ୱରେ ପରମାଣୁ ଅସ୍ତ୍ର ଉପରେ କୌଣସି ସୀମା ରହିବ ନାହିଁ। ସରଳ ଭାଷାରେ କହିବାକୁ ଗଲେ ଆମେରିକା ଓ ରୁଷିଆ ଏବେ ନିଜ ଇଚ୍ଛା ଅନୁସାରେ ପରମାଣୁ ଅସ୍ତ୍ର ତିଆରି କରିବେ ଓ ଏହା ଉପରେ ଲଗାମ ରହିବ ନାହିଁ।




### ଚାଲିବ ମହାଶକ୍ତିଙ୍କ ପରମାଣୁ ପ୍ରତିଯୋଗିତା

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, 'ଯଦି ଏହା ଶେଷ ହେଉଛି, ତେବେ ହେଉ'। ଅନ୍ୟପଟେ ରୁଷ୍ କହିଛି ଯେ, ସେମାନେ ଆଉ ଏହି ସୀମା ମାନିବାକୁ ବାଧ୍ୟ ନୁହଁନ୍ତି। ଯେକୌଣସି ନୂତନ ଚୁକ୍ତିରେ ଚୀନ୍‌କୁ ସାମିଲ କରାଯାଉ ବୋଲି ଆମେରିକା ଚାହୁଁଛି। ଚୀନର ପରମାଣୁ ଅସ୍ତ୍ର ସଂଖ୍ୟା ପ୍ରାୟ ୬୦୦ ବୋଲି ଅନୁମାନ କରାଯାଉଛି। ଏହା ଭାରତ ପାଇଁ ମଧ୍ୟ ଚିନ୍ତା ସୃଷ୍ଟି କରୁଛି। କାରଣ ଚୀନ୍ ସହିତ ଭାରତର ସୀମା ବିବାଦ ରହିଛି ଓ ଏଥିପାଇଁ ଏକାଧିକ ବାର ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ହୋଇଛନ୍ତି। ଏହି ଚୁକ୍ତି ଅବଧି ଶେଷ ହେବା ସାରା ବିଶ୍ୱ ଉପରେ ପ୍ରଭାବ ପକାଇବ ଓ ଏହାର ପ୍ରାସଙ୍ଗିକତା ମଧ୍ୟ ରହିବ। ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ ଚେତାବନୀ ଦେଇଛନ୍ତି ଯେ, ବର୍ତ୍ତମାନ ଓ ଆଗାମୀ ଦଶନ୍ଧିରେ ପରମାଣୁ ଅସ୍ତ୍ର ବ୍ୟବହାରର ବିପଦ ସବୁଠାରୁ ଅଧିକ ରହିଛି। ଏହା ୧୯୭୦ରେ ପରମାଣୁ ଅସ୍ତ୍ର ଚୁକ୍ତିକୁ ମଧ୍ୟ ଦୁର୍ବଳ କରିଦେବ। ଯଦି ବଡ଼ ଦେଶଗୁଡ଼ିକ ଅସ୍ତ୍ର ବଢ଼ାଇବେ, ତେବେ ଅଣ- ପରମାଣୁ ରାଷ୍ଟ୍ରଗୁଡ଼ିକ ମଧ୍ୟ ନିଜକୁ ସୁରକ୍ଷିତ ରଖିବା ପାଇଁ ପରମାଣୁ ଅସ୍ତ୍ର ହାସଲ କରିବାକୁ ପ୍ରୟାସ କରିବେ। ଭାଟିକାନ୍ ସିଟିର ପୋପ୍ ମଧ୍ୟ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ପରମାଣୁ ଅସ୍ତ୍ରର ଦୌଡ଼କୁ ରୋକିବାକୁ ସବୁ ପ୍ରକାର ପ୍ରୟାସ କରାଯିବା ଉଚିତ। ଉଲ୍ଲେଖଥାଉ କି, ୨୦୧୦ରେ 'ନ୍ୟୁ ଷ୍ଟାର୍ଟ' ନାମରେ ପରିଚିତ ଏହି ରଣନୈତିକ ଅସ୍ତ୍ର କମାଇବା ଚୁକ୍ତି ସେତେବେଳର ଆମେରିକୀୟ ରାଷ୍ଟ୍ରପତି ବାରାକ ଓବାମା ଓ ରୁଷିଆର ରାଷ୍ଟ୍ରପତି ଦିମିତ୍ରି ମେଦଭେଦେଭଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା ଓ ୨୦୨୧ରେ ବାଇଡେନ ଆଉ ୫ ବର୍ଷ ପାଇଁ ଏହି ଚୁକ୍ତି ବଢ଼ାଇଥିଲେ।

## ନିର୍ବାଚନ ସମୟରେ ମାଗଣା ଉପହାର ଘୋଷଣା ମାମଲାର ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟ ରାଜି

ନୂଆଦିଲ୍ଲୀ, ୫।୨(ଏଜେନ୍ସି): ନିର୍ବାଚନ ସମୟରେ ବା ପୂର୍ବରୁ 'ଅଯୌକ୍ତିକ ମାଗଣା ଉପହାର' ପ୍ରତିଶ୍ରୁତି ଦେଉଥିବା କିମ୍ବା ବଣ୍ଟନ କରୁଥିବା ରାଜନୈତିକ ଦଳଗୁଡ଼ିକ ସମ୍ପର୍କରେ ସୁପ୍ରିମକୋର୍ଟ ଆସନ୍ତା ମାସରେ ଶୁଣାଣି କରିବେ। ଏଥିପାଇଁ ଦଳଗୁଡ଼ିକର ନିର୍ବାଚନ ସଙ୍କେତ ଜବତ କରିବା କିମ୍ବା ପଞ୍ଜିକରଣ ବାତିଲ କରିବା ପାଇଁ ଦାୟର ହୋଇଥିବା ଏକ ଜନସ୍ୱାର୍ଥ୍ୟ ମାମାଲ (ପିଆଇଏଲ୍)ର ଶୁଣାଣି ଆସନ୍ତା ମାର୍ଚ୍ଚରେ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସହମତି ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ପିଆଇଏଲ୍ ଆବେଦକ ଅଶ୍ୱିନୀ ଉପାଧ୍ୟାୟ କହିଛନ୍ତି ଯେ, ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡିକ ମତଦାତାଙ୍କୁ 'ସୂର୍ଯ୍ୟ ଓ ଚନ୍ଦ୍ର ଛଡ଼ା ବାକି ସବୁକିଛି' ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ଏହା ଏକ ଦୁର୍ନୀତିଗ୍ରସ୍ତ ଅଭ୍ୟାସ। ପୂର୍ବରୁ ଏହି ପ୍ରସଙ୍ଗକୁ ସୁପ୍ରିମକୋର୍ଟ ଗୁରୁତର ବୋଲି କହିଥିଲେ ଓ ମତ ଦେଇଥିଲେ ଯେ, କେତେକ କ୍ଷେତ୍ରରେ ମାଗଣା ଉପହାର ବା ଘୋଷଣାର ବଜେଟ୍ ନିୟମିତ ବଜେଟକୁ ମଧ୍ୟ ଟପି ଯାଉଛି। ଏହି ପିଆଇଏଲ୍ ପ୍ରଥମେ ୨୦୨୨ରେ ଦାୟର କରାଯାଇଥିଲା। ସେତେବେଳେ ତତ୍କାଳୀନ ପ୍ରଧାନ ବିଚାରପତି ଏନ୍‌ଭି ରମନ୍ନାଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠ ଏହି ବିଷୟରେ ସେତେବେଳେ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କଠାରୁ ଜବାବ ମାଗିଥିଲେ। ଏହି ପିଆଇଏଲ୍‌ରେ ମୁଖ୍ୟତଃ ୪ଟି ଦାବି ରହିଛି। ସେଗୁଡିକ ହେଲା ସର୍ବସାଧାରଣ ପାଣ୍ଠିରୁ ଅଯୌକ୍ତିକ ମାଗଣା ଉପହାର ପ୍ରତିଶ୍ରୁତି ଦ୍ୱାର ଭୋଟର ପ୍ରଭାବିତ ହୁଅନ୍ତି ନିର୍ବାଚନର ସ୍ୱଚ୍ଛତା ନଷ୍ଟ ହୁଏ। ଏହା ମଧ୍ୟ ସମ୍ବିଧାନର ଧାରା ୧୪ ସମେତ ଅନେକ ଧାରାକୁ ଉଲ୍ଲଂଘନ କରୁଛି। ଏହାକୁ ରୋକିବା ପାଇଁ ଆଇନ ପ୍ରଣୟନ ହେଉ କିମ୍ବା ନିର୍ବାଚନ ନିୟମରେ ପରିବର୍ତ୍ତନ କରାଯାଉ। ନିର୍ବାଚନ ସର୍ତ୍ତରେ ଏକ ନୂଆ ନିୟମ ଯୋଡ଼ା ଯାଉ। ଯାହା ଦ୍ୱାରା କୌଣସି ଦଳ ସରକାରୀ ପାଣ୍ଠିରୁ ମାଗଣା ସାମଗ୍ରୀ ବାଣ୍ଟିବାକୁ ପ୍ରତିଶ୍ରୁତି ଦେଇପାରିବେ ନାହିଁ।



## ୮ ଜଣ ଭାରତୀୟ ନାବିକଙ୍କୁ ମୁକ୍ତ କଲା ଇରାନ

ତେହେରାନ, ୫।୨(ଏଜେନ୍ସି): ଗତବର୍ଷ ଇରାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ଜାହଜ ଜବତ ହେବା ପରେ ଅଟକ ରଖାଯାଇଥିବା ୧୬ଜଣ ଭାରତୀୟ ନାବିକଙ୍କ ମଧ୍ୟରୁ ୮ ଜଣଙ୍କୁ ମୁକ୍ତ କରାଯାଇଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ସୂଚନା ଦେଇଛି। ବାକି ନାବିକଙ୍କ ମୁକ୍ତି ପାଇଁ ପ୍ରୟାସ ଜାରି ରହିଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବନ୍ଦର ଆବାସ ସ୍ଥିତ ଭାରତୀୟ ଦୂତାବାସ ଜରିଆରେ ସମସ୍ତ ୧୬ ଜଣ ନାବିକଙ୍କ ପାଖକୁ ପହଞ୍ଚିବା ପାଇଁ (କନସୁଲାର ଆକସେସ୍) ଅନୁମତି ମିଳିଥିଲା। ୧୬ ଜଣଙ୍କ ମଧ୍ୟରୁ ୮ ଜଣଙ୍କୁ ମୁକ୍ତି କରାଯାଇଛି ବୋଲି ଇରାନ କର୍ତ୍ତୃପକ୍ଷ ଜଣାଇଛନ୍ତି। ଆବଶ୍ୟକୀୟ ଯାତ୍ରା ପ୍ରକ୍ରିୟା ଶେଷ ହେବା ପରେ ସେମାନେ ନିଜ ଘରକୁ ଫେରିବେ ବୋଲି ସେ କହିଛନ୍ତି। ବାକି ନାବିକଙ୍କୁ ମୁକ୍ତ କରିବାକୁ ତେହେରାନ ସହ ଯୋଗାଯୋଗ ରକ୍ଷା କରାଯାଇଛି। ଉଲ୍ଲେଖଥାଉ କି, ୨୦୨୫ ଡିସେମ୍ବର ମଧ୍ୟଭାଗରେ ଇରାନ 'ଏମ୍‌ଟି ଭାଲିଆଣ୍ଟ ରୋର୍' ନାମକ ଏକ ଜାହାଜକୁ ଅଟକ ରଖିବା ପରେ ନାବିକଙ୍କୁ ଗିରଫ କରିଥିଲା।

## ଅହମଦାବାଦ୍‌ରେ ସିଲ୍‌ଭର୍ ଜୁବୁଲି ପାର୍ଟିରେ ଚଢ଼ଉ

ଅହମଦାବାଦ, ୫।୨(ଏଜେନ୍ସି): ଅହମଦାବାଦ୍‌ରେ ଏକ ସୂଚନା ଆଧାରରେ ପୁଲିସ ସାନନ୍ଦ ଅଞ୍ଚଳରେ ଏକ ହାଇପ୍ରୋଫାଇଲ ସିଲଭର ଜୁବୁଲି ଅର୍ଥାତ ଏକ ୨୫ତମ ବିବାହ ବାର୍ଷିକୀ ପାଳନ ପାର୍ଟି ଉପରେ ଚଢ଼ାଉ କରିଛି। ଫଳରେ ଏହି ପାର୍ଟି ବଡ଼ ବଡ଼ିଆ ଲୋକଙ୍କ ପାଇଁ ଶେଷରେ ଦୁଃସ୍ୱପ୍ନ ପାଲଟିଥିଲା। ଏହି ପାର୍ଟି ଉପରେ ଚଢ଼ାଉ କରି ପୁଲିସ ୮୧ ଜଣଙ୍କୁ ଅଟକ ରଖିଛି। ଏମାନଙ୍କ ମଧ୍ୟରେ ସହରର ପ୍ରମୁଖ ବିଲ୍ଡର, ଡାକ୍ତର, ବିଶିଷ୍ଟ ବ୍ୟବସାୟୀ ସହ କେତେଜଣ ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇଥିଲେ। 'ନିର୍ଭାନା ଗ୍ରୀନ୍ସ ଉଇକେଣ୍ଡ ହୋମ୍ସ'ରେ ଚାଲିଥିବା ଏହି ପାର୍ଟିରେ ବେଆଇନ ବିଦେଶୀ ମଦ ଓ ହୁକ୍କାର ପାନୀୟ କରାଯାଉଥିଲା। ପୁଲିସ ସେଠାରେ ପହଞ୍ଚିଲା ବେଳେ, ଭବ୍ୟ ଆୟୋଜନ ଦେଖିବାକୁ ପାଇଥିଲା, ଯେଉଁଠାରେ ଖାଦ୍ୟ ସହ ୧୧ଟି ଟେବଲରେ କେକ୍, ଦାମୀ ବିଦେଶୀ ମଦ ଓ ହୁକ୍କା ପରାଷା ଯାଉଥିଲା। ପୁଲିସକୁ ଦେଖି ପାର୍ଟିରେ ଯୋଗ ଦେଇଥିବା ଲୋକଙ୍କ ମଧ୍ୟରେ ଛନକା ପଶିଯାଇଥିଲା। ଅଟକ ରଖାଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଧିକାଂଶ ୩୫ରୁ ୪୫ ବର୍ଷ ମଧ୍ୟରେ। ପୁଲିସ ପାର୍ଟିରୁ ଅନେକ ବିଦେଶୀ ମଦ ବୋତଲ, ୧୦ରୁ ଅଧିକ ହୁକ୍କା ପାଇପ୍ ଓ ୨୦ରୁ ଅଧିକ ବିଳାଷପୂର୍ଣ୍ଣ କାର୍ ଜବତ କରିଛି। ସାନନ୍ଦ ପୁଲିସ ଅନୁଯାୟୀ ଅଟକଥିବା ୮୧ ଜଣଙ୍କ ମଧ୍ୟରୁ ୪୩ ଜଣ ପୁରୁଷ ଓ ୩୮ ଜଣ ମହିଳା। ପୁରୁଷମାନଙ୍କୁ ହେପାଜତକୁ ନିଆଯାଇ ମେଡିକାଲ ଟେଷ୍ଟ ପାଇଁ ସରକାରୀ ଡାକ୍ତରଖାନକୁ ପଠାଯାଇଛି। ମହିଳାମାନଙ୍କୁ ଆଇନଗତ ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଛି। ରାତିରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିବାର ଲୋକଙ୍କ ଭିଡ଼ ଯୋଗୁଁ ଉତ୍ତେଜନା ଦେଖାଦେଇଥିଲା। ଜବତ ହୋଇଥିବା ନିଷିଦ୍ଧ ସାମଗ୍ରୀ କେଉଁଠାରୁ ଆସିଲା ଓ ଏହାର ଆୟୋଜକ କିଏ ସେ ନେଇ ପୁଲିସ ତଦନ୍ତ କରୁଛି। ସାନନ୍ଦ ଅଞ୍ଚଳରେ ଏଭଳି ବେଆଇନ୍ ପାର୍ଟି ବିରୋଧରେ ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ପାର୍ଟିରେ ଯୋଗ ଦେଇଥିବା ଅତିଥିଙ୍କ ବିରୋଧରେ 'ପ୍ରୋହିବିସନ ଆକ୍ଟ' ଅନୁଯାୟୀ ମାମଲା ରୁଜୁ ପାଇଁ ପ୍ରସ୍ତୁତି ଚାଲିଛି ବୋଲି କୁହାଯାଇଛି।

**ବିଦେଶୀ ମଦ, ହୁକ୍କା, ବିଳାସପୂର୍ଣ୍ଣ କାର୍ ଜବତ, ୮୧ ଅଟକ**

## ସ୍ତ୍ରୀର 'ହନିମୁନ୍' ଷଡ଼ଯନ୍ତ୍ର: ଗାଡ଼ି ଚଢ଼ାଇ ସ୍ୱାମୀଙ୍କୁ ହତ୍ୟା

ଶ୍ରୀଗଙ୍ଗାନଗର, ୫।୨(ଏଜେନ୍ସି): ବହୁ ଚର୍ଚ୍ଚିତ ମେଘାଳୟ ହନିମୁନ ମର୍ଡର ପରେ ଆଉ ଏକ ସମାନ ଢଙ୍ଗରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପତ୍ନୀ ଷଡଯନ୍ତ୍ର ପୂର୍ବକ ସୁଚିନ୍ତିତ ଭାବେ ହତ୍ୟା କରିଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଘଟିଥିବା ଏହି ଘଟଣା ଘଟିଛି ଓ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ନବବିବାହିତ ଦମ୍ପତି ଆଶିଷ ଓ ଅଞ୍ଜୁ ଶୁକ୍ରବାର ବୁଲିବାକୁ ବାହାରକୁ ଯାଇଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଆଶିଷ ମୃତ୍ୟୁବରଣ କରିଥିଲେ। ଏହାକୁ ପ୍ରଥମେ ଏକ ଦୁର୍ଘଟଣା ବୋଲି ବିବେଚନା କରାଯାଉଥିଲା। କିନ୍ତୁ ପୁଲିସର ତଦନ୍ତ ପରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି ଓ ମେଘାଳୟର ହନିମୁନ ହତ୍ୟାକାଣ୍ଡ ଘଟଣାକୁ ମନେ ପକାଇଦେଇଛି। ଯେଉଁଠାରେ ସୋନମ ରଘୁବଂଶୀ ନାମକ ଏକ ମହିଳା ନିଜ ସ୍ୱାମୀଙ୍କୁ ଷଡ଼ଯନ୍ତ୍ର ପୂର୍ବକ ହତ୍ୟା କରିଥିଲା।

ଶ୍ରୀଗଙ୍ଗାନଗର ଏସ୍‌ପିଙ୍କ କହିବା ଅନୁଯାୟୀ, ଜାନୁଆରୀ ୩୦ ପ୍ରାୟ ରାତି ୯ଟା ସମୟରେ ରାସ୍ତା କଡ଼ରେ ଏକ ଦମ୍ପତି ଅଚେତ ଅବସ୍ଥାନରେ ପଡ଼ିଛନ୍ତି ବୋଲି ପୁଲିସକୁ ସୂଚନା ମିଳିଥିଲା। ହସ୍ପିଟାଲକୁ ନିଆଯିବା ପରେ ଡାକ୍ତର ଆଶିଷଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ୨୩ ବର୍ଷୀୟ ଅଞ୍ଜୁ ପୁଲିସ କହିଥିଲେ ଯେ, ସେମାନେ ବୁଲୁଥିବା ବେଳେ ଏକ ଗାଡ଼ି ଆସି ତାଙ୍କୁ ଧକ୍କା ଦେଇଥିଲା ଓ କେହି ଜଣେ ତାଙ୍କ ସୁନା ଅଳଙ୍କାର ଲୁଟି ନେଇଛି। କିନ୍ତୁ ତଦନ୍ତ ସମୟରେ ପୁଲିସ କିଛି ଅସଙ୍ଗତି ଦେଖିବାକୁ ପାଇଥିଲା। ବାସ୍ତବତା ଓ ଅଞ୍ଜୁଙ୍କ ବୟାନରେ ତାଳମେଳ ରହୁ ନଥିବା ପୁଲିସ ଜାଣିବାକୁ ପାଇଥିଲା।

ମେଡିକାଲ ରିପୋର୍ଟ ଅନୁସାରେ ଆଶିଷଙ୍କ ଶରୀରରେ ଆଘାତ ଚିହ୍ନ ସହ ତଣ୍ଟି ଚିପି ହତ୍ୟା କରାଯାଇଥିବାର ପ୍ରମାଣ ମିଳିଥିଲା। କିନ୍ତୁ ଅଞ୍ଜୁଙ୍କ ଶରୀରରେ କୌଣସି ଆଘାତ ଲାଗି ନଥିଲା। ଫୋନ ରେକର୍ଡରୁ ଜଣାପଡ଼ିଥିଲା ଯେ, ଅଞ୍ଜୁ ନିଜ ଘର ପାଖରେ ଥିବା ସଞ୍ଜୁ ସହ ବରାବର ସମ୍ପର୍କରେ ଥିଲା। ମାତ୍ର ୩ ମାସ ପୂର୍ବେ ଆଶିଷ ଓ ଅଞ୍ଜୁ ବିବାହ କରିଥିଲେ। କିନ୍ତୁ ଅଞ୍ଜୁ ବିବାହରେ ଖୁସି ନଥିଲେ। ନିଜ ବାପଘରୁ ଯାଇଥିବା ସମୟରେ ସେ ପୁଣିଥରେ ପ୍ରେମିକ ସଞ୍ଜୁଙ୍କ ସହ ସମ୍ପର୍କ ବଢ଼ାଇଥିଲେ ଓ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଘଟଣା ଦିନ ଅଞ୍ଜୁ ଆଶିଷଙ୍କୁ ଏକ ନିଛାଟିଆ ରାସ୍ତାକୁ ନେଇଯାଇଥିଲେ, ସେଠାରେ ସଞ୍ଜୁ ଓ ତାଙ୍କର ଦୁଇ ସହଯୋଗୀ ବୁଦାମୂଳେ ଲୁଚିକରି ଥିଲେ। ସେମାନେ ଆଶିଷଙ୍କୁ ନିର୍ମମ ଭାବେ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ଲୁଟ୍‌ର ନାଟକ କରିବା ପାଇଁ ଅଞ୍ଜୁ ନିଜ ଫୋନ ଓ କାନଫୁଲ ସେମାନଙ୍କୁ ଦେଇଥିଲେ ଓ ଅଚେତ ହେବାର ଅଭିନୟ କରିଥିଲେ। ପୁଲିସର ପଚରା ଉଚରା ପରେ ଅଞ୍ଜୁ ସବୁକଥା ମାନିଥିଲା। ପୁଲିସ ଏବେ ଅଞ୍ଜୁ, ସଞ୍ଜୁ ଓ ଅନ୍ୟ ସହଯୋଗୀଙ୍କୁ ଗିରଫ କରିଛି।


## ୱାଙ୍ଗଚୁକ୍‌ଙ୍କ ଜାମିନ ଉପରେ କେନ୍ଦ୍ର ବିଚାର କରୁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫।୨(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ଦିନ କେନ୍ଦ୍ର ସରକାରଙ୍କୁ ବିଶିଷ୍ଟ ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କୁ ଜାମିନ ଦେବା ନେଇ ବିଚାର କରନ୍ତୁ ବୋଲି କହିଛନ୍ତି। କେବଳ ଆଇନଗତ ଯୁକ୍ତି କିମ୍ବା ଦଲିଲ ନୁହେଁ, ମାନବିକତା ଦୃଷ୍ଟିକୋଣରୁ ବିଚାର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେ ଗତ ୫ ମାସ ହେବ ଜେଲ୍‌ରେ ଅଛନ୍ତି ଓ ତାଙ୍କ ସ୍ୱାସ୍ଥାବସ୍ଥା ଭଲ ନାହିଁ। ତେଣୁ ସରକାର ତାଙ୍କୁ ହେପାଜତରେ ରଖିବା ନେଇ ପୁନର୍ବିଚାର କରନ୍ତୁ। ଜଷ୍ଟିସ ଅରବିନ୍ଦ କୁମାର ଓ ପିବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି ଯେ, ୱାଙ୍ଗଚୁକଙ୍କ ଉପରେ ଦଲିଲ ବାହାରକୁ ଯାଇ କେନ୍ଦ୍ର ନିଷ୍ପତ୍ତି ନେଉ। ୱାଙ୍ଗଚୁକ୍ ୨୦୨୫ ସେପ୍ଟେମ୍ବର ୨୬ରୁ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ଲେହରେ ହୋଇଥିବା ହିଂସାକୁ ଉସୁକାଇବା ଅଭିଯୋଗରେ ତାଙ୍କ ଗିରଫ କରାଯାଇଥିଲା। ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି। ତାଙ୍କ ବିରୋଧରେ କଠୋର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଲଗାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ଦର୍ଶାଉଛି ଯେ, କେବଳ ଆଇନଗତ ଦିଗ ନୁହେଁ, ବରଂ ବ୍ୟକ୍ତିର ସ୍ୱାସ୍ଥ୍ୟ ଓ ମାନବିକ ଅଧିକାରକୁ ମଧ୍ୟ ପ୍ରାଧାନ୍ୟ ଦେଉଛନ୍ତି। ଏନ୍‌ଏସ୍‌ଏ ଭଳି କଠୋର ଆଇନ ଲାଗୁ ହୋଇଥିଲେ ମଧ୍ୟ କୋର୍ଟ ସରକାରଙ୍କୁ ୱାଙ୍ଗଚୁକଙ୍କ ମୁକ୍ତି ସମ୍ପର୍କରେ ପୁନଃବିଚାର କରିବାକୁ ପ୍ରୋତ୍ସାହିତ କରିଛନ୍ତି।

### ଗାଜିଆବାଦ୍‌ର ୩ ଭଉଣୀଙ୍କ ଆତ୍ମହତ୍ୟା ମାମଲା

# ଦୁଇ କୋଟି ଟଙ୍କାର ଋଣ, ଗଭୀର ଆର୍ଥିକ ସଙ୍କଟରେ ବାପା

ଗାଜିଆବାଦ୍, ୫।୨(ଏଜେନ୍ସି): ଗାଜିଆବାଦ୍‌ରେ ମଙ୍ଗଳବାର ଘଟିଥିବା ହୃଦୟବିଦାରକ ୩ ଭଉଣୀଙ୍କ ଆତ୍ମହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ ମୃତ ଭଉଣୀଙ୍କ ବାପା ଚେତନ କୁମାର ଗଭୀର ଆର୍ଥିକ ସଙ୍କଟରେ ଥିଲେ ଓ ତାଙ୍କ ଉପରେ ପ୍ରାୟ ଦୁଇ କୋଟି ଟଙ୍କାର ଋଣ ଥିଲା। ଏହି ୩ ଭଉଣୀ ଗତ ୨-୩ ବର୍ଷ ହେବ ସ୍କୁଲ ଯାଉ ନଥିଲେ। ଏହାଦ୍ୱାରା ବାପାଙ୍କ ଆର୍ଥିକ ସ୍ଥିତି ଖରାପ ଥିବା ସୂଚନା ମିଳିଥିଲା ବୋଲି କୁହାଯାଉଛି। ଏହି ଅଭାବନୀୟ ଘଟଣାରେ ମୃତ ଭଉଣୀମାନଙ୍କ କୋରିଆନ ସଂସ୍କୃତି ପ୍ରତି ଅତ୍ୟଧିକ ଆସକ୍ତି ଓ ମୋବାଇଲ ବ୍ୟବହାରକୁ ନେଇ ନୂଆ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ୧୬, ୧୪ ଓ ୧୨ ବର୍ଷର ଏହି ୩ ଭଉଣୀ ନିଜ ଆପାର୍ଟମେଣ୍ଟର ନବମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏହି ୩ ଜଣ ନିଜ ଡାଏରୀରେ କେ-ପପ୍ ସଙ୍ଗୀତ, କୋରିଆନ ଡ୍ରାମା ଓ ଚଳଚ୍ଚିତ୍ର ପ୍ରତି ସେମାନଙ୍କର ଭଲପାଇବା ଓ ଆଶକ୍ତି





ବିଷୟରେ ଲେଖିଥିଲେ। ଏପରିକି ସେମାନେ ନିଜ ନାମ ବଦଳାଇ ଆଲିଜା, ସିଣ୍ଡି ଓ ମାରିଆ ରଖିଥିଲେ। କିନ୍ତୁ ଏମାନଙ୍କ ପ୍ରକୃତ ନାମ ଥିଲା ନିଶିକା, ପ୍ରାଚୀ ଓ ପାକ୍ଷୀ। ଏମାନେ ୟୁଟ୍ୟୁବରୁ କୋରିଆନ ଭାଷା ଶିକ୍ଷା କରିଥିଲେ। ଭାରତୀୟ ପୁଅପିଲାଙ୍କୁ ଏମାନେ ପସନ୍ଦ କରୁ ନଥିଲେ। ସେମାନେ କୋରିଆର ପିଲାଙ୍କୁ ବିବାହ କରିବେ ଓ କୋରିଆରେ ହିଁ ରହିବେ ବୋଲି କହୁଥିଲେ।

ଫଳରେ ପିତା ଚେତନ ସେମାନଙ୍କଠାରୁ ମୋବାଇଲ ଛଡ଼ାଇ ନେଇ ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ଡିଲିଟ୍ କରିଥିଲେ। ଯାହା ୩ ଜଣଙ୍କୁ ଆତ୍ମହତ୍ୟା କରିବାର ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ କରିଥିଲା। ଅନ୍‌ଲାଇନ ଟ୍ରେଡିଂ କ୍ଷେତ୍ରରେ କାମ କରୁଥିବା ଚେତନ ସ୍ୱୀକାର କରୁଛନ୍ତି ଯେ, ତାଙ୍କର ୨୦-୩୦ ଲକ୍ଷ ଟଙ୍କାର କ୍ଷତି ହୋଇଛି। କିନ୍ତୁ ସେ ୨ କୋଟି ଟଙ୍କା ଋଣରେ ବୁଡ଼ିଥିଲେ। ଏପରିକି ସେ ନିଜ ମୋବାଇଲ ବିକି ଘରର ବିଦ୍ୟୁତ ବିଲ ପୈଠ କରିଥିଲେ। ୩ ଝିଅଙ୍କ ଆତ୍ମହତ୍ୟା ତାଙ୍କୁ ଦୁଃଖିତ ଓ ମ୍ରିୟମାଣ କରିଛି ବୋଲି ଚେତନ କହିଛନ୍ତି। ଏହି ୩ ଭଉଣୀ କୋରିଆ ଯିବାକୁ ଜିଦ୍ କରୁଥିଲେ ଓ ଭାରତ ବିଷୟରେ ଶୁଣିଲେ ରାଗି ଯାଉଥିଲେ। ସୁସାଇଡ୍ ନୋଟ୍‌ରେ ଏହି ୩ ଭଉଣୀ ଅବଶ୍ୟ ମାତାପିତାଙ୍କୁ କ୍ଷମା ମାଗିଛନ୍ତି। ଚେତନ ଦୁଇଟି ବିବାହ କରିଥିଲେ ଓ ଉଭୟ ପତ୍ନୀ ଭଉଣୀ ଥିଲେ। ସମସ୍ତେ ଏକାଠି ରହୁଥିଲେ। ମୃତକଙ୍କ ମଧ୍ୟରୁ ଜଣେ ପ୍ରଥମ ପତ୍ନୀଙ୍କର ଓ ଆଉ ଦୁଇଜଣ ଦ୍ୱିତୀୟ ପତ୍ନୀଙ୍କର ଝିଅ ଥିଲେ।

### ପ୍ରକୃତ କାରଣ ଖୋଜୁଛି ପୁଲିସ

## ବୈତରଣୀ ନଦୀ ଶୁଖିଲା
# ପାଣି ପାଇଁ ଡହଳ ବିକଳ ଗ୍ରାମାଞ୍ଚଳ; ଆଗକୁ ସ୍ଥିତି ବିଷମ



ଚମ୍ପୁଆ, ୫।୨ (ସମିସ): ଗ୍ରୀଷ୍ମ ପୂର୍ବରୁ ଶୁଖିଲା ପଡ଼ିଗଲାଣି ବୈତରଣୀ ନଦୀ। ଏପଟେ ପାନୀୟଜଳ ପାଇବାରୁ ବଞ୍ଚିତ ବହୁ ପଞ୍ଚାୟତର ବାସିନ୍ଦା। ଏପରି ସ୍ଥିତି ଜାରି ରହିଲେ ଗ୍ରାମାଞ୍ଚଳରେ ଆଗାମୀ ନିକଟ ଭବିଷ୍ୟତରେ ବିଷମ ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଚମ୍ପୁଆ ଉପଖଣ୍ଡର ଗ୍ରାମାଞ୍ଚଳରେ ଏବେଠୁ ପାନୀୟ ଜଳ ସମସ୍ୟା ଯୋଗୁଁ ଲୋକମାନେ ଡହଳ ବିକଳ ହେଉଛନ୍ତି। ଚିରସ୍ରୋତା ବୈତରଣି ନଦୀର କାନପୁର ପ୍ରକଳ୍ପ କାର୍ଯ୍ୟ ପାଇଁ ଏକପ୍ରକାର ବନ୍ଦ ହୋଇଯାଇଛି। ଚମ୍ପୁଆ ଉପଖଣ୍ଡର ଲାଇଫଲାଇନ କୁହାଯାଉଥିବା ଏହି ନଦୀ ଉପରେ ନିଜର ଜୀବନଜୀବିକା ତଥା ଚାଷବାସ ଆଦି କାର୍ଯ୍ୟ ପାଇଁ ନିର୍ଭର କରୁଥିବା ଲୋକଙ୍କର ଚିନ୍ତା ବଢିବାରେ ଲାଗିଛି। କାନପୁର ନଦୀବନ୍ଧ କାର୍ଯ୍ୟ ଚାଲୁଥିବାରୁ ଲୋକେ ପିଇବା ପାଣି ପାଇଁ ଡହଳ ବିକଳ ହେବେ। ଏହା ଏକ ସ୍ୱପ୍ନ ହୋଇଥିବା ବେଳେ ବର୍ତ୍ତମାନ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି।

ସୂଚନା ଅନୁସାରେ ଚମ୍ପୁଆ ବ୍ଲକ, ଝୁମ୍ପୁରା ବ୍ଲକ ଓ ସଦର ଅଞ୍ଚଳର ୮୯ଟି ପଞ୍ଚାୟତର ୫୮୯ଟି ଗ୍ରାମ ମଧ୍ୟରୁ ଅନେକ ଗ୍ରାମକୁ ୨୪ ଘଣ୍ଟିଆ ପାନୀୟଜଳ ଯୋଗାଇବା ନିମନ୍ତେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ କୋଦଗାଡିଆ ପଞ୍ଚାୟତର ମିରିଗିସିଙ୍ଗାଠାରେ ୨୦୧୯/୨୦ରେ ଏକ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ୨୦୨୩ ମସିହାରେ ବୈତରଣୀ ନଦୀରୁ ଜଳ ଉଠାଯାଇ ଶୁଦ୍ଧ ପାନୀୟଜଳ ଯୋଗାଇବା ବ୍ୟବସ୍ଥା କରାଯାଇଥିଲା। ହେଲେ ନଦୀବନ୍ଧ କାର୍ଯ୍ୟ ପାଇଁ ନଦୀ ଜଳକୁ ବନ୍ଦ କରାଯାଇଥିବାରୁ ପ୍ରକଳ୍ପରୁ ପାନୀୟଜଳ ପାଇବାରୁ ପଞ୍ଚାପତବାସୀ ୫ ଦିନ ଧରି ବଞ୍ଚିତ ହୋଇଥିବା ଜଣାଯାଇଛି। ଏନେଇ ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ କରନ ସୋରେନ କହିଛନ୍ତି ଯେ ଚଳିତ ମାସ ୧ ତାରିଖରୁ ନଦୀଜଳ ଅଭାବରୁ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଏଥିପାଇଁ ସାମୟିକ ଭାବେ ବ୍ୟବସ୍ଥା କରାଯାଉଛି। ଡ୍ୟାମର ହେଡଲେଭୁଲ ୱାଟର ହେଲେ ଆମେ ପମ୍ପ ଦ୍ୱାରା ନଦୀରୁ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରଇବୁ ବୋଲି ଶ୍ରୀ ସୋରେନ ଆଶା ପ୍ରକାଶ କହିଛନ୍ତି।

## ସତ୍ୟନାରାୟଣ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ




ଆନନ୍ଦପୁର, ୫।୨(ସମିସ): ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ପଦ୍ମପୁର ଗ୍ରାମରେ ଥିବା ସତ୍ୟନାରାୟଣ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଓଷ୍ଟାର ପ୍ରାକ୍ତନ ସମ୍ପାଦକ ଶାନ୍ତନୁ ମିଶ୍ର, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ଏବିଇଓ ହେମେନ୍ଦ୍ରନାଥ ମହାନ୍ତି, ସମ୍ମାନିତ ଅତିଥୁ ଅବସରପ୍ରାପ୍ତ ଶିକ୍ଷକ କୀର୍ତ୍ତନ ବିହାରୀ ସାହୁ, ଶିକ୍ଷାବିତ୍, ବିଜୟ କୁମାର ସୁର, ପ୍ରଦ୍ୟୁମ୍ନନାଥ ନାୟକ, ନିରଂଜନ ସାହୁ, ଚିନ୍ତାମଣି ବେହେରା, ସନ୍ତୋଷ ସାହୁ, ସିଆରସିସି ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରତ୍ନାକର ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଭଗବତୀ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ମାଛଗଡ଼ ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ

ଡୁରୁମୁଙ୍ଗା, ୫।୨(ସମିସ):



ସାହାରପଡା ବ୍ଲକ ମାଛଗଡ଼ ସରକାରୀ ଉଚ୍ଚବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ବୁଧବାର ପ୍ରଧାନଶିକ୍ଷକ ସୁଫଳ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କରଞ୍ଜିଆ ମହାବିଦ୍ୟାଳୟ ଇଂରାଜୀ ବିଭାଗର ମୁଖ୍ୟ ଡକ୍ଟର ଅବନିକାନ୍ତ ଦାଶ, ମୁଖ୍ୟବକ୍ତା ଭାବରେ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଜ୍ୟୋତିକିଶୋର ମହାନ୍ତ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଦୟାନିଧି ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ମହାନ୍ତ, ପ୍ରତିଷ୍ଠାତା ହରିଶ୍ଚନ୍ଦ୍ର ମହାନ୍ତ ଏବଂ ବିଦ୍ୟାଳୟ ସଭାପତି ପବନ ମିଶ୍ର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଡୁରୁମୁଙ୍ଗା, ୫।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମୂଷାଖୋରୀ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଶି ଭୂମିଜ ସାହି ନିକଟରେ ଥିବା ଏକ ମହୁଲ ଗଛରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଗ୍ରାମର ବିଜୁ ଭୂମିଜଙ୍କ ପୁଅ ଲିଟୁନୁ ଭୂମିଜ (୧୮) ବୋଲି ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝୀ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଯୁବକଙ୍କ ଆତ୍ମହତ୍ୟା ପଛରେ କାରଣ ଅସ୍ପଷ୍ଟ ରହିଛି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ହାଟଡ଼ିହୀ, ୫।୨(ସମିସ): ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କଳାକାର ଜେନାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ବିଶେଷ ଅତିଥିଭାବେ ଏବିଇଓ ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ନାରାୟଣଚନ୍ଦ୍ର ଲେଙ୍କା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ସ୍ୱାଇଁ, ନିଖିଳ ପ୍ରାଥମିକ




ଶିକ୍ଷକ ସଂଘର କେନ୍ଦୁଝର ସଭାପତି ଅଜୟ କୁମାର ଦଳେଇ, ସମଣା କ୍ଲଷ୍ଟରର ସିଆରସିସି ବିନୟଜେନା ପ୍ରମୁଖ ଯୋଗ ଦେଇଥିଲେ। ବରାଙ୍ଗ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗଣେଶ କୁମାର କୁଅଁର ମଞ୍ଚ ପରିଚାଳନା କରିଥିଲା ବେଳେ ଚାପୁଣ୍ଡିଆସ୍ଥିତ ଭାଗୀରଥି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ନନ୍ଦ ମାନପତ୍ର ପଠନ କରିଥିଲେ। ସ୍କୁଲ କମିଟି ଚେୟାରମ୍ୟାନ ଲିଲି ନାୟକ, ସମ୍ପାଦକ ପ୍ରଫୁଲ୍ଲ ଡୋରାଙ୍କ ସମେତ କମିଟି ମେମ୍ବରଙ୍କ ମଧ୍ୟରେ ରେଣୁକା ଦାସ, ସସ୍ମିତା ଡୋରା, ଦିବାକର ନାୟକ, ଜୟଦେବ ନାୟକ, ମଞ୍ଜୁଲତା ନାୟକ, ଅନୁପମା ନାୟକ, ମାନସୀ ସେନାପତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କମିଟି ମେମ୍ବର ବଳରାମ ଦାସ, ଲୋକନାଥ ଡୋରା, କାଳନ୍ଦୀ ନାୟକ, ରଘୁନାଥ ଡୋରା, ଧୀରେନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଝାଡ଼ାବାନ୍ତିରେ ବୃଦ୍ଧଙ୍କ ମୃତ୍ୟୁ

ଡୁରୁମୁଙ୍ଗା, ୫।୨(ସମିସ): ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଇକଳା ଗ୍ରାମର ଯୋଗେନ୍ଦ୍ର ସେନାପତି(୭୫)ଙ୍କ କେନ୍ଦୁଝର ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ଘଟିଛି। ବୁଧବାର ତାଙ୍କୁ ଝାଡ଼ାବାନ୍ତି ହେବାରୁ ପରିବାର ଲୋକେ ପ୍ରଥମେ କରଞ୍ଜିଆ ମେଡ଼ିକାଲ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ରାତି ମୃତ୍ୟୁ ଘଟିଛି। ଡୁରୁମୁଙ୍ଗା ପୁଲିସ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଡୁରୁମୁଙ୍ଗା ଥାନାରେ ୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ ଶିବିର ଉଦ୍‌ଯାପିତ

କେନ୍ଦୁଝର, ୫।୨(ସମିସ): ପିଏମଶ୍ରୀ ସନ୍‌ଥେଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ପଳାସପଙ୍ଗାଠାରେ ୩୮ତମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ଼ ଶିବିର ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସମାଜସେବୀ ଶୁକଦେବ ମହାନ୍ତ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଡିଏନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି, ସଦର ଗୋଷ୍ଠୀ ଶିକ୍ଷା କମିସନର ଗାଇଡ଼ ସନ୍ତୋଷିନୀ ସେଠୀ, ଲୀଳା ପଡିଆରି ଯୋଗ ଦେଇଥିଲେ।



ଶିବିରରେ ଦ୍ୱିତୀୟ ଦିବସରେ ଜାତୀୟ ଉପସଭାପତି ତଥା ରାଜ୍ୟ କମିସନର ସ୍କାଉଟ ଓ ଗାଇଡ଼ କାଳୀପ୍ରସାଦ ମିଶ୍ର ଯୋଗ ଦେଇଥିଲା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଡ଼ଚଣ୍ଡୀରେ ବନାଗ୍ନି ନିରାକରଣ ସଚେତନତା

ଆନନ୍ଦପୁର, ୫।୨ (ସମିସ): ଆନନ୍ଦପୁର ବନଖଣ୍ଡ ପକ୍ଷରୁ ଗଡଚଣ୍ଡୀଠାରେ ଜଙ୍ଗଲ ନିଆଁ ପ୍ରତିରୋଧ ଓ ପ୍ରତିକାର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ଜଙ୍ଗଲକୁ ସୁରକ୍ଷିତ ରଖିବା, ଜଙ୍ଗଲରେ ନିଆଁ ଲାଗିଥିଲେ ତୁରନ୍ତ ବନବିଭାଗକୁ ସୂଚନା ଦେବା ସହ କୌଣସି ପ୍ରକାର ବେଆଇନ କାର୍ଯ୍ୟ ନେଇ ଦଣ୍ଡବିଧାନ ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଙ୍ଗାମାଟିଆ ବିକାଶ ସମିତି ଗଡଚଣ୍ଡୀ, କାଳିଆମ୍ବ, ସଙ୍ଗମ ବନ ସୁରକ୍ଷା ସମିତି, ହରିଡବନି, ପୁରୁଣାପାଣି, ପଢିଆରୀପଲ୍ଲୀ ପ୍ରଭୃତି ୯ଟି ସମିତିର ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ। ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ ଜଙ୍ଗଲ ମଧ୍ୟରେ କିଭଳି ଫାୟାର ଲାଇନ୍ କରାଯାଇ ନିଆଁରୁ କିଭଳି ଜଙ୍ଗଲକୁ ରକ୍ଷା କରାଯାଇ ପାରିବ ସୂଚନା ଦେଇଥିଲେ। ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ବନପାଳ ଲକ୍ଷ୍ମୀଧର ଲଣ୍ଢ, ବନରକ୍ଷୀ ଗୀତିସ୍ମିତା ମହାପାତ୍ର, ଜ୍ୟୋସ୍ନାରାଣୀ ମହାନ୍ତ, ଜ୍ୟୋତିରଞ୍ଜନ ମାଝୀ, ରବୀନ୍ଦ୍ର ନାୟକ, ମଣିଶଙ୍କର ରାଜ, ଓଏସ୍‌ଏସ୍‌ଡିଏସ୍‌ର ଟିମ୍ ଲିଡର ବିଜୟ ସା, ଡିଇଓବି ବେକାନନ୍ଦ ପଣ୍ଡା ସହଯୋଗ କରିଥିଲେ।

# ଶାଳବଣିରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୫।୨(ସମିସ):

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି ଗ୍ରାମପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୀବ ନାୟକ ସଭା ପରିଚାଳନା କରିଥିବା ବେଳେ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ହିମାଂଶୁ ଶେଖର ପୃଷ୍ଟି, ନାରାୟଣ ସାହୁ, ସରୋଜ କୁମାର ସାହୁ, ଦୀପକ କୁମାର ମଲିକ, ଚଗୁଲ ନାୟକ ଓ ଶିକ୍ଷୟିତ୍ରୀ ସସ୍ମିତା ଦାସ, ସୁଚିତ୍ରା ସାହୁ ଅଭିଲିପ୍ସା ସ୍ୱାଇଁ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ସହକାରୀ ସୁଷମା ସାହୁ, ବିଷ୍ଣୁ ରାଉଳ, ସସ୍ମିତା ଦାସ ଗୋବର୍ଦ୍ଧନ ସାହୁ ସହଯୋଗ କରିଥିଲେ। ଛାତ୍ରୀମାନେ ମୂଲ୍ୟଭିତ୍ତିକ ମତ ପ୍ରକାଶ କରିଥିଲେ।

## ଗ୍ରାମବାସୀଙ୍କ ହସ୍ତକ୍ଷେପରେ ଜବତ ଗାଡ଼ି ଛାଡ଼ିଲା ପୁଲିସ

ଡୁରୁମୁଙ୍ଗା, ୫।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ମୁରୁସୁଆଁ ବୈତରଣୀ ନଦୀରେ ଘାଟରୁ ବୁଧବାର ସନ୍ଧ୍ୟାରେ ରାତିରେ ଟ୍ରାକ୍ଟର ଯୋଗେ ବେଆଇନ୍ ବାଲି ଉତ୍ତୋଳନ କରି ଚାଲାଣ କରୁଥିବା ସମୟରେ ଖିରେଇଟାଙ୍ଗିରୀ ବନପାଳଙ୍କ ସହ ଡୁରୁମୁଙ୍ଗା ପୁଲିସ ଟିମ୍ ଚଢ଼ଉ କରିଥିଲେ। ୫ଟି ଟ୍ରାକ୍ଟର ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣୁଥିବା ସମୟରେ ଗ୍ରାମର ମହିଳା ଓ ପୁରୁଷ ଏକଜୁଟ ହୋଇ ଜବତ ଟ୍ରାକ୍ଟର ସହ ବନ କର୍ମଚାରୀଙ୍କୁ ଛାଡିବା ଦାବିକରି ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଏସିଏଫ ଡକ୍ଟର ସୁଦୀପ୍ତ ପଣ୍ଡା, ଡୁରୁମୁଙ୍ଗା ଅତିରିକ୍ତ ଥାନାଧିକାରୀ ସବିତା ନାଏକ, ପାଟଣା ବନପାଳ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ବାଲି ଉତ୍ତୋଳନ କରୁଥିବା ଅଧିକାରୀଙ୍କୁ କହିବା ପରେ ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀଙ୍କ ଜିମାରେ ଜବତ ଓଡ଼ି୦୯ ଏଡି୬୧୬୮, ଓଡ଼ି୦୯ ୱାଇ୦୩୬୨, ଓଡ଼ି୦୯ ଏବି୨୬୬୦, ଓଡ଼ି୦୯ ଏବି ୧୧୪୮ ନମ୍ବର ବିଶିଷ୍ଟ ଟ୍ରାକ୍ଟରଗୁଡିକ ପୁଲିସ ଓ ବନ ବିଭାଗ ହସ୍ତାନ୍ତର କରିଥିଲା।

## ଅଙ୍ଗନବାଡ଼ି କେନ୍ଦ୍ରକୁ ହେଲା ବିଦ୍ୟୁତ୍ ସଂଯୋଗ



କେନ୍ଦୁଝର, ୫।୨(ସମିସ): କେନ୍ଦୁଝର ସଦର ବ୍ଲକ ହାଣ୍ଡିଭଙ୍ଗା ପଞ୍ଚାୟତ କାଠବାଉଶୁଳି ଗ୍ରାମର ଅଙ୍ଗନବାଡ଼ି -(କ) ରେ ବିଦ୍ୟୁତ୍ ସରଞ୍ଜାମ ଲାଗିବା ପରେ ବହୁଦିନ ହେଲା ବିଦ୍ୟୁତ୍ ଦିଆଯାଇ ନଥିଲା। ଏହି ସମସ୍ୟା ସମ୍ପର୍କରେ ଛଅ ଦିନ ତଳେ ଗଣମାଧ୍ୟମରେ ଏକ ଖବର ପ୍ରକାଶ ପାଇଥିଲା। ଏହାକୁ ଓଡ଼ିଶାର ଟୁଇଟର ବୟ ବିକ୍ରମ କେଶୋରୀ ମହାନ୍ତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓ ଟାଟା ପାୱାର ବିଦ୍ୟୁତ୍ ବିଭାଗକୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଯୋଗେ ପୋଷ୍ଟ କରିଥିଲେ। ଅଭିଯୋଗ ପାଇବା ପରେ ବିଦ୍ୟୁତ୍ କର୍ମଚାରୀମାନେ ତିନିଦିନ ମଧ୍ୟରେ କାଠବାଉଁଶୁଳି ଗ୍ରାମର ଅଙ୍ଗନବାଡ଼ିକୁ ବିଦ୍ୟୁତ୍ ସଂଯୋଗ କରିଛନ୍ତି। ଅଙ୍ଗନବାଡ଼ି କର୍ମୀ ବୈଦେହି ମହାନ୍ତ, ଟୁଇଟର ମହାନ୍ତ ଏବଂ ଗ୍ରାମବାସୀ ଟୁଇଟର ବୟ ବିକ୍ରମ କେଶୋରୀ ମହାନ୍ତଙ୍କୁ ପ୍ରଶଂସା କରିଛନ୍ତି।

## ମୋବାଇଲ ଫେରାଇ ପ୍ରଶଂସିତ ହେଲେ ବାଳକ ସନ୍ତୋଷ



ଆନନ୍ଦପୁର, ୫।୨(ସମିସ): ଯାଜପୁର ଅଞ୍ଚଳର ଯୁବକ ଦେବବ୍ରତ ସ୍ୱାଇଁଙ୍କ ହଜି ଯାଇଥିବା ମୋବାଇଲକୁ ଫେରାଇ ମାନବିକତାର ପରିଚୟ ଦେଖାଇଛନ୍ତି ବାଳକ ସନ୍ତୋଷ ବାରିକ। ଗତକାଲି ବୁଧବାର ସନ୍ତୋଷଙ୍କ ଏକ ଦାମୀ ମୋବାଇଲ ପଦନା ଛକ ନିକଟରୁ ଉକ୍ତ ବାଳକ ପାଇଥିଲେ। ମୋବାଇଲଟିକୁ ନିଜ ପାଖରେ ରଖିଥିଲେ ସନ୍ତୋଷ। କିଛି ସମୟ ପରେ ଉକ୍ତ ଫୋନ୍‌କୁ ଏକ କଲ୍ ଆସିଥିଲା। କଲକୁ ରିସିଭ୍ କରିବା ପରେ ବ୍ୟକ୍ତି ଜଣଙ୍କ ନିଜକୁ ଦେବବ୍ରତ ସ୍ୱାଇଁ ବୋଲି କହିବା ସହ ଫୋନ୍‌ଟି ତାଙ୍କର ବୋଲି କହିଥିଲେ। ଏହାପରେ ଦେବାଶିଷଙ୍କୁ ନିଜର ପରିଚୟପତ୍ର ଏବଂ ମୋବାଇଲ ତାଙ୍କର ହୋଇଥିବା ନେଇ ପ୍ରମାଣପତ୍ର ନେଇ ପଦନାକୁ ଆସିବାକୁ କହିଥିଲେ। ସମସ୍ତ ନଥିପତ୍ର ଦେଖିବା ପରେ ସନ୍ତୋଷ ମୋବାଇଲଟି ଦେବବ୍ରତଙ୍କୁ ହସ୍ତାନ୍ତର କରିଥିଲେ। ଦେବବ୍ରତ ଫୋନ୍‌ଟି ପାଇବା ପରେ ଖୁସି ବ୍ୟକ୍ତ କରିବା ସହ ସନ୍ତୋଷଙ୍କୁ ସାଧୁବାଦ ଜଣାଇଛନ୍ତି।

## ଅହରହ ଜଳୁଛି ଧୂନୀ
# ୬୦ତମ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଉଦ୍‌ଯାପିତ

କେନ୍ଦୁଝର, ୫।୨(ସମିସ):

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବଡ଼ବିଲ ଗାଁର ସନ୍ଥ ଦୟାଦାସ ପୀଠର ଆଧ୍ୟାତ୍ମିକ ଚେତନାରେ ଅନୁପ୍ରାଣିତ ଖଣ୍ଡମଣ୍ଡଳର ଶ୍ରଦ୍ଧାଳୁ। ଏଠାରେ ୪ଦିନ ଧରି ଚାଲିଥିବା କୃଷ୍ଣଲୀଳା ରାସ ମହାଯଜ୍ଞରେ କେନ୍ଦୁଝର, ସୁନ୍ଦରଗଡ଼ ଓ ପଡ଼ୋଶୀ ଝାଡ଼ଖଣ୍ଡର ୬୦ଟି ରାସ ସଂକୀର୍ତ୍ତନ ଦଳର ୩ ହଜାର କଳାକାର ଶ୍ରଦ୍ଧାଳୁଙ୍କୁ କୃଷ୍ଣ ରସାମୃତ ପାନ କରାଇଥିଲେ। ଉଦଯାପନୀ ଦିବସରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ତେଲକୋଇ ବିଧାୟକ ଅଂଶଗ୍ରହଣ କରିଥିଲେ।

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କଲଣ୍ଡା ପଞ୍ଚାୟତର ବଡ଼ବିଲ ଗାଁର ସନ୍ଥ ଦୟାଦାସଙ୍କ ପୀଠ। ୪ଦିନ ଧରି ଏଠାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏଠାରେ ୬୦ତମ ତ୍ରିତାପହାରୀ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଅନୁଷ୍ଠିତ ହେବା ସହ ଭକ୍ତିରସରେ ଭରା ଏହି ନୃତ୍ୟଗୀତ, ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନକୁ ଛୁଇଁଥିଲା।

ଜନଶ୍ରୁତି ଅନୁଯାୟୀ, ଏଠାରେ ବହୁବର୍ଷ ପୂର୍ବରୁ ଦୟା ଦାସ ନାମରେ ଜଣେ ସନ୍ଥ ରହୁଥିଲେ। ତାଙ୍କ ସମ୍ପର୍କରେ ଖବର ପାଇ ଦୟାଦାସ ଶୂନ୍ୟରେ ସାଧନା କରୁଥିବା ଦେଖି କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ। ସେବେଠାରୁ ଏଠାର ଅଲିଭା ଅଗ୍ନି ପ୍ରଜ୍ୱଳିତ ହେଉଛି। ସନ୍ଥ ଦୟାଦାସଙ୍କ ପୀଠର ମାହାତ୍ମ୍ୟରେ ଅନୁପ୍ରାଣିତ ହୋଇ ଗତ ୬୦ବର୍ଷ ଧରି ଏଠାରେ ତ୍ରିତାପହାରୀ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଏଥିରେ ଆଖପାଖର ଲୋକମାନଙ୍କ ସହ ଯୁବପିଢ଼ି ଯୋଗଦେଇ ବିଭୂକୃପା ଲାଭ କରିଛନ୍ତି। ଏହାସହ ତ୍ରିତାପହାରୀ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଓ କୃଷ୍ଣଲୀଳା ରାସ ମହାମଞ୍ଚ ଉଦଯାପିତ ହୋଇଛି। ବହୁ ବର୍ଷର ପୁରାତନ ସଂସ୍କୃତି ଓ ପରମ୍ପରାକୁ ଆଜିବି ଏଠାକାର ଲୋକେ ବଞ୍ଚାଇ ରଖିଛନ୍ତି। ଉଦଯାପନୀ ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥିଙ୍କ ସହ ସତନ୍ତ୍ର ଅତିଥି କୋରେଇ ବିଧାୟକ ଆକାଶ ଦାସ ନାଏକ, ମୁଖ୍ୟବକ୍ତା ଭାବେ ଲୋକକବି ପଦ୍ମଶ୍ରୀ ହଳଦର ନାଗ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜ୍ୟୋତିଷାଚାର୍ଯ୍ୟ ଡଃ ଗଣପତି ପ୍ରମୁଖ ସନ୍ଥ ଦୟାଦାସଙ୍କଠାରୁ ଆଶୀର୍ବାଦ ଭିକ୍ଷା କରି ଆସିଥିବା ଭକ୍ତଙ୍କୁ ଉଦବୋଧନ ଦେଇଥିଲେ।



## ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ

# ‘ଚାକିରି ପଛରେ ନ ଗୋଡ଼ାଇ ନିଜେ ଉଦ୍ୟୋଗୀ ହୁଅ’









**ରାଇରଙ୍ଗପୁର, ୫।୨(ସମିସ)**

ଆଜିର ଯୁବବର୍ଗ ଆଗାମୀ କାଲିର ଭବିଷ୍ୟତ। ଯୁବବର୍ଗ ଆତ୍ମନିର୍ଭର ହେବାର ଆବଶ୍ୟକତା ରହିଛି। ବର୍ତ୍ତମାନ ସମୟରେ ସମସ୍ତଙ୍କୁ ଚାକିରି ମିଳିବା ସହଜ ନୁହେଁ। ତେଣୁ ଚାକିରି ପଛରେ ନ ଗୋଡ଼ାଇ ନିଜେ ଜଣେ ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କୁ ଚାକିରି ପ୍ରଦାନ କରିବାର ଦକ୍ଷତା ବୃଦ୍ଧି କର ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦ୍ୱିତୀୟ ଦିନ ଗସ୍ତ ଅବସରରେ ଯୁବ ବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନ ନିଜ ଶଶୁର ଘର ଗ୍ରାମର ପାହାଡ଼ପୁର ଯାଇଛନ୍ତି। ରାଷ୍ଟ୍ରପତି ରାଇରଙ୍ଗପୁରସ୍ଥ ନିଜ ବାସଭବନରୁ ସକାଳୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପାହାଡ଼ପୁର ଯାଇଥିଲେ। କୁସୁମୀ ବ୍ଲକ ଅନ୍ତର୍ଗତ ପାହାଡପୁରରେ ତାଙ୍କ ସ୍ୱର୍ଗତ ପୁତ୍ର ଓ ସ୍ୱାମୀଙ୍କ ସ୍ମୃତିରେ ନିର୍ମିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତ ମଧ୍ୟରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏସଏଲଏସ ମଧ୍ୟରେ ସ୍ଥାନୀୟ ଯୁବକ/ଯୁବତୀଙ୍କ ସହ ଭାବ ବିନିମୟ କରିଥିଲେ। ଏ ଅବସରରେ ଶ୍ୟାମଚରଣ ମୁର୍ମୁ ପ୍ରାଥମିକ ଚକ୍ଷୁ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଅଧ୍ୟୟନ ସମ୍ବନ୍ଧୀୟ ସ୍ନେହପୂର୍ଣ୍ଣ ଭାବବିନିମୟ କରିଥିଲେ। ବିଦ୍ୟାର୍ଥୀ ମାନେ ରାଷ୍ଟ୍ରପତିଙ୍କୁ ନିକଟରେ ପାଇ ଓ ତାଙ୍କ ସହିତ କଥୋପକଥନ କରିବା ସୁଯୋଗ ପାଇ ଖୁବ ଆନନ୍ଦ ଅନୁଭବ କରିଥିଲେ। ସେଠାରୁ ବାହାରି ଗାଁ ରାସ୍ତାରେ ରାଷ୍ଟ୍ରପତି ଚାଲି ଚାଲି ବୁଲିଥିଲେ। ମୁର୍ମୁ ଛକ ନିକଟରେ ତାଙ୍କ ସ୍ୱାମୀ ସ୍ୱର୍ଗତ ଶ୍ୟାମଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଇଥିଲେ।





ସ୍ୱାମୀଙ୍କ ପ୍ରତିମୂର୍ତ୍ତିରେ ଦୀପ ଓ ଧୂପ ଦେଇ ପୂଜାର୍ଚ୍ଚନା ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ ପୁଣି ଚାଲି ଚାଲି ଆଦିବାସୀ ସମ୍ପ୍ରଦାୟର ଦେବ ସ୍ଥଳ ଗୋଷାଣୀ ପୀଠକୁ ଯାଇଥିଲେ। ସେଠାରେ ସାନ୍ତାଳୀ ପାରମ୍ପରିକ ରୀତିନୀତିରେ ଗ୍ରାମବାସୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ଗୋଷାଣୀ ପୀଠରେ ଦେବାଦେବୀଙ୍କଠାରୁ ଆଶୀର୍ବାଦ ଭିକ୍ଷା କରି ସେଠାରେ ଗ୍ରାମବାସୀଙ୍କ ସହିତ ଭାବର ଆଦାନପ୍ରଦାନ କରିଥିଲେ। ସେଠାରେ ଗାଁର କିଛି ଛୁଆଙ୍କୁ ଚକୋଲେଟ୍ ପ୍ରଦାନ କରିଥିଲେ। ସେଠାରୁ ସ୍ୱତନ୍ତ୍ର କାରକେଡ ଯୋଗେ ଗାଁସ୍ଥ ସାନ୍ତାଳୀଙ୍କ ପୂଜା ସ୍ଥଳୀ ଜାହିରା ପୀଠକୁ ଯାଇଥିଲେ। ଜାହିରାରେ ପୂଜକ ନାଏକେ ବାବାଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ମୁଣ୍ଡିଆ ମାରି ଜାହିରା ଆୟୋ (ଜାହିରା ମା’)ଙ୍କ ଆଶୀର୍ବାଦ ନେଇଥିଲେ। ସେଠାରେ ମଧ୍ୟ କେବଳ ମହିଳାଙ୍କ ସହ କଥାବାର୍ତ୍ତା ହୋଇଥିଲେ। ରାଷ୍ଟ୍ରପତି ସେମାନଙ୍କ ସହିତ ଭାବ ବିନିମୟ କରି ଭଲମନ୍ଦ ପଚାରି ବୁଝିଥିଲେ। ସେଠାରୁ ପାହାଡପୁର ଗ୍ରାମସ୍ଥ ଦକ୍ଷତା ବିକାଶ କେନ୍ଦ୍ର ଯାଇ ବିଭିନ୍ନ ଟ୍ରେଡ଼ରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀ ଓ ନିଯୁକ୍ତି ପାଇଥିବା ଯୁବକଙ୍କ ସହ ଭାବ ବିନିମୟ ଜରିଆରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ।

- ଶଶୁର ଘର ଗ୍ରାମକୁ ଗଲେ ରାଷ୍ଟ୍ରପତି
- ଜାହିରା ପୀଠ ଓ ଗୋଷାଣିରେ ପୂଜା କରି କଲେ ଆଶିଷ ଭିକ୍ଷା
- ଗାଁ ରାସ୍ତାରେ ଚାଲି ଚାଲି ବୁଲିଲେ
- ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା, ଦେଲେ ବ୍ରାହ୍ମଣ ଭୋଜନ

ଏ ଅବସରରେ ରାଷ୍ଟ୍ରପତି କହିଥିଲେ, ମୁଁ ଏଠାକୁ ଭାଷଣ ଦେବାକୁ ଆସିନାହାନ୍ତି, ବରଂ ପିଲାମାନେ କେମିତି ଅଛନ୍ତି ଜାଣିବା ପାଇଁ ଆସିଛି। ଆଜି ମୋ ମାଟିକୁ ପାଖରେ ପାଇବାର ମୋତେ ସୁଯୋଗ ମିଳିଛି। ସେଥିପାଇଁ ମୁଁ ଖୁବ ଆନନ୍ଦିତ। ସେ ଆହୁରି ମଧ୍ୟ କହିଥିଲେ, ମୁଁ ଆଜି ଯେଉଁ ମାର୍ଗର ପଥିକ ସାଜିଛି ତାହା ମୋର ଅଭିଳାଷ ନ ଥିଲା। ମାତ୍ର ମୋର ବର୍ତ୍ତମାନ ସ୍ଥିତି ଶ୍ରେୟ କେବଳ ଏ ମାଟିର ଅଟେ। ଏ ମାଟିର ଭାଇ ଭଉଣୀଙ୍କ ସହଯୋଗର ଓ ଏ ମାଟିର ଜନତାଙ୍କ ଅଟେ। ଯୁବବର୍ଗଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ମାତ୍ର ଏହା ଗାଁକୁ ପହଞ୍ଚୁଛି କି ନାହିଁ, ଯଦି ପହଞ୍ଚିଛି ତେବେ କେତେଦୂର ଏହା କାର୍ଯ୍ୟକାରୀ ହେଉଛି। ଏ ଗାଁର ଉନ୍ନତି ପାଇଁ କ’ଣ ଅବଶ୍ୟକତା ଅଛି ସେ ବିଷୟରେ ପିଲାଙ୍କଠାରୁ ଜାଣିବା ପାଇଁ ଚାହିଁଥିଲେ। ସେ ବହୁ କଷ୍ଟସାଧ କରି ପାହାଡପୁର ଭଳି ଗ୍ରାମରେ ଦିନେ ଛୋଟ ଚାରାଟିଏ ରୋପଣ କରିଥିଲେ। ଯାହାକି ଆଜି ମହାଦ୍ରୁମରେ ପରିଣତ ହେବା ସହ ଏହାର ଛାଇ ବହୁ ଜଣଙ୍କୁ ଆଶ୍ରୟ ଦେଉଛି। ସମସ୍ତ ବିଦ୍ୟାର୍ଥୀଙ୍କୁ ଭଲ ପାଠ ପଢ଼ି ବଡ ମଣିଷ ହେବା ପାଇଁ ଉପଦେଶ ଦେବା ସହ ପାଠ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଅନ୍ତର୍ନିହିତ ଦକ୍ଷତାକୁ ପ୍ରତିପାଦନ କରି ଆ଼ି ନିର୍ଭର ହେବା ପାଇଁ ଉତ୍ସାହିତ କରିଥିଲେ। ଯୁବ ବର୍ଗ ଆତ୍ମନିର୍ଭର ହେଲେ ଆତ୍ମନିର୍ଭର ଭାରତ ଓ ବିକଶିତ ଭାରତ ସମ୍ଭବ ବୋଲି ସେ କହିଥିଲେ। ଏହାସହିତ ଯେଉଁମାନଙ୍କ ଉଚ୍ଚ ଅଭିଳାଷ ଅଛି ମାତ୍ର ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଅଧାରୁ ପାଠ ପଢ଼ା ଛାଡି ରହିଛନ୍ତି ଓ ଆଗକୁ ବଢ଼ିପାରୁନାହାନ୍ତି, ସେମାନଙ୍କୁ ନିଜର ଅଭିଳାଷ ପୂରଣ ପାଇଁ ଏଲଏନଟି ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଶିକ୍ଷଣ ନେବା ପାଇଁ ପରାମର୍ଶ ଦେଇଥିଲେ। ପରେ ପୁଣି ସେଠାରୁ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟ ଆସି ସେଠାରେ ଗ୍ରାମବାସୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥଲେ। ପରେ ସେଠାରୁ ବାହାରି ରାଇରଙ୍ଗପୁରସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଆସିଥିଲେ। ମନ୍ଦିରରେ ପୂଜାର୍ଚ୍ଚନା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ରାଷ୍ଟ୍ରପତି ଜଗନ୍ନାଥ ମନ୍ଦିର ମହାପ୍ରଭୁଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ସେଠାରେ ଦେବ ଦର୍ଶନ କରିବା ପରେ ପୂଜାର୍ଚ୍ଚନା କରି ୭ଜଣ ବ୍ରାହ୍ମଣଙ୍କୁ ଅନ୍ନବସ୍ତ୍ର ଦାନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହାପରେ ମନ୍ଦିର ପରିସରରେ ଉପସ୍ଥିତ ଥିବା ଲୋକ ମାନଙ୍କୁ ଭେଟିଛନ୍ତି। ମନ୍ଦିର ବେଢ଼ା ପରିକ୍ରମା କରି ରାଷ୍ଟ୍ରପତି ନିଜେ ମଧ୍ୟ ପ୍ରସାଦ ସେବନ କରିଛନ୍ତି। ମନ୍ଦିରରୁ ବାହାରି ନିଜ ବାସ ଭବନକୁ ଯାଇ ବିଶ୍ରାମ କରିଥିଲେ। ଅପରାହ୍ନରେ ବାୟୁ ସେନାର ହେଲିକ୍ୟାପ୍ଟର ଯୋଗେ ଦାଣ୍ଡବୋଷରୁ ବାହାରି ଯଶିପୁରର ଅନୁକୂଳପୁରସ୍ଥ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିଛନ୍ତି। ସେଠାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଏଡିଜି ଦୟାଲ ଗାଙ୍ଗୱାର, ଜିଲ୍ଲାପାଳ ହେମକାନ୍ତ ସୟ, ଏସପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହାପରେ ସ୍ୱତନ୍ତ୍ର ଗାଡିରେ ସଡ଼କ ପଥ ଦେଇ ଶିମିଳିପାଳ ଭିତରକୁ ପ୍ରବେଶ କରିଥିଲେ। ଶିମିଳିପାଳ ମଧ୍ୟରେ ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରିଥିଲେ। ଏହାପରେ ଗୁଡୁଗୁଡ଼ିଆ ସ୍ଥିତ ଫରେଷ୍ଟ ଆଇବିରେ ରାତ୍ରି ରହଣି କରିଛନ୍ତି। ରାଷ୍ଟ୍ରପତି ରାତ୍ର ରହଣି ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏହାସହିତ ପର୍ଯ୍ୟଟକଙ୍କ ନିମନ୍ତେ ୩ଦିନ ନିମନ୍ତେ କଟକଣା ଜାରି କରାଯାଇଛି। ଗସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବନ ବିଭାଗ ପକ୍ଷରୁ ରହଣି ସ୍ଥାନକୁ ସଜାଇବା ସହ ସ୍ୱତନ୍ତ୍ର ଭୋଜନ ବ୍ୟବସ୍ଥା କରାଯାଇଥିଲା। ଜଙ୍ଗଲ ମଧ୍ୟରେ ପ୍ରତିଟି ଗସ୍ତ ସ୍ଥାନରେ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ଏହାସହିତ ଗୁଡୁଗୁଡ଼ିଆ ବନ ସେଣ୍ଟ୍ରାଲ ଜୋନରେ ପୋଲିସ ଦ୍?ାରା ବାଇକ ଦ୍?ାରା ମୋବାଇଲ ପେଟ୍ରୋଲିଂ କରାଯାଉଛି। ଶୁକ୍ରବାର ସକାଳୁ ଶିମିଳିପାଳ ମଧ୍ୟରେ ବସବାସ କରୁଥିବା ଅଞ୍ଚଳର ଆଦିବାସି ମହିଳା ଓ ଯୁବକ ମାନଙ୍କ ସମେତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଶିମିଳିପାଳ ଅଭୟାରଣ୍ୟରେ ପ୍ରଥମ କରି ସ୍ଥାପନ ହୋଇଥିବା ବିଏସଏନଏଲ ମୋବାଇଲ ଟାୱାର ଉଦଘାଟନ କରିବେ। ଏହାପରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଶେଷ କରି ଯଶିପୁର ହେଲିପ୍ୟା? ଅଭିମୁଖେ ଗସ୍ତ କରି ପ୍ରତ୍ୟାବର୍ତ୍ତନ କରିବେ।

## ଯଶିପୁରରେ ଓହ୍ଲାଇ ଶିମିଳିପାଳ ଗଲେ ରାଷ୍ଟ୍ରପତି

**କରଞ୍ଜିଆ, ୫।୨(ସମିସ):** ରାଇରଙ୍ଗପୁରସ୍ଥ ମହୁଲଡିହାଠାରେ ଅବକାଶ ଗୃହ ଉଦ୍‌ଘାଟନ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ବାଳିକା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ, ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ବୈଦପୁରରେ ଏକ କ୍ରୀଡା କମ୍ପ୍ଲେକ୍ସ ଉଦ୍‌ଘାଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଗୁରୁବାର ଅପରାହ୍ନ ୩. ୪୦ ଘଟିକାରେ ଯଶିପୁରସ୍ଥ ମାଟିଆଗଡ଼ ପଡ଼ିଆଠାରେ ଆକାଶ ପଥରେ ଆସି ପଦାର୍ପଣ କରିଥିଲେ। ରାଷ୍ଟ୍ରପତିଙ୍କ ଆଗମନରେ ସାରା ଅଞ୍ଚଳ ଢୋଲ ମାଦଳରେ କମ୍ପି ଉଠିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଆଞ୍ଚଳିକ ଆଦିବାସୀ ନୃତ୍ୟ ଓ ଚାଙ୍ଗୁ ନାଚର ତାଳେ ତାଳେ ନୃତ୍ୟାଶିଳ୍ପୀ ନୃତ୍ୟ ପରିବେଷଣ କରି ଜନ୍ମମାଟି ମୟୂରଭଞ୍ଜର ସଂସ୍କୃତିକୁ ଉଜାଗର କରୁଥିଲେ। ଲୋକମାନେ ପୁଷ୍ପମାଳ, ଝଣ୍ଡା ଓ ପୁଷ୍ପବୃଷ୍ଟି ଦ୍ୱାରା ମହାମହିମଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଶିମିଳିପାଳ ଅଭିମୁଖେ ସେ ଗସ୍ତ କରିଛନ୍ତି। ଆଜି ସେଠାରେ ରାତ୍ରିଯାପନ ପରେ ଆସନ୍ତାକାଲି ଶିମିଳିପାଳର ମହିଳା ଓ ଆଦିବାସୀ ଯୁବବର୍ଗଙ୍କ ସହ ଭାବବିନିମୟ କରିବେ।




## ବାଳିକା ବିଦ୍ୟାଳୟ ସଭା ଗୃହ ଓ ସାଂସ୍କୃତିକ କେନ୍ଦ୍ର ଶିଳାନ୍ୟାସ

**ରାଇରଙ୍ଗପୁର, ୫।୨(ସମିସ):** ରାଇରଙ୍ଗପୁର ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଅତ୍ୟାଧୁନିକ ଡିଜିଟାଲ ସଂଯୋଗୀକରଣ ସଭା ଗୃହ ଓ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ନିମନ୍ତେ ଶିଳାନ୍ୟାସ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରଚେଷ୍ଟାରେ ହିନ୍ଦୁଜା ଗ୍ରୁପ ତରଫରୁ ଉକ୍ତ ନିର୍ମାଣ ହେବାକୁ ଯାଉଥିବାବେଳେ ରାଷ୍ଟ୍ରପତିଙ୍କ କନ୍ୟା ଇତିଶ୍ରୀ ମୁର୍ମୁ ଶିଳାନ୍ୟାସ କରିଛନ୍ତି। ବାମନଘାଟୀ ଉପଖଣ୍ଡରେ ବସବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ଅଡିଟୋରିୟମ ଅଭାବ ଥିଲା। ଯାହାକୁ ନେଇ ରାଷ୍ଟ୍ରପତିଙ୍କ ପ୍ରଚେଷ୍ଟାରେ ହିନ୍ଦୁଜା ଗ୍ରୁପ ବହୁ ପୁରାତନ ରାଇରଙ୍ଗପୁର ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ୪୦୦ରୁ ଅଧିକ ଲୋକ ବସିବା ଭଳି ଶୀତତାପ ନିୟନ୍ତ୍ରିତ ଡିଜିଟାଲ ଆଧାରିତ ଏକ ସାଂସ୍କୃତିକ ଗୃହ ପାଇଁ ସମ୍ମତି ପ୍ରକାଶ କରିଥିଲେ। ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ଅବସରରେ ଶିଳାନ୍ୟାସ ହୋଇଛି।

ଗୁରୁବାର ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇତିଶ୍ରୀ ମୁର୍ମୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ସାଂସ୍କୃତିକ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ଏକ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ମୁଖ୍ୟ ଅତିଥିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ତାଙ୍କ ସହିତ ହିନ୍ଦୁଜା କର୍ପୋରେଟ ଗ୍ରୁପ ସଭାପତି ଡଃ ଏସକେ ଚଢା, ସିଇଓ ରମଣ କଲ୍ୟାଣ କ୍ରିଷ୍ଣାନ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ପ୍ରଧାନଶିକ୍ଷକ ବିନୟ ରଞ୍ଜନ ନାଏକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷକ ରଞ୍ଜନ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କେନ୍ଦ୍ର ଆସନ୍ତା ଦେଢ଼ ବର୍ଷ ମଧ୍ୟରେ ନିର୍ମାଣ ହେବ। ଯାହାକି ଦେଶ ବିଦେଶର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇପାରିବ। ମୁଖ୍ୟଅତିଥି ଇତିଶ୍ରୀ ମୁର୍ମୁ କହିଥିଲେ, ଏ ମାଟି, ପାଣି, ପବନ ନେଇ ସେ ବଢ଼ିଛନ୍ତି। ଏହି ମାଟି ଆମକୁ ବହୁତ୍ କିଛି ଦେଇଛି। ଆମକୁ ମଧ୍ୟ ଏହି ମାଟି ପାଇଁ କିଛି କରିବାକୁ ପଡ଼ିବ। ଏହି ରାଇରଙ୍ଗପୁର ସଂସ୍କୃତି ସମ୍ପନ୍ନ ସହରରେ ଏକ ଅତ୍ୟାଧୁନିକ ସାଂସ୍କୃତିକ ଅଡିଟୋରିୟମରେ ଆବଶ୍ୟକତା ଥିଲା। ଏହି ଗୃହ ନିର୍ମାଣ ହେଲେ ଏହା ସମସ୍ତଙ୍କ ପାଇଁ ବହୁବିଧ କାର୍ଯ୍ୟରେ ଲାଗି ପାରିବ। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଗଣମାଧ୍ୟମ ପ୍ରତିନିଧି, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।




## ରାସଗୋବିନ୍ଦପୁରରେ ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



**ରାସଗୋବିନ୍ଦପୁର, ୫।୨(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ପୂର୍ତ୍ତି ଅବସରରେ ସାରା ଭାରତର ବିଭିନ୍ନ ଖଣ୍ଡରେ ହିନ୍ଦୁ ସମ୍ମିଳନୀ ଆୟୋଜନ କରାଯାଉଛି। ଏହି କ୍ରମରେ ରାସଗୋବିନ୍ଦପୁର ଖଣ୍ଡରେ ମଧ୍ୟ ଆସନ୍ତା ୮ ତାରିଖ ଦିନ ରାସଗୋବିନ୍ଦପୁର ବାବା ଭୂତେଶ୍ୱରଙ୍କ ଶିବ ମନ୍ଦିର ପ୍ରାଙ୍ଗଣରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏ ନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ମିଳନୀର ସମସ୍ତ ପ୍ରସ୍ତୁତି, ବ୍ୟବସ୍ଥାପନା ଓ କାର୍ଯ୍ୟସୂଚୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ବରିଷ୍ଠ କର୍ମକର୍ତ୍ତା ନରୋତ୍ତମ ମହାନ୍ତି, ଅଶୋକ ମହାନ୍ତି, ତପନ ଘୋଷ, ବରିଷ୍ଠ ସଦସ୍ୟ ସଚିନ୍ଦ୍ର ଗିରି, ପୂର୍ବତନ ଜିଲ୍ଲା ପରିଷଦ ମିନତୀ ପାତ୍ର, ହରିପଦ ମହାକୁଡ, ସୋରଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଖେଳ ପଡ଼ିଆ ଉନ୍ନତିକରଣ କାମରେ ଅନିୟମିତତା



**ଗୋପବନ୍ଧୁନଗର, ୫।୨(ସମିସ):** ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ଅଧୀନରେ ଥିବା ଜୟପୁର-ଉଦଳା ପିଡବ୍ଲୁଡି ରାସ୍ତା କଡ଼ରେ ଥିବା ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଟ୍ରାକ୍ଟର ସାହାଯ୍ୟରେ ୧ ଏକର ପରିମିତ ଜାଗାରେ ହଳ କରାଯାଇ ଛାଡ଼ିଦିଆଯାଇଛି। ଉକ୍ତ କାମ କେବେ ଆରମ୍ଭ ହେଲା ଓ କେବେ ଶେଷ ହେଲା, କୌଣସି ଫଳକ ଲଗାଯାଇନାହିଁ। ଫଳରେ ସାଧାରଣରେ ଆଲୋଚନା ଜୋର ଧରିଛି। ଏଣୁ ବିଭାଗୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ତଦନ୍ତ କରିବା ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ଅଲ୍ ଗୁରୁ ରୋହିଦାସ ସିଂ ନାଗଙ୍କ ଜୟନ୍ତୀ

**ବାରିପଦା/ଖୁଣ୍ଟା, ୫।୨(ସମିସ):** ଖୁଣ୍ଟା ବ୍ଲକ ଅନ୍ତର୍ଗତ ଭାଦୁଶୋଳ ଗ୍ରାମରେ ଲେପେଲ ନାପାମ ଅନୁଷ୍ଠାନ ପକ୍ଷରୁ ମୁଣ୍ଡାରୀବାଣୀ ଲିପିର ସ୍ରଷ୍ଟା ଅଲ ଗୁରୁ ରୋହିଦାସ ସିଂ ନାଗଙ୍କ ୯୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଗ୍ରାମବାସୀ ଶୋଭାଯାତ୍ରାରେ ଆଦିବାସୀ ପାରମ୍ପରିକ ନାଚ ଗୀତ ପରିବେଷଣ ମାଧ୍ୟମରେ ନିକଟସ୍ଥ ନଦୀବନ୍ଧରୁ ଘଟ ଉତ୍ତୋଳନ କରି ଆଣି ଅଲ ଗୁରୁ ରୋହିଦାସ ସିଂଙ୍କର ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ମୁଣ୍ଡାରୀ ସମାଜର ପାହାନ (ପୂଜକ) ରଘୁନାଥ ସିଂ ପୂଜାର୍ଚ୍ଚନା କରିବା ପରେ ଅଲ ଗୁରୁ ରୋହିଦାସ ସିଂ ନାଗଙ୍କ ପ୍ରତିମୂର୍ତ୍ତିକୁ ଘଟପାଣିରେ ସ୍ନାନ କରି ମାଲ୍ୟାର୍ପଣ କରାଯାଇଥିଲା। ମୁଣ୍ଡାରୀ ଭାଷା ଓ ଗୁରୁଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦିଆଯାଇଥିଲା। ଅପରାହ୍ନରେ ଲେପେଲ ନାପାମ ଅନୁଷ୍ଠାନ ପକ୍ଷରୁ ମୁଣ୍ଡାରୀ କରମ ନୃତ୍ୟ ଓ ଯାଦୁର ନୃତ୍ୟ ପରିବେଷଣ କରାଯାଇଥିଲା। ରାତିରେ ବିଭିନ୍ନ ଅଞ୍ଚଳରୁ ଭାଗ ନେଇଥିବା ଆଦିବାସୀ କ୍ଷୁଦ୍ର ନାଟକ ପରିବେଷଣ ହୋଇଥଲା। ସ୍ୱର୍ଗତ ନାଗ ୧୯୩୪ରେ ମୟୂରଭଞ୍ଜ ଜିଲ୍ଲାର ଚାନ୍ଦୁଆ ଗ୍ରାମରେ ଜନ୍ମଗ୍ରହଣ କରି ୨୦୧୨ ଡିସେମ୍ବର ୩୦ ତାରିଖରେ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଶାଳବଣୀ ଗ୍ରାମରେ ୭୮ ବର୍ଷ ବୟସରେ ପରଲୋକ ଗମନ କରିଥିଲେ।

## ଦୁଇଦିନିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣମେଣ୍ଟ

**ରାସଗୋବିନ୍ଦପୁର, ୫।୨(ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ମାଣିକପୁର ଗ୍ରାମ ବିଶ୍ୱଜିତ ଯୁଥ କ୍ଲବ୍ ପକ୍ଷରୁ ଦ୍ୱିଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣମେଣ୍ଟ ଆୟୋଜିତ ହୋଇଛି। ମୁଖ୍ୟଅତିଥ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। କ୍ଲବ ସଭାପତି ଡା ଆଦିତ୍ୟ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ବିଡିଓ ଅନନ୍ତ ହାଁସଦା ସ୍ୱତନ୍ତ୍ର ଅତିଥି, ଚକାଡୋଳା ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଗୋପୀବଲ୍ଲଭ ଭୂୟାଁ, ନିରଞ୍ଜନ ବେହେରା, ବିଜେପିର ଜିଲ୍ଲା କୋଷାଧ୍ୟକ୍ଷ ପରେଶ ମହାନ୍ତ ଓ ରାଘବପୁର ସମିତି ସଭ୍ୟା ବୈଜୟନ୍ତୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ହରେକୃଷ୍ଣ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ୮ଟି ଟିମ୍ ଭାଗ ନେଇଥିଲେ। ବିଶ୍ୱଜିତ ଯୁଥ୍ କ୍ଲବ୍ ଟିମ୍ ପ୍ରଥମ ଓ ବଡାମପୁର ଟିମ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସ୍ୱତନ୍ତ୍ର ଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ନାଥ ଦାସ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଭଲିବଲ ଏସୋସିଏସନର ଉପସଭାପତି ମନୋରଞ୍ଜନ ଜୀଉ, ସମ୍ମାନିତ ଅତିଥି ଭାବେ ରାଘବପୁର ସରପଞ୍ଚ ଶ୍ରୀନିବାସ ରାମ ଓ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ଯୋଗ ଦେଇଥିଲେ। ଉକ୍ତ ଦିବସରେ ୮ଟି ଟିମ୍ ଖେଳରେ ଭାଗ ନେଇଥିବାବେଳେ ମଧୁପୁରା ପ୍ରଥମ ଓ ବିଶ୍ୱଜିତ ଯୁଥ୍ କ୍ଲବ ଦ୍ୱିତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଉପସଭାପତି ଅଜୟ ବାରିକ, କୋଷାଧ୍ୟକ୍ଷ ଉମାକାନ୍ତ ପାଣି ଓ ଉପଦେଷ୍ଟା ଶିରିଶ ଚନ୍ଦ୍ର ଗିରି, ରାଜକିଶୋର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବର୍ଷ ତମାମ ବିଭିନ୍ନ ସ୍ଥାନରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପାରଦର୍ଶିତା ଦେଖାଇଥିବା କ୍ଲବ୍‌ର ସଦସ୍ୟ ଦେବବ୍ରତ ପାଣି, ଦେବାଶିଷ ପରିଡ଼ା, ସ୍ୱରୂପାନନ୍ଦ ବାରିକ, ହରେକୃଷ୍ଣ ପାଲ, ସୌରଭ ପ୍ରଧାନ, ସତ୍ୟଜିତ ବାରିକ ଓ ବାରିପଦାରେ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବରେ କ୍ଲବ ଟିମ୍ ଚାମ୍ପିଅନ ହୋଇଥିବାରୁ କ୍ଲବ୍ ସମ୍ପାଦକ ହରେକୃଷ୍ଣ ଦାସ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ସମ୍ପାଦକ ଦେବବ୍ରତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ ବର୍ଷରେ ମକର ଉଡ଼ା ପର୍ବ

**କୁଳିଅଣା, ୫।୨(ସମିସ):** କୁଳିଅଣା ବ୍ଲକ ଅନ୍ତର୍ଗତ ପାରିଆକୁଲି ଗଣେଶ ପୂଜା କମିଟି ପକ୍ଷରୁ ସ୍ଥାନୀୟ ହାଟ ପଡ଼ିଆରେ ପାଳିତ ହୋଇଛି ୨୫ତମ ମକର ଉଡ଼ା ପର୍ବ। ଚଳିତ ବର୍ଷ ଏହି ପର୍ବ ରୌପ୍ୟ ଜୟନ୍ତୀ ବର୍ଷ ଭାବେ ପାଳନ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନସମାଗମ ସହ ଉତ୍ସାହ ଦେଖିବାକୁ ମିଳିଛି। ମୁଖ୍ୟଅତିଥି ଭାବେ ଦିଲ୍ଲୀପ ମଙ୍ଗଲ ଓ ସମ୍ମାନିତ ଅତିଥି ଭାବେ ଶିବ ମୁଖୀ ଯୋଗ ଦେଇଥିଲେ। ୨ ତାରିଖରେ ଆରମ୍ଭ ହୋଇ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ୩୫ଟି ଇଭେଣ୍ଟରେ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି ଭାଟୁ ମୁଖି, ସେକ୍ରେଟାରୀ ଦିପୁ ରଣା, କୋଷାଧ୍ୟକ୍ଷ ବିଜୟ ମୁଖୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସୁନାରାମ ସୋରେନଙ୍କ ୧୦୮ତମ ଜୟନ୍ତୀ

**ବାରିପଦା, ୫।୨(ସମିସ):** ଭଞ୍ଜବୀର ସୁନାରାମ ସୋରେନ ଟ୍ରଷ୍ଟ ପକ୍ଷରୁ ଭଞ୍ଜପୁର ଛକସ୍ଥ ସୁନାରାମ ସୋରେନ ପ୍ରତିମୂର୍ତ୍ତି ନିକଟରେ ୧୦୮ତମ ଜୟନ୍ତୀ ପାଳିତ ହୋଇଛି। ମାରାଙ୍ଗ ଗୋଂକେଙ୍କ ପୁତ୍ର ସେଙ୍ଗେଲ ସିଂ ଚାମ୍ପାଇରାମ ସୋରେନ, ପୁତ୍ରବଧୂ ସିନିଗ ସୋରେନ ଉପସ୍ଥିତ ଥିଲେ। ଟ୍ରଷ୍ଟର ଚେୟାରମ୍ୟାନ ଫାଗୁ ରାମ ମାର୍ଣ୍ଡି ଓ ସଂଯୋଜକ ଚନ୍ଦ୍ର ମୋହନ ମାଝି ଯୋଗ ଦେଇଥିଲେ। ସଭାରେ ଡକ୍ଟର ରାଜ୍ କିଶୋର ନାୟକ, ସୁନାରାମ୍ ସୋରେନ ସୁନାରାମଙ୍କ ଜୀବନୀ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଟ୍ରଷ୍ଟ ସଦସ୍ୟ ଇଞ୍ଜିନିୟର କାନ୍ଦନ ମାଝି, ନୁନାରାମ ମାଝି, ଡକ୍ଟର ଭୀମ ଚରଣ ମାର୍ଣ୍ଡି, ଇଞ୍ଜିନିୟର ସୁନା ରାମ ହାଁସଦା, ସମିତ୍ରା ହେମ୍ବ୍ରମ, ସାନ୍ତାଳୀ ଅଲଚିକି ସ୍କୁଲ ଶିକ୍ଷୟିତ୍ରୀ ଫୁଲମଣି ମାର୍ଣ୍ଡି ଉପସ୍ଥିତ ରହି ସୁନାରାମ ସୋରେନଙ୍କ ଜୀବନ ସଂଗ୍ରାମ ବିଷୟରେ ପର୍ଯ୍ୟାଲୋଚନା କରିଥିଲେ।

## କରଞ୍ଜିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କରଞ୍ଜିଆ, ୫।୨(ସମିସ):** କରଞ୍ଜିଆ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଫୁଲମାଳା ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏ ଅବସରରେ ଆଞ୍ଚଳିକ ସଂସ୍କୃତିକୁ ଉଜାଗର କରୁଥିବା ପାରମ୍ପରିକ ମୟୂରଭଞ୍ଜ ପ୍ରସିଦ୍ଧ ନୃତ୍ୟ ପରିବେଷଣ ନିମିତ୍ତ ଚାରୁସ୍ ଡ୍ୟାନ୍ସ ଏକାଡେମୀ ପିଲାଙ୍କୁ ନୃତ୍ୟ ପରିବେଷଣ ନିମିତ୍ତ ଆମନ୍ତ୍ରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଏନଏସି ଚେୟାରମ୍ୟାନ ପପି ପୃଷ୍ଟି, ଭାଇସ୍ ଚେୟାରମ୍ୟାନ କୁନା ପରିଜାଙ୍କ ସହିତ ପୂର୍ବତନ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ବାଞ୍ଛାନିଧି ପୃଷ୍ଟି, ବରିଷ୍ଠ ନେତା ନବକିଶୋର ପଣ୍ଡା, କରଞ୍ଜିଆ ନଗର ସଭାପତି ସମ୍ବିଧାନ ମହାପାତ୍ର, ଜିଲ୍ଲା ଉପସଭାପତି ତଥା ସାଂସଦଙ୍କ ପ୍ରତିନିଧି ଆଶିଷ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଜନାର୍ଦ୍ଦନ ବେହେରା, ବରିଷ୍ଠ ନେତା ମହେଶ୍ୱର ସାହା, ପରେଶ ଦାସ, ନାରୀନେତ୍ରୀ ଲକ୍ଷ୍ମୀ ଝା, ନିହାରିକା ଦାସଙ୍କ ସମେତ ଅନ୍ୟାନ୍ୟ ବିଜେପି କର୍ମୀ, ସାମାଜିକ କର୍ମୀ, ସଂସ୍କୃତିପ୍ରେମୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରଶାନ୍ତ ଚିତ୍ତ ହିଁ ଜୀବନରେ ସବୁ ଦୁଃଖକୁ ଜିଣିବାର ସର୍ବୋତ୍ତମ ଅସ୍ତ୍ର!
- ଶ୍ରୀ ସତ୍ୟସାଇ ବାବା

## ସଙ୍କଟରେ ସୂଚନା ଅଧିକାର

ସୂଚନା ଅଧିକାର ଆଇନ(ଆରଟିଆଇଏ)ର ପୁନଃସମୀକ୍ଷା ଓ ସଂଶୋଧନ ସପକ୍ଷରେ 'ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ-୨୦୨୫-୨୬' ଟିପ୍ପଣୀ ଦେବା ପରେ ଆଲୋଡ଼ନ ସୃଷ୍ଟି ହୋଇଛି। ୟୁପିଏ ଅମଳରେ ପ୍ରଣୀତ ଶିକ୍ଷା ଅଧିକାର ଆଇନ(ଆରଟିଇ), ଜାତୀୟ ଖାଦ୍ୟ ନିରାପତ୍ତା ଆଇନ(ଏଫ୍ଏସ୍ଏ), ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍ନରେଗା) ପରି କେତେକ ସର୍ବାଧିକ ଲୋକାଭିମୁଖୀ ଓ ବହୁଳ ଆଦୃତ ଆଇନ ଭିତରେ ଆରଟିଆଇଏ ଥିଲା ଯୁଗାନ୍ତକାରୀ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସନ ଓ ପ୍ରଶାସନକୁ ଜନଗଣଙ୍କ ନିକଟରେ ଅଧିକ ଉତ୍ତରଦାୟୀ ଓ ସ୍ୱଚ୍ଛ କରିବାରେ ଏହି ଆଇନର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନୋତ୍ତର ଭାରତରେ ଆଇଟିଆଇଏ ଏଭଳି ଏକ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଅସ୍ତ୍ରଟିଏ ହୋଇଛି, ଯାହା ଆଗରେ ପ୍ରତିପତ୍ତି ଓ କ୍ଷମତା ଆଦି ଦୁର୍ବଳ ହୋଇପଡ଼ିଛନ୍ତି ଏବଂ ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକଟିର ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ ଏହି ଆଇନ ଆହୁରି ସଶକ୍ତ କରିବାରେ ସହାୟକ ହୋଇପାରିଛି। ଲୋକମାନେ ଗଢ଼ିଥିବା ସରକାରରେ କେଉଁ ନିଷ୍ପତ୍ତି ପ୍ରଶାସନିକ ସ୍ତରରେ କିଭଳି କାର୍ଯ୍ୟକାରୀ ହେଉଛି ସେ ବିଷୟରେ ଜାଣିବାର ଅଧିକାର ଲୋକମାନଙ୍କର ରହିଛି। ଏହି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ସୁରକ୍ଷାକୁ ଆରଟିଆଇଏ ରୂପକ ଅସ୍ତ୍ରଟି ସହଜ କରିଛିଲା। ଏହି ଆଇନ ବଳରେ ବ୍ୟାପମ୍, ଆଦର୍ଶ ହାଉସିଂ, ବ୍ୟାଙ୍କିଙ୍ଗ ପରି ଅନେକ ମହାଦୁର୍ନୀତି ଲୋକଲୋଚନକୁ ଆସିପାରିଛି। ତେଣୁ ଆରଟିଆଇଏର ପୁନଃସଂସ୍କାରକୁ ନାଗରିକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।

ଆମେରିକା, ଇଂଲଣ୍ଡ, ସ୍ୱିଡେନ୍ ଆଦି ଆନ୍ତର୍ଜାତିକ ସ୍ତରରେ ପ୍ରଣୀତ କେତେକ ସୂଚନା ଅଧିକାର ଆଇନ ଅନୁକରଣରେ ଭାରତୀୟ ଶାସନ କ୍ଷେତ୍ରରେ ନିଆଯାଉଥିବା ନିଷ୍ପତ୍ତି ଏବଂ ପ୍ରଶାସନିକ ସ୍ତରରେ ରୂପାୟନର ଅଗ୍ରଗତି(ଆନ୍ତଃବିଭାଗୀୟ ଚିଠିପତ୍ର ବିନିମୟ, ଫାଇଲ୍ର ଅଗ୍ରଗତି, ରେକର୍ଡର ବିବରଣୀ ଆଦି)କୁ ଯେପରି ସାର୍ବଜନିନ କରାଯିବ ନାହିଁ ଏବଂ ଆରଟିଆଇ ଆଇନ ବଳରେ ପ୍ରାର୍ଥନା କରାଯାଉଥିବା ସେ ସମ୍ପର୍କିତ ସୂଚନାକୁ ଯେପରି ନାସ୍ତିବାଣୀ ଶୁଣାଯାଇପାରିବ ସେଥିଲାଗି ଆଇନରେ ଆବଶ୍ୟକ ସଂଶୋଧନ ଆଣିବାକୁ ଅର୍ଥନୈତିକ ରିପୋର୍ଟ ୨୦୨୫-୨୬ ମତ ଦେଇଛି। ଏଭଳି ଆବେଦନ ଦ୍ୱାରା ଅଯଥା ପ୍ରଶାସନିକ ଖର୍ଚ୍ଚ ଓ ସମୟ ଅପଚୟ ହେଉଥିବାରୁ ମନ୍ତ୍ରିସ୍ତରୀୟ 'ଭେଟୋ' ପ୍ରୟୋଗ ଭଳି ବ୍ୟବସ୍ଥା ଖଞ୍ଜିବାକୁ ମଧ୍ୟ ରିପୋର୍ଟରେ ପରାମର୍ଶର୍ ଦିଆଯାଇଛି। ଆରଟିଆଇ ଦ୍ୱାରା ବିଧାନପାଳିକାର ଭୂମିକା, ସ୍ଥିତି ଓ ଗୁରୁତ୍ୱ କ୍ଷୁଣ୍ଣ ହେଉଛି ବୋଲି ରିପୋର୍ଟ ମତବ୍ୟକ୍ତ କରିଛି। ଦେଶର ଆଭ୍ୟନ୍ତରୀଣ ଗୋପନୀୟତା, ଅଖଣ୍ଡତା, ଏକତା ଓ ସାର୍ବଭୌମତ୍ୱର ସୁରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ ସୂଚନାଗୁଡ଼ିକୁ ସାର୍ବଜନିନ ନ କରିବା ପାଇଁ ଆରଟିଆଇଏର ଧାରା ୮ ରେ ବ୍ୟବସ୍ଥା ରହିଛି। ତା'ସତ୍ତ୍ୱେ ଆଇନକୁ ଆହୁରି ସଂକୁଚିତ କରିବାର ଉଦ୍ଦେଶ୍ୟ ବୁଝା ପଡୁନାହିଁ। ମୋଟାମୋଟି ଭାବେ ଆରଟିଆଇଏର ଦୁରୁପଯୋଗ ହେଉଥିବା ରିପୋର୍ଟର ଭାଷାରୁ ସ୍ପଷ୍ଟ ହେଉଛି ଏବଂ ଏହି ଆଳରେ ଏହି ପ୍ରଭାବଶାଳୀ ଆଇନଟିର ଡେଣାକୁ ହନନ କରିବାର ଅପଚେଷ୍ଟା ଆରମ୍ଭ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉ ନାହିଁ। କାରଣ ସମ୍ପ୍ରତି ଆଇନର ଧାରା ୮ ଆଳରେ ଜନସ୍ୱାର୍ଥ ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବାକୁ ସରକାର ବାରଣ କରୁଛନ୍ତି। ଏପରିକି ରେଳ ବିଭାଗର ଯାତ୍ରୀ ଭଡ଼ା ସମ୍ପର୍କିତ ସୂଚନା ମଧ୍ୟ ଗୋପନୀୟତା(ଧାରା ୮) ଆଳରେ ମିଳିପାରୁନାହିଁ। ଫଳସ୍ୱରୂପ ସୂଚନା ଆୟୋଗଙ୍କ ନିକଟରେ ମାମଲା ବୋଝ ବଢ଼ିବାରେ ଲାଗିଛି। ୨୦୨୫, ଜୁନ୍ ୩୦ ସୁଦ୍ଧା ବିଭିନ୍ନ ସୂଚନା ଆୟୋଗଙ୍କ ପାଖରେ ୪.୧୩ ଲକ୍ଷ ଆବେଦନ ବିଚାରାଧୀନ ରହିଛି। ଯଦି ପ୍ରଶାସନିକ ସ୍ତରରେ ସୂଚନା ଅଧିକାର ଉତ୍ତରଦାୟିତ୍ୱକୁ ଆହୁରି ନିଶ୍ଚିତ କରାଯାଆନ୍ତା ତେବେ ଆୟୋଗଙ୍କ ନିକଟରେ ମାମଲା ବୋଝ ସୃଷ୍ଟି ହୁଅନ୍ତା ନାହିଁ। କିନ୍ତୁ ମାମଲା ବୋଝ ହ୍ରାସ କରିବା ପାଇଁ ଶାସନ ପ୍ରଶାସନକୁ ଆରଟିଆଇଏର ଉତ୍ତରଦାୟିତ୍ୱରୁ ସୁରକ୍ଷା ଦେବା କେତେ ଯୁକ୍ତିଯୁକ୍ତ ତାହା ବିଚାରଯୋଗ୍ୟ।

ଆଇନ ବିଶାରଦମାନଙ୍କ ମତରେ 'ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରଟୋକ୍ସନ୍ ଆକ୍ଟ ୨୦୨୩' ଅଧୀନରେ ଅନେକ ତଥ୍ୟକୁ ସାର୍ବଜନିନ କରିବା ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ତେଣୁ ଆରଟିଆଇଏର ଆଉ ଅଧିକ ରକ୍ଷଣଶୀଳତା ତାହାକୁ 'ରାଇଟ୍ ଟୁ ଡିନାଏ ଆକ୍ଟ(ମନା କରିବାର ଅଧିକାର)'ରେ ପରିଣତ କରିଦେବ। ବୁଦ୍ଧିଜୀବୀ ମହଲର ଯୁକ୍ତି ଅନୁଯାୟୀ ସୂଚନା ଅଧିକାର ଏକ ସାମାଜିକ ଓ ନାଗରିକ ଶାସନ ବ୍ୟବସ୍ଥାଗତ ପ୍ରସଙ୍ଗ। ଶାସନ ଓ ଶାସିତଙ୍କ ଭିତରେ ଆରଟିଆଇଏ ସୁସ୍ଥ ଓ ସ୍ୱଚ୍ଛ ସମ୍ପର୍କର ଏକ ସେତୁ ତିଆରି କରିଛି। ଆଇନର ଧାରା ୪ ଅନୁଯାୟୀ ଶାସନ/ପ୍ରଶାସନ ଜନତାଙ୍କ ସୂଚନା ଅଧିକାର ସୁରକ୍ଷିତ ରଖିବାକୁ ବାଧ୍ୟ। ଏହି ପୃଷ୍ଠଭୂମିରେ ଆରଟିଆଇରେ ସଂଶୋଧନ ପ୍ରସ୍ତାବ ପାଇଁ ଅର୍ଥନୈତିକ ପରାମର୍ଶଦାତା କେତେ ଅଧିକାରପ୍ରାପ୍ତ ତାହା ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ତଥ୍ୟାଭିଜ୍ଞ ମହଲର ମତାନୁଯାୟୀ ୟୁପିଏ ଅମଳରେ ପ୍ରଣୀତ ଯୁଗାନ୍ତକାରୀ ଆଇନ ମଧ୍ୟରୁ ଏମ୍ନରେଗାକୁ ସଂସଦର ଗତ ଶୀତ ଅଧିବେଶନରେ ବିନା ବିତର୍କରେ ଏକ ବିଧେୟକ ବଦଳରେ ରଦ୍ଦ କରିଦିଆଯାଇଥିବା ବେଳେ ଶିକ୍ଷା ଅଧିକାର ଆଇନକୁ ଅନେକାଂଶରେ ପଙ୍ଗୁ କରିବାର ଉଦ୍ୟମ ଜାରି ରହିଛି। ଆଗାମୀ ଦିନରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସଂସ୍କାର ଅଣାଯିବ ବୋଲି ସୂଚନା ମିଳିଛି। ତେଣୁ ୟୁପିଏ ଅମଳରେ ପ୍ରଣୀତ ଅପରାଧରେ ଆରଟିଆଇଏ ମଧ୍ୟ ଯଦି ବଳି ପଡ଼େ ତେବେ କେବଳ ଭାଗ୍ୟକୁ ନିନ୍ଦିବା ଛଡ଼ା ଅନ୍ୟ ଉପାୟ ନାହିଁ।

# ସମୁଦ୍ରାୟନ ଅଭିଯାନରେ ମତ୍ସ୍ୟ-୬୦୦୦

ଇଂ ମାୟାଧର ସ୍ୱାଇଁ

ସମୁଦ୍ରାୟନ ଅଭିଯାନ ହେଉଛି ଭାରତର ମହତ୍ତ୍ୱାକାଂକ୍ଷୀ ମାନବଯୁକ୍ତ ଗଭୀର ସମୁଦ୍ର ଅନ୍ୱେଷଣ କାର୍ଯ୍ୟକ୍ରମର ଅଂଶବିଶେଷ। ଭୂବିଜ୍ଞାନ ମନ୍ତ୍ରାଳୟ ଅଧୀନରେ ପରିଚାଳିତ ଏହି ଅଭିଯାନରେ ସମୁଦ୍ରର ଛଅହଜାର ମିଟର ଗଭୀରରେ ପ୍ରବେଶ କରି ପରୀକ୍ଷା କରିବାର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ମେ' ମାସରେ ଏହି ଅଭିଯାନ ଆରମ୍ଭ ହୋଇ ପ୍ରଥମେ ପାଞ୍ଚଶହ ମିଟର ଗଭୀର ପର୍ଯ୍ୟନ୍ତ ଯିବା ପାଇଁ ଯୋଜନା କରାଯାଇଛି।

ଭାରତର ଗଭୀର ସମୁଦ୍ର ଅଭିଯାନର ଛଅଟି ଲକ୍ଷ୍ୟ ଅଛି। ସେଗୁଡ଼ିକ ହେଉଛି (୧) ଗଭୀର ସମୁଦ୍ରରୁ ଖଣିଜ ଉତ୍ତୋଳନ ପାଇଁ ପ୍ରଯୁକ୍ତି ବିଦ୍ୟା ଓ ମାନବଯୁକ୍ତ ଜଳଭିତର ରୋବୋଟ ବିଜ୍ଞାନର ବିକାଶ, (୨) ମହାସାଗର ଜଳବାୟୁ ପରିବର୍ତ୍ତନ ପରାମର୍ଶ ସେବା, (୩) ଗଭୀର ସମୁଦ୍ର ଜୈବବିବିଧତାର ଅନୁସନ୍ଧାନ ଓ ସଂରକ୍ଷଣ ପାଇଁ ପ୍ରଯୁକ୍ତି ବିଦ୍ୟାର ବିକାଶ, (୪) ଗଭୀର ମହାସାଗର ସର୍ବେକ୍ଷଣ ଓ ଅନୁସନ୍ଧାନ, (୫) ସମୁଦ୍ରରୁ ଶକ୍ତି ଓ ମଧୁର ଜଳ ଉତ୍ପାଦନ ଏବଂ (୬) ମହାସାଗର ଜୀବବିଜ୍ଞାନ ପାଇଁ ଉନ୍ନତ ସାମୁଦ୍ରିକ କେନ୍ଦ୍ର ସ୍ଥାପନ। ଏହି ଅଭିଯାନ 'ସାମୁଦ୍ରିକ ତାପଜ ଶକ୍ତି ରୂପାନ୍ତରଣ' ପ୍ରକ୍ରିୟାରେ ଶକ୍ତି ଉତ୍ପାଦନ ଏବଂ ନିମ୍ନ ତାପମାତ୍ରାରେ ତାପୀୟ ମଧୁର ଜଳ ଉତ୍ପାଦନ ପାଇଁ ସାହାଯ୍ୟ କରିବ।

ଗଭୀର ସମୁଦ୍ର ଏବେ ମଧ୍ୟ ଆମ ନିକଟରେ ରହସ୍ୟମୟ ହୋଇରହିଛି। ପୃଥିବୀର ୭୧ ପ୍ରତିଶତ ସ୍ଥାନ ମହାସାଗର ଅଧିକାର କରିଛି। ଏହାର ଅର୍ଥ ହେଉଛି ଯେ ପୃଥିବୀ ୭୧ ପ୍ରତିଶତ ସମ୍ବଳ ନିକଟରେ ଆମେ ପହଞ୍ଚିପାରି ନାହେଁ ଏବଂ ସ୍ଥଳଭାଗର ସମ୍ବଳ କ୍ରମଶଃ ନିଃଶେଷ ହେବାରେ ଲାଗିଛି। ଏଣୁ ସମୁଦ୍ର ତଳେ ଥିବା ଖଣିଜ ସମ୍ପଦ ଅନୁସନ୍ଧାନ କରିବା ନିହାତି ଅବଶ୍ୟକ। ତେବେ ଏଥିପାଇଁ ମନୁଷ୍ୟକୁ ଗଭୀର ସମୁଦ୍ରକୁ ପଠାଇବାର ଉଦ୍ଦେଶ୍ୟ କ'ଣ? ଗୋଟିଏ ଭଲ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଆମେ ଶନିର ବଳୟକୁ ଦେଖିପାରୁଛେ ଏବଂ ମଙ୍ଗଳ ଗ୍ରହରେ ବିଚରଣ କରୁଥିବା ରୋଭରକୁ ପୃଥିବୀପୃଷ୍ଠରୁ ନିୟନ୍ତ୍ରଣ କରି ହେଉଛି। କିନ୍ତୁ ଜଳ ପତ୍ତନରୁ ଅଳ୍ପ କେତେ ମିଟର ଭିତର ଅଂଶକୁ ଆମେ ଦେଖିପାରିବା ନାହିଁ କିମ୍ବା ନିୟନ୍ତ୍ରଣ କରିପାରିବା ନାହିଁ। ବିଦ୍ୟୁତ ଚୁମ୍ବକୀୟ ତରଙ୍ଗ ସମୁଦ୍ର ଜଳରେ ଅଧିକ ଦୂରକୁ ଗତି କରିପାରେ ନାହିଁ କିମ୍ବା ସେଠାରେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ବ୍ୟବହାର କରି ରେଡାର, ଜିପିଏସ୍ ଓ ଯୋଗାଯୋଗ ବ୍ୟବସ୍ଥା କାର୍ଯ୍ୟ କରେ ନାହିଁ। ସମୁଦ୍ର ତଳକୁ ଯେତେ ଗଭୀରକୁ ଯିବା, ଚାପ ସେହି ଅନୁଯାୟୀ ବଢ଼ି ଚାଲେ। ପ୍ରତି ଦଶ ମିଟର ଗଭୀରରେ ବାୟୁମଣ୍ଡଳୀୟ ଚାପ ବୃଦ୍ଧି ପାଏ। ପୁନଶ୍ଚ ସମୁଦ୍ରରେ ତାପମାତ୍ରା, ଲବଣତା ଓ ସାନ୍ଦ୍ରତା ବିଭିନ୍ନ ସ୍ଥାନରେ ଅଲଗା ହୋଇଥାଏ। ସମୁଦ୍ରରେ ଆଲୋକ ବଦଳରେ ଧ୍ୱନିକୁ ବ୍ୟବହାର କରାଯାଏ, କିନ୍ତୁ ଏହାର ବେଗ ହେଉଛି ଆଲୋକ ବେଗଠାରୁ ଦୁଇ ଲକ୍ଷ ଗୁଣ କମ୍। ଫଳରେ ଏହା ସୀମିତ ପରିମାଣର ତଥ୍ୟ ବହନ କରିପାରେ ଏବଂ ଧ୍ୱନି ସହଜରେ ପ୍ରତିସରିତ ହେଉଥିବାରୁ ଏହାକୁ ବ୍ୟବହାର କରିବା କଷ୍ଟକର ହୋଇଥାଏ। ମୋଟ ଉପରେ କହିଲେ, ଆମେ ମହାକାଶକୁ ଯେପରି ଭାବରେ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ କରି ପାରୁଛେ ଗଭୀର ସମୁଦ୍ରକୁ ସେପରି କରି ପାରୁନାହୁଁ। ଅବଶ୍ୟ ସୋନାର ଯନ୍ତ୍ର ସାହାଯ୍ୟରେ ଆମେ ସମୁଦ୍ରର ଗଭୀରତା ଜାଣିପାରୁଛେ।

ଗଭୀର ସମୁଦ୍ରକୁ ଯିବା ପାଇଁ ମନୁଷ୍ୟ ପାଖରେ ଉତ୍ତମ ପ୍ରଯୁକ୍ତି ବିଦ୍ୟା ନ ଥିବାରୁ ପରୋକ୍ଷ ଭାବରେ ଏହାର ଅନୁସନ୍ଧାନ କରାଯାଉଛି। କିନ୍ତୁ ଏହା ଅଧିକ ଫଳପ୍ରଦ ହେବ, ଯଦି ମନୁଷ୍ୟ ସମୁଦ୍ର ତଳକୁ ଯାଇ ନିଜେ ପରୀକ୍ଷା ଓ ଅନୁସନ୍ଧାନ କରିବ। ଏହି ଲକ୍ଷ୍ୟ ନେଇ ଶକ୍ତିଶାଳୀ ବୁଡ଼ାଜାହାଜ ନିର୍ମାଣ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଭାରତ ଏବେ ଏହି ପ୍ରଯୁକ୍ତି ବିଦ୍ୟା ହାସଲ କରିଛି ଏବଂ ଗଭୀର ସମୁଦ୍ରରେ ଅନୁସନ୍ଧାନ ପାଇଁ ନିଜ ଲୋକଙ୍କୁ ପଠାଇବା ପାଇଁ ଯୋଜନା କରିଛି। ଭାରତ ସରକାର ୨୦୨୧ ମସିହାରେ ଗଭୀର ମହାସାଗର ଅଭିଯାନ ଆରମ୍ଭ କରିଛନ୍ତି ଏବଂ ୨୦୨୬ ମସିହାରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ଅଭିଯାନ ପାଇଁ ୪୦୭୭ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି। ଏହାକୁ ସରକାରଙ୍କର 'ନୀଳ ଅର୍ଥନୀତି' ପ୍ରଚେଷ୍ଟା କୁହାଯାଉଛି। ଏହି ଅଭିଯାନର ଏକ ଅଂଶ ହେଉଛି 'ସମୁଦ୍ରାୟନ' କାର୍ଯ୍ୟକ୍ରମ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋଟିଏ ସ୍ୱୟଂଚାଳିତ ବୁଡ଼ାଜାହାଜ ନିର୍ମାଣ କରି ସେଥିରେ ତିନି ଜଣ ଭାରତୀୟଙ୍କୁ ନେଇ ଛଅ ହଜାର ମିଟର ସମୁଦ୍ର ଗଭୀରକୁ ଯାଇ ଜୈବ ବିବିଧତା ଓ ଖଣିଜ ସମ୍ପଦର ଅନୁସନ୍ଧାନ କରିବା। ଏହି ବୁଡ଼ାଜାହାଜକୁ ଚେନ୍ନାଇ ସ୍ଥିତ 'ଜାତୀୟ ମହାସାଗର ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ' ଏବଂ 'ଭାରତୀୟ ମହାକାଶ ଗବେଷଣା ସଂସ୍ଥା' ମିଳିତ ଭାବେ ଡିଜାଇନ ଓ ନିର୍ମାଣ କରିଛନ୍ତି। ଏହାର ନାମ 'ମତ୍ସ୍ୟ ୬୦୦୦' ରଖାଯାଇଛି। ଡିଜାଇନ ଏପରି ହୋଇଛି ଯେ ତିନିଜଣ ସମୁଦ୍ର ଯାତ୍ରୀ ସମୁଦ୍ର ପତ୍ତନରୁ ଛଅ ହଜାର ଫୁଟ ତଳେ ବାର ଘଣ୍ଟା ରହି କାର୍ଯ୍ୟ କରିପାରିବେ ଏବଂ ଜରୁରୀ ପରିସ୍ଥିତିରେ ଏହା ଛୟାନବେ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବ।

'ମତ୍ସ୍ୟ -୬୦୦୦'ର ଓଜନ ହେଉଛି ପ୍ରାୟ ୨୦ ଟନ ଏବଂ ଏଥିରେ ଥିବା ବିଜ୍ଞାନ ଯନ୍ତ୍ରପାତିଗୁଡ଼ିକର ଓଜନ ୩୦୦ କି.ଗ୍ରା। ଏଥିରେ ଅମ୍ଳଜାନ ଯୋଗାଣ ଓ ଅଙ୍ଗାରକାମ୍ଳ ନିଷ୍କାସନ ଭଳି ଜୀବନରକ୍ଷାକାରୀ ବ୍ୟବସ୍ଥା ଏବଂ ଡିଜିଟାଲ ଓ ଭିଡିଓ କ୍ୟାମେରା ଅଛି। ଗଭୀର ସମୁଦ୍ରର ଚାପକୁ ସହ୍ୟ କରିବା ପାଇଁ ଏହି ଯାନ ଟାଇଟାନିୟମ୍ ମିଶ୍ରଧାତୁରେ ନିର୍ମିତ ହୋଇଛି। ପୁନଶ୍ଚ ଅଧିକ ଚାପ ସହି ପାରିବା ପାଇଁ ଏହାକୁ ଗୋଲକ ଆକାରରେ ନିର୍ମାଣ କରାଯାଇଛି। ଗୋଲକର ବ୍ୟାସ ୨.୧ ମିଟର ହୋଇଥିବା ବେଳେ ଏହାର ମୋଟେଇ ହେଉଛି ୮୦ ମିଲିମିଟର। ପରୀକ୍ଷଣ ପାଇଁ ପାଞ୍ଚଶହ ମିଟର ଗଭୀରକୁ ଯାଇ ପାରିବା ଭଳି ଇସ୍ପାତର ଗୋଟିଏ ଗୋଲକ ନିର୍ମାଣ କରାଯାଛି ଏବଂ ଏହାକୁ ଚଳିତ ବର୍ଷ ମେ' ମାସରେ ସମୁଦ୍ର ଭିତରକୁ ଛଡ଼ାଯିବ। ୨୦୨୭-୨୮ ମସିହା ସୁଦ୍ଧା ଭାରତ ଏହାର ପ୍ରଥମ ମାନବଯୁକ୍ତ ମତ୍ସ୍ୟ-୬୦୦୦ ବୁଡ଼ାଜାହାଜକୁ ସମୁଦ୍ରକୁ ଛାଡ଼ିବା ପାଇଁ ଯୋଜନା ହୋଇଛି।

ନୀଳ ଅର୍ଥନୀତିରୁ ସମଗ୍ର ପୃଥିବୀରେ ବାର୍ଷିକ ତିନିରୁ ଛଅ ଟ୍ରିଲିଅନ୍ ଡଲାର ଆୟ ହୋଇପାରିବ ବୋଲି ଆକଳନ କରାଯାଇଛି। ଭାରତର ସାମୁଦ୍ରିକ ଉପକୂଳ ରେଖା ହେଉଛି ୧୧୦୦୦ କିମିରୁ ଅଧିକ ଏବଂ ୨.୩୭ ନିୟୁତ ବର୍ଗ କି.ମିର ସ୍ୱତନ୍ତ୍ର ଅର୍ଥନୀତିକ ଅଞ୍ଚଳ ରହିଛି। ଏଣୁ ସମୁଦ୍ରରୁ ସମ୍ପଦ ଆହରଣରେ ଭାରତ ପାଖରେ ଅନେକ ସୁଯୋଗ ରହିଛି। ବର୍ତ୍ତମାନ ଏହି କ୍ଷେତ୍ରରୁ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ମାତ୍ର ଚାରି ପ୍ରତିଶତ ଅବଦାନ ଅଛି। ୨୦୧୭ ମସିହାରେ ତିରୁପତିଠାରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ କଂଗ୍ରେସ ଅଧିବେଶନରେ ପ୍ରଧାନମନ୍ତ୍ରୀ ଗଭୀର ମହାସାଗର ଅଭିଯାନ ସମ୍ବନ୍ଧରେ ଘୋଷଣା କରିଥିଲେ। ଏହି ଅଭିଯାନର ସଫଳତା ନିଶ୍ଚିତ ଭାବେ ଭାରତକୁ ଅର୍ଥନୀତିକ ଓ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଲାଭଦାୟକ ହେବ। ଏହି ଅଭିଯାନ ସଫଳ ହେଲେ ମାନବଯୁକ୍ତ ସମୁଦ୍ର ଅଭିଯାନ ପ୍ରଯୁକ୍ତିବିଦ୍ୟା ହାସଲ କରିବାରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚୀନ୍, ଫ୍ରାନ୍ସ ଓ ଜାପାନ ସହିତ ଭାରତ ସାମିଲ ହେବ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮ ୬୯୩୭୨୪

# ପିଲାଙ୍କର ପ୍ରୋଜେକ୍ଟ ଶିକ୍ଷା: ସୃଜନ ନା ଚାପ?

ମିନାକ୍ଷୀ ଦ୍ୱିବେଦୀ

ଆଧୁନିକ ଶିକ୍ଷା ପଦ୍ଧତିରେ ପାଠ୍ୟକ୍ରମର ବୋଝ ସହିତ ହୋମ୍ୱାର୍କ(ଘରେ ସ୍କୁଲ୍ର ପାଠପଢ଼ା ଅଭ୍ୟାସ) ଏବଂ ସ୍କୁଲ୍ ପ୍ରୋଜେକ୍ଟ ଚାପ ମଧ୍ୟ ବଢ଼ିଛି। ଏହା ପିଲାମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଶିକ୍ଷା କେବଳ ପାଠ ପଢ଼ିବା ନୁହେଁ, ତାହା ହେଉଛି ଜୀବନକୁ ବୁଝିବା ଏବଂ ନିଜେ ଚିନ୍ତନ କରି ଶିଖିବାର ଏକ ଅବିରତ ଯାତ୍ରା। କିନ୍ତୁ ଆଜିର ଶିକ୍ଷା ପ୍ରଣାଳୀରେ ପିଲାମାନଙ୍କ ଶିଖିବା ଶୈଳୀ ଭିନ୍ନ ହୋଇପଡ଼ିଛି।

ଏକଦା ସ୍କୁଲ୍ ପ୍ରୋଜେକ୍ଟର ଅର୍ଥ ଥିଲା ରଙ୍ଗିନ କାଗଜ, ଛୋଟ ଚିତ୍ର ଓ ନିଜ ହାତର ସୃଜନଶୀଳତା। ଆଜି ସେଇ ପ୍ରୋଜେକ୍ଟ ହୋଇପଡ଼ିଛି ମାର୍କ ଓ ମେସିନ୍ ପ୍ରିଣ୍ଟର ଦୌଡ଼। ବହୁଳ ମାତ୍ରାରେ ଏବଂ ଅପରିକଳ୍ପିତ ଭାବେ ଦିଆଯାଉଥିବା ଏହି ପ୍ରୋଜେକ୍ଟଗୁଡ଼ିକ ଏବେ ଶିକ୍ଷାର ଉତ୍କର୍ଷ ଓ ସୃଜନଶୀଳତାର ବିକାଶ ପରିବର୍ତ୍ତେ ଏକ ବଡ଼ ଭାର ସଦୃଶ ହୋଇଯାଇଛି। ଖେଳ ଓ ସାମାଜିକ ବିକାଶରେ ବାଧା ଦେଉଛି। ବାହ୍ୟ ଜଗତ ଓ ପ୍ରକୃତି ସହ ସମ୍ପର୍କ କମିବା ଫଳରେ ସେମାନଙ୍କର ସାମାଜିକ, ଭାବନାତ୍ମକ ଓ ବାସ୍ତବ ଜୀବନର ଶିକ୍ଷା ବିକାଶରେ ଅଭାବ ଦେଖାଦେଉଛି। ପ୍ରୋଜେକ୍ଟ କାର୍ଯ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ସୃଜନଶୀଳତା, ଗବେଷଣା ଓ ସମସ୍ୟା ସମାଧାନ ଦକ୍ଷତା ବୃଦ୍ଧି କରିବା। ପ୍ରୋଜେକ୍ଟ କାମରେ ପିଲାମାନେ ନୂତନ କିଛି ଶିଖନ୍ତି, ନିଜ ହାତରେ କଲେ କାମ କରିବା ସାମର୍ଥ୍ୟ ଗଢ଼ନ୍ତି। କିନ୍ତୁ ବାସ୍ତବରେ ଛାତ୍ରଛାତ୍ରୀଙ୍କୁ ଗୋଟିଏ ସମୟରେ ଅନେକ ବିଷୟର ପ୍ରୋଜେକ୍ଟ ଦିଆଯାଉଛି। ଫଳରେ ସେମାନେ କୌଣସି ଗୋଟିଏ କାର୍ଯ୍ୟକୁ ମନ ଲଗାଇ କରିବା ପାଇଁ ସମୟ ପାଉନାହାନ୍ତି କି ସମର୍ଥ ହେଇ ପାରୁନାହାନ୍ତି। କେବଳ ଭଲ ନମ୍ବର ପାଇବା ପାଇଁ ଶୀଘ୍ର ଶୀଘ୍ର କାମ ସାରିବା ଉପରେ ଗୁରୁତ୍ୱ ଦିଆଯାଉଛି, ଯାହା ଶିକ୍ଷାର ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଛି। ଅପରପକ୍ଷରେ ଏହା ପିଲାମାନଙ୍କ ମନରେ ସୃଜନଶୀଳତା ବଦଳରେ ଭୟ ସୃଷ୍ଟି ହେଉଛି। ପିଲାମାନେ ନିଜ ଆନନ୍ଦରେ ଶିଖିବା ପରିବର୍ତ୍ତେ ବୋଝ ଉତାରିବା ପରି ମନେ କରୁଛନ୍ତି।

ଏହି ପ୍ରୋଜେକ୍ଟଗୁଡ଼ିକ ଛାତ୍ରଛାତ୍ରୀଙ୍କଠାରୁ ଅଧିକ ଅଭିଭାବକଙ୍କ ଚିନ୍ତାର କାରଣ ପାଲଟିଛି। ଅନେକ ସମୟରେ ପ୍ରୋଜେକ୍ଟଗୁଡ଼ିକ ଏତେ ଜଟିଳ ହେଉଛି ଯେ ଛାତ୍ରଛାତ୍ରୀମାନେ ନିଜେ ନକରି ଅଭିଭାବକଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହେଉଛନ୍ତି। ରାତିରେ ଅଫିସ୍ କାମରୁ ଫେରିବା ପରେ ବି ପିତାମାତାଙ୍କୁ ପିଲାଙ୍କ ସହିତ ରାତି ୧୨ଟା କିମ୍ବା ତା'ଠୁ ଅଧିକ ସମୟ ପର୍ଯ୍ୟନ୍ତ ଅନିଦ୍ରା ରହିବାକୁ ପଡୁଛି। ଚାକିରି କରୁଥିବା ପିତାମାତାଙ୍କ ପାଇଁ ଏହି ସମସ୍ୟା ଆହୁରି ଜଟିଳ। ସେମାନଙ୍କୁ ପିଲାଙ୍କ ପ୍ରୋଜେକ୍ଟ ପାଇଁ ନିଜର ବ୍ୟକ୍ତିଗତ କିମ୍ବା ବୃତ୍ତିଗତ କାମରୁ ଅନେକ ସମୟ ବାଦ୍ ଦେବାକୁ ପଡୁଛି। ଘରର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ଏହି କାରଣରୁ ପ୍ରଭାବିତ ହେଉଛି। ବେଳେ ବେଳେ ଏପରି ବିଷୟ ଉପରେ ପ୍ରୋଜେକ୍ଟ ଦିଆଯାଉଛି, ଯାହାର ସାମଗ୍ରୀ ବଜାରରେ ସହଜରେ ମିଳେ ନାହିଁ। ପିତାମାତାଙ୍କୁ ସେହି ସାମଗ୍ରୀ ଖୋଜିବା ପାଇଁ ବହୁତ ଦୌଡ଼ଧାପଡ଼ କରିବାକୁ ପଡୁଛି। ଅନେକ ପିତାମାତା ଭାବନ୍ତି ଯେ ଯଦି ସେମାନେ ନିଜ ପିଲାଙ୍କ ପ୍ରୋଜେକ୍ଟକୁ ଅଖୁଣ ନ କରିବେ ପିଲାଟି ଶ୍ରେଣୀରେ ପଛରେ ପଡ଼ିଯିବ। ଏହି ଭୟରୁ ସେମାନେ ନିଜେ ସମସ୍ତ କାମ କରିଦିଅନ୍ତି, ଯାହା ପିଲାର ସୃଜନଶୀଳତା ଓ ଶିକ୍ଷଣ ଦକ୍ଷତାକୁ ନଷ୍ଟ କରିଥାଏ। ଏହି ସାହାଯ୍ୟ ନିର୍ଭରଶୀଳତା ମାତ୍ରାଧିକ ହେଲେ ପିଲା କିଛି ଶିଖିପାରେ ନାହିଁ ଏବଂ କମ୍ ସାହାଯ୍ୟ କଲେ ପ୍ରୋଜେକ୍ଟ ଖରାପ ହେବାର ଭୟ ଥାଏ। ଏହି ଦ୍ୱନ୍ଦ୍ୱ ଅଭିଭାବକଙ୍କ ମଧ୍ୟ ମାନସିକ ଚାପ ବଢ଼ାଏ।

ସ୍କୁଲ୍ ପ୍ରୋଜେକ୍ଟ ପାଇଁ କେବଳ ଅର୍ଥ ନୁହେଁ, ମୂଲ୍ୟବାନ ସମୟ ମଧ୍ୟ ଅପଚୟ ହେଉଛି। ରଙ୍ଗୀନ କାଗଜପତ୍ର, ମଡେଲ ତିଆରି ସାମଗ୍ରୀ, ପ୍ରିଣ୍ଟିଂ ଖର୍ଚ୍ଚ ଆଦି ସାଧାରଣ ପରିବାର ପାଇଁ ଏକ ବଡ଼ ଚିନ୍ତାର କାରଣ। ଛାତ୍ରଛାତ୍ରୀଙ୍କ ମୂଳ ଲକ୍ଷ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପରିବର୍ତ୍ତେ, କିପରି 'ସୁନ୍ଦର' ପ୍ରୋଜେକ୍ଟ ତିଆରି କରି ଭଲ ନମ୍ବର ପାଇବେ ସେଥିରେ ମନୋବୃତ୍ତି ରହୁଛି। ସମାଜରେ ଅସମତା ମଧ୍ୟ ଏଠାରେ ଦେଖାଯାଉଛି। କେହି ପିଲା ଆଧୁନିକ ସାମଗ୍ରୀ ଦ୍ୱାରା ଚକଚକାଣି ପ୍ରୋଜେକ୍ଟ ତିଆରି କରେ, ଆଉ କେହି ସାଧାରଣ ସାଧନରେ କାମ ସାରେ। ତେଣୁ ପ୍ରତିଯୋଗିତା ଠିକ୍ ଅର୍ଥରେ ହୋଇପାରେନାହିଁ। ଏହି ଅସନ୍ତୁଳନ ଆମ ଶିକ୍ଷା ପ୍ରଣାଳୀକୁ ଅପାର୍ଥିବ କରିଦେଇଛି। ତେଣୁ ପ୍ରୋଜେକ୍ଟର ମୂଳ ଉଦ୍ଦେଶ୍ୟ 'ଶିଖିବା' ନୁହେଁ, ବରଂ 'ଦେଖାଇବା' ହୋଇଯାଇଛି। ତେଣୁ ଅନେକ ଛାତ୍ରଛାତ୍ରୀ ନିଜେ କଷ୍ଟ ନକରି ଇଣ୍ଟରନେଟରୁ ତଥ୍ୟ ନକଲ କରି କିମ୍ବା ବଜାରରୁ ତିଆରି ପ୍ରୋଜେକ୍ଟ କିଣି କାର୍ଯ୍ୟ ସଂପାଦନ କରୁଛନ୍ତି।

ତେଣୁ ପ୍ରୋଜେକ୍ଟକୁ ଏକ 'ବୋଝ' ପରିବର୍ତ୍ତେ ଏକ 'ସାଧନ' କରିବା ପାଇଁ କେଉଁ ପଦକ୍ଷେପ ନିଆଯାଇପାରେ ତା' ଉପରେ ଆଲୋଚନା କରିବା। ପ୍ରୋଜେକ୍ଟର ସଂଖ୍ୟା କମାଇ ଗୁଣବତ୍ତା ବଢ଼ାଇବା ଉଚିତ। ବର୍ଷକୁ ପ୍ରତି ବିଷୟରେ ଅଳ୍ପ କେତୋଟି ମାତ୍ର ଅର୍ଥପୂର୍ଣ୍ଣ ପ୍ରୋଜେକ୍ଟ ଦିଆଯାଉ। ପ୍ରୋଜେକ୍ଟଗୁଡ଼ିକ ସରଳ, କମ୍ ଖର୍ଚ୍ଚରେ ହୋଇପାରୁଥିବା ଏବଂ ସ୍ଥାନୀୟ ସମ୍ବଳ ଉପଯୋଗରେ କରାଯାଇ ପାରୁଥିବା ଭଳି ହେବା ଉଚିତ। ସମୂହ ପ୍ରୋଜେକ୍ଟ ଉପରେ ଗୁରୁତ୍ୱ ଦିଆଯାଉ। ସ୍କୁଲରେ ଗୋଟେ ପିରିୟଡ ପ୍ରୋଜେକ୍ଟ ପିରିୟଡ ରଖି ଶିକ୍ଷକ ଓ ପିଲାମାନେ ମିଶି ଦଳଗତ ଭାବେ ପ୍ରୋଜେକ୍ଟ ତିଆରି କରିବା ଉଚିତ୍। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ଏବଂ ନେତୃତ୍ୱ ନେବାର ଭାବନା ବୃଦ୍ଧି ପାଇବ। ଭାର ବି ହ୍ରାସ ଘଟିବ। ସେହିପରି ମୂଲ୍ୟାଙ୍କନ ପଦ୍ଧତି କେବଳ ଦେଖିବାକୁ ସୁନ୍ଦର କାମ ଉପରେ ନ ହୋଇ ସେଥିରେ ଥିବା ବିଷୟବସ୍ତୁର ଗୁଣବତ୍ତା ଏବଂ ଛାତ୍ରର ନିଜସ୍ୱ ପ୍ରୟାସ ଉପରେ ଆଧାରିତ ହେବା ଆବଶ୍ୟକ। ପ୍ରୋଜେକ୍ଟଗୁଡ଼ିକ ଯେପରି ସେମାନଙ୍କ ଆଖପାଖର ସମସ୍ୟା କିମ୍ବା ପରିବେଶ ସହିତ ଜଡ଼ିତ ଥାଏ ବା ବାସ୍ତବ ଜୀବନ ସହ ସଂଯୋଗ ଥାଏ ସେଥିପ୍ରତି ଅଗ୍ରାଧିକାର ଦେବା ଉଚିତ୍।

ପ୍ରୋଜେକ୍ଟ କାର୍ଯ୍ୟର ପୁନଃସଂଜ୍ଞା ନିର୍ଣ୍ଣୟ କରିବାର ସମୟ ଏବେ ଆସିଛି। ଆମର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନର ଆବଶ୍ୟକତା ରହିଛି, ଯେଉଁଠାରେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ସାଧନର ଗୁରୁତ୍ୱ ରହିଥିବ। ବିଦ୍ୟାଳୟ ପ୍ରଶାସକ, ଶିକ୍ଷକ ଓ ଅଭିଭାବକ ସମସ୍ତଙ୍କୁ ଏ ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଶିକ୍ଷା ଓ ପ୍ରୋଜେକ୍ଟର ଲକ୍ଷ୍ୟକୁ କେବଳ ପରୀକ୍ଷା କିମ୍ବା ପ୍ରୋଜେକ୍ଟର ଫାଇଲ୍ ଭିତରେ ସୀମିତ ରଖିବା ଉଚିତ ନୁହେଁ। ଏହାକୁ ଆନନ୍ଦଦାୟକ ଶିକ୍ଷଣ ଅଭିଜ୍ଞତା ଆହରଣର ମାଧ୍ୟମ କରିବାର ଆବଶ୍ୟକତା ରହିଛି। ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଶିଶୁର ସର୍ବାଙ୍ଗୀନ ବିକାଶ। ଏହାକୁ କଠିନ ଭାର ଭାବରେ ପରିଣତ କରିବା ଦ୍ୱାରା ଆମେ ତାହାକୁ ହରାଇବା। ତେଣୁ ପ୍ରୋଜେକ୍ଟ ହେଉ ଶିକ୍ଷାର ଆଲୋକବର୍ତ୍ତିକା। ଯେଉଁ ପ୍ରୋଜେକ୍ଟ ଶିକ୍ଷାର୍ଥୀଙ୍କୁ ଚିନ୍ତା କରିବାକୁ, ଗବେଷଣା କରିବାକୁ ଏବଂ ନିଜ ହାତରେ କାର୍ଯ୍ୟ କରିବାକୁ ପ୍ରେରଣା ଦେବ, ତାହା ହିଁ ସର୍ବୋତ୍ତମ ପ୍ରୋଜେକ୍ଟ ହେବ। ଆସନ୍ତୁ ପ୍ରୋଜେକ୍ଟ କାର୍ଯ୍ୟର ମାନଦଣ୍ଡକୁ ପରିବର୍ତ୍ତନ କରି ଶିକ୍ଷାର ପରିବେଶକୁ ଅଧିକ ଆନନ୍ଦଦାୟକ ଓ ଫଳପ୍ରଦ କରିବା ପାଇଁ ଆଜିଠାରୁ ଉଦ୍ୟମ କରିବା।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

# ମହୁମାଛି ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଈଶ୍ୱରୀୟ ସତ୍ତା ଏବଂ ପ୍ରକୃତି ପୂଜନରେ ଦୃଢ଼ ବିଶ୍ୱାସ ରଖୁଥିବା ଭାରତୀୟଙ୍କ ପାଇଁ ସୃଷ୍ଟିର ପ୍ରତ୍ୟେକ କୀଟପତଙ୍ଗ ପୂଜନୀୟ। ଏହି ଧାରାରେ ମହୁମାଛି ଭଳି ଏକ କ୍ଷୁଦ୍ର ଜୀବ ମଧ୍ୟ ପୂଜ୍ୟପୂଜା ସ୍ଥାନ ହାସଲ କରିଛି। ମହୁମାଛି ପ୍ରଜାତିର ଭ୍ରମର ସ୍ୱରୂପ ଭ୍ରାମରୀ ଦେବୀଙ୍କ କଥା ଅନେକ ପୁରାଣରେ ବର୍ଣ୍ଣିତ। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ମାନବ ସମାଜ ପାଇଁ ଏକ ଅନନ୍ୟ ବରଦାନ ହେଉଛି ମହୁ। ତେଣୁ ବିବିଧ ଔଷଧୀୟ ଗୁଣରେ ଭରପୂର ମହୁ ସଂଗ୍ରହ କରୁଥିବା ମହୁମାଛିକୁ ବିଭିନ୍ନ ଶାସ୍ତ୍ର ପୁରାଣରେ ମଧ୍ୟ ଦେବତୁଲ୍ୟ ଗଣନା କରାଯାଇଛି। ଆଜିର ବିଜ୍ଞାନ ଯୁଗରେ ପରିବେଶବିତ୍ମାନେ ମହୁମାଛିର ଉପାଦେୟତା ସମ୍ପର୍କରେ ଅନେକ ଉଲ୍ଲେଖନୀୟ ତଥ୍ୟ ଆବିଷ୍କାର କରିଛନ୍ତି। ଜ୍ୟୋତିଷଶାସ୍ତ୍ର ଓ ବାସ୍ତୁଶାସ୍ତ୍ରରେ ମହୁମାଛି ସମ୍ପର୍କିତ ବିଭିନ୍ନ ଉପାଦେୟ ଉଲ୍ଲେଖମାନ ରହିଛି। ବାସ୍ତୁଶାସ୍ତ୍ର ଅନୁସାରେ ମହୁମାଛିକୁ ମା' ଲକ୍ଷ୍ମୀଙ୍କ ସ୍ୱରୂପ ବୋଲି ବର୍ଣ୍ଣନା କରାଯାଇଛି ଏବଂ ଘରେ ମହୁମାଛି ବସା ବାନ୍ଧିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ସହ ପ୍ରଚୁର ଧନଲାଭ ହୋଇଥାଏ ବୋଲି ଉଲ୍ଲେଖ ରହିଛି। ଭାରତରେ ଏଭଳି କେତେକ ମନ୍ଦିର ମଧ୍ୟ ଅଛି, ଯେଉଁଠି ମହୁମାଛିଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ମହୁମାଛି ପୂଜନ କ୍ଷେତ୍ରରେ ରାଜସ୍ଥାନର ଜିଣମାତା ମନ୍ଦିର ବେଶ୍ ପ୍ରସିଦ୍ଧ। ଏହି ମନ୍ଦିରରେ ମହୁମାଛିର ଅନେକ ବଡ଼ ବଡ଼ ଛତା ଦେଖିବାକୁ ମିଳେ। କିନ୍ତୁ ମା'ଙ୍କ ଦର୍ଶନ ପାଇଁ ଏଠାକୁ ଆସୁଥିବା କୌଣସି ଭକ୍ତଙ୍କୁ ମହୁମାଛି ଦଂଶନ କରନ୍ତି ନାହିଁ। ମା'ଙ୍କ ଠାରେ ଭୋଗ ଲାଗିବା ପରେ ଶ୍ରଦ୍ଧାଳୁମାନେ ମହୁମାଛିଙ୍କ ଉଦ୍ଦେଶ୍ୟରେ କିଛି ମିଷ୍ଟାନ୍ନ ସେଠାରେ ରଖନ୍ତି। ସେହି ମିଷ୍ଟାନ୍ନ ମହୁମାଛିଙ୍କ ପାଇଁ ଭୋଗ ଅର୍ପଣ ସହିତ ସମାନ ବୋଲି ବିଚାର କରାଯାଏ। ତେଣୁ 'ଜିଣମାତା ଦେବୀ'ଙ୍କୁ 'ମହୁମାଛି ମାତା' ବୋଲି କୁହାଯାଉଛି। ମନ୍ଦିର ସମ୍ପର୍କିତ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। - ଏକଦା ମୋଗଲ ବାଦଶାହ ଆଉରଙ୍ଗଜେବ୍ ମନ୍ଦିରକୁ କ୍ଷତି ପହଞ୍ଚାଇବା ପାଇଁ ଆସିଥିଲେ। କିନ୍ତୁ ମାତାଙ୍କ କୃପାରୁ ଗୋଟିଏ ବଡ଼ ମହୁମାଛି ଦଳ ଆଉରଙ୍ଗଜେବ୍ ଓ ତାଙ୍କର ସେନାବାହିନୀଙ୍କୁ ଦଂଶନ କରିଥିଲେ। ଏଭଳି ଆକ୍ରମଣରେ ଭୟଭୀତ ହୋଇ ଆଉରଙ୍ଗଜେବ୍ ମାତାଙ୍କୁ କ୍ଷମାପ୍ରାର୍ଥନା କରିଥିଲେ ଏବଂ ମନ୍ଦିରରେ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ କରିବା ପାଇଁ ତେଲ ଦେବେ ବୋଲି ମାନସିକ କରିଥିଲେ। ଏହାପରେ ମହୁମାଛିଗୁଡ଼ିକ ହଠାତ୍ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ସେହିଦିନଠାରୁ ଏହି ମନ୍ଦିର ଏବଂ ଜିଣମାତାଙ୍କ ଖ୍ୟାତି ବୃଦ୍ଧି ପାଇବାରେ ଲାଗିଲା। ବର୍ତ୍ତମାନ ମଧ୍ୟ ଉକ୍ତ ମନ୍ଦିରରେ ଅଖଣ୍ଡଜ୍ୟୋତି ପ୍ରଜ୍ୱଳିତ ହୋଇରହିଛି।

ଭାରତର ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ଲୋକବିଶ୍ୱାସ ଆଧାରରେ ଏହିଭଳି ମନ୍ଦିରମାନ ଗଢ଼ିଉଠିଛି। ମଧ୍ୟପ୍ରଦେଶର ସିଙ୍ଗରୋଲି ଜିଲ୍ଲାସ୍ଥିତ କସର ନାମକ ଗାଁରେ ଅବସ୍ଥିତ ଖୋଡ଼େନାଥ ଶିବବାବା ମନ୍ଦିର ମଧ୍ୟ ମହୁମାଛି ପୂଜନ ବିଶ୍ୱାସ ସହିତ ଜଡ଼ିତ। ୧୦୬୫ ପାହାଚ ବିଶିଷ୍ଟ ୨୫୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ମନ୍ଦିରରେ ମହୁମାଛିମାନେ ମନ୍ଦିରର ରକ୍ଷକ ଭାବେ କର୍ତ୍ତବ୍ୟରତ ବୋଲି ଜନଶ୍ରୁତି ରହିଛି। ଯଦି ରାତିରେ କୌଣସି ବ୍ୟକ୍ତି ଏହି ମନ୍ଦିରରେ ରହିବାକୁ ଚେଷ୍ଟା କରନ୍ତି, ତେବେ ମହୁମାଛିଗୁଡ଼ିକ ଦଂଶନ କରିଥା'ନ୍ତି କିମ୍ବା କୌଣସି ଅଘଟଣ ଘଟିଥାଏ। ଏହି ସ୍ଥାନ ଅନେକ ରହସ୍ୟରେ ପରିପୂର୍ଣ୍ଣ। ତେଣୁ ଶ୍ରଦ୍ଧାଳୁମାନେ ଏହି ମନ୍ଦିରକୁ କେବଳ ଦିନ ସମୟରେ ଦର୍ଶନ ପାଇଁ ଯାଇଥା'ନ୍ତି। ଗୁଜରାଟର ରାଜକୋଟ ଜିଲ୍ଲାସ୍ଥିତ ବାଙ୍କାନେର୍ ସହରଠାରୁ ପ୍ରାୟ ୧୭ କିଲୋମିଟର ଦୂର ତାଲୁକାଠାରେ ଖୋଡ଼ିୟାର୍ ମାତାଜୀ ମନ୍ଦିରରେ ମହୁମାଛିଙ୍କ ଏକ ବିଶାଳ ଛତା ଅନେକ ବର୍ଷ ଧରି ରହିଛି। ଏଠାରେ ରହୁଥିବା ମହୁମାଛି ଶ୍ରଦ୍ଧାଳୁଙ୍କର କୌଣସି କ୍ଷତି କରନ୍ତି ନାହିଁ, ବରଂ ଯେଉଁ ଶ୍ରଦ୍ଧାଳୁଙ୍କ ଶରୀରରେ ଏହି ମହୁମାଛି ବସନ୍ତି, ସେମାନେ ଦେବୀଙ୍କ କୃପାଲାଭ କରିଛନ୍ତି ବୋଲି ବିଶ୍ୱାସ କରାଯାଏ ଏବଂ ସେମାନଙ୍କର ମନସ୍କାମନା ଶୀଘ୍ର ପୂରଣ ହୋଇଯାଏ ବୋଲି କୁହାଯାଏ। ଛତିଶଗଡ଼ରେ ଥିବା ଭ୍ରମରୀଦେବୀଙ୍କ ମନ୍ଦିର କାହିଁ କେଉଁ କାଳରୁ ଆସ୍ଥା ଓ ବିଶ୍ୱାସର କେନ୍ଦ୍ରସ୍ଥଳ ପାଲଟିଛି। ଏଠାରେ ମହୁମାଛି ଦେବୀ ସ୍ୱରୂପରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି ଏବଂ ପ୍ରକୃତିର ପ୍ରତ୍ୟକ୍ଷ ପ୍ରତୀକ ଭାବେ ଦେବୀଙ୍କୁ ବିଧିବିଧାନର ସହ ପୂଜା କରାଯାଏ।

କେବଳ ଭାରତର ସନାତନ ଧର୍ମବିଶ୍ୱାସରେ ନୁହେଁ, ଗ୍ରୀକ୍ ସଂସ୍କୃତିରେ ମଧ୍ୟ ମହୁମାଛିଙ୍କ ବର୍ଣ୍ଣନା ଦେଖିବାକୁ ମିଳେ। ମେଲିସା ନାମକ ଜଣେ ଅପ୍ସରାଙ୍କୁ ମହୁର ଆବିଷ୍କାରକ ଭାବେ ଉଲ୍ଲେଖ କରାଯାଇଛି ଏବଂ ତାଙ୍କୁ ମହୁମାଛିଙ୍କ ଦେବୀ ବୋଲି ସମ୍ବୋଧନ କରାଯାଇଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୋଇଲା ଖଣିରେ...

ସୂଚନାଯୋଗ୍ୟ ଯେ ନିଷିଦ୍ଧାଦେଶ ସତ୍ତ୍ୱେ ଏହି ଅଞ୍ଚଳରେ ଥିବା କୋଇଲା ଖଣିାରେ କାମ ଜାରି ରହିଛି। ଦୈନିକ ୨ ହଜାର ଟଙ୍କା ମଜୁରି ଲୋଭରେ ପଡ଼ି ଆସାମରୁ ଅନେକ ଶ୍ରମିକ ଏଠାକୁ ଆସି ନିଜ ଜୀବନକୁ ବିପଦରେ ପକାଉଛନ୍ତି। ୨୦୧୮ରେ ଏହି ଅଞ୍ଚଳରେ ଥିବା ବେଆଇନ କା ଖଣିରେ ପାଣି ପଶିବା ଯୋଗୁଁ ୧୫ ଶ୍ରମିକ ଫସିଯାଇଥିଲେ।ଅନେକ ଦିନ ଧରି ନୌବାହିନୀର ଉଦ୍ୟମ ସତ୍ତ୍ୱେ କିଛି ଶ୍ରମିକଙ୍କ ଶବ ମିଳିଥିବା ବେଳେ ଅନେକ ଏବେ ବି ନିଖୋଜ ରହିଛନ୍ତି।

## ମୋଦୀଙ୍କ ନିଶାଣରେ...

ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଆଡ଼କୁ ଅଗ୍ରସର ହୋଇଛି। ୟୁରୋପୀୟ ସଂଘ ଏବଂ ଆମେରିକା ସହିତ ବାଣିଜ୍ୟ ଚୁକ୍ତି କଥା ଉଲ୍ଲେଖ କରି ସେ କହିଲେ ଯେ ବିଶ୍ୱରେ ଭାରତର ସ୍ୱର ଏବେ ଗୁରୁତ୍ୱ ବହନ କରୁଛି। ରାହୁଲଙ୍କୁ ଟାର୍ଗେଟ କରି ମୋଦୀ କହିଲେ ଯେ ଜଣେ ଶିଖ ସାଂସଦଙ୍କୁ ବିଶ୍ୱାସଘାତକ କହି ରାହୁଲ ସମଗ୍ର ଶିଖ୍ ସଂପ୍ରଦାୟକୁ ନିନ୍ଦିତ କରିଛନ୍ତି। ସେହିଭଳି ମମତାଙ୍କ ନାମ ନନେଇ ସେ କହିଲେ ଯେ ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବାଲାଗି ସେ ଅଣ୍ଟା ଭିଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଉତ୍ତର ରଖିବା ପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଯାଇଛି।

ଇତିମଧ୍ୟରେ ଲୋକସଭା ଆଜି ମଧ୍ୟ ଅଚଳ ରହିଛି। ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ଏମଏମ୍ ନରବାଣେଙ୍କ ଅପ୍ରକାଶିତ ପୁସ୍ତକର କିଛି ଅଂଶ ପଢ଼ିବା ଲାଗି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ବାଚସ୍ପତି ଅନୁମତି ଦେଉନଥିବାରୁ ଏହାର ପ୍ରତିବାଦରେ ବିରୋଧୀ ସାଂସଦ ଆଜି ଲୋକସଭାରେ ପ୍ରବଳ ହଙ୍ଗାମା କରିଥିଲେ। ଲୋକସଭା ଆଜି ତିନି ତିନି ଥର ମୁଲତବୀ ହେବାପରେ ଶେଷରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି। ମୁଲତବୀ କରିବା ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ବିରୋଧୀ ଦଳ ସଭ୍ୟଙ୍କର ସମାଲୋଚନା କରି କହିଲେ ଯେ ଗତକାଲି ସେମାନେ ଯେଉଁଭଳି ଆଚରଣ ପ୍ରଦର୍ଶନ କଲେ ତାହା ଗଣତନ୍ତ୍ର ପାଇଁ କଳଙ୍କ ଥିଲା। କିଛି ସାଂସଦ ଏଭଳି ବ୍ୟବହାର କରିଥିଲେ ଯାହାକି ଇତିହାସରେ କେବେ ଦେଖିବାକୁ ମିଳିନଥିଲା। ଏହି ଅବସରରେ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ କିଛି 'ଅଦୃଶ୍ୟ କାଣ୍ଡ' ଘଟାଇବା ଲାଗି କଂଗ୍ରେସର କିଛି ସାଂସଦ ଯୋଜନା କରିଥିବା ସଂପର୍କରେ ତାଙ୍କୁ ନିର୍ଦ୍ଦିଷ୍ଟ ସୂଚନା ମିଳିଥିଲା। ଏହି ସୂଚନା ପାଇବା ମାତ୍ରେ ଗୃହକୁ ନଆସିବା ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କର ଅନୁରୋଧ ସ୍ୱୀକାର କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇ ଓମ୍ ବିର୍ଲା କହିଲେ ଗତକାଲି ଏକ ବଡ଼ ବିପର୍ଯ୍ୟୟ ଟଳିଗଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଏଭଳି ଅଦୃଶ୍ୟ କାଣ୍ଡ ଘଟିଥିଲେ ଏହା ଜାତୀୟ ଗଣତାନ୍ତ୍ରିକ ପରମ୍ପରା ପ୍ରତି ବଡ଼ ଆଘାତ ହୋଇଥାଆନ୍ତା। ସେ କହିଲେ ଯେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ରାଜନୈତିକ ମତଭେଦ ଥାଇପାରେ, କିନ୍ତୁ ଗୃହ ଭିତରେ ଏହାକୁ ଏଭଳି ଉଗ୍ର ପ୍ରଦର୍ଶନ କରାଯିବା ଠିକ୍ ନୁହେଁ। ।ତେବେ ଏହି ଅଦୃଶ୍ୟ କାଣ୍ଡ କଣ ଥିଲା, ତାହା ସେ କହିନଥିଲେ।

## ବଦଳିବ ୭ ଜିଲ୍ଲା...

ଖଣ୍ଡମାଳ ତହସିଲ, ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼, ବାଣପୁର, ଜଟଣୀ, ଅନୁଗୋଳ ଜିଲ୍ଲାର ଦୁଇଟି ସବଡିଭିଜନ ଅନୁଗୋଳ ଓ ପାଲଲହଡ଼ା, କଟକ ଜିଲ୍ଲାର ଆଠଗଡ଼ ସବଡିଭିଜନ, ବ୍ଲକ ଓ ତହଲିସ, ସାଲେପୁର ବ୍ଲକ ଓ ତହସିଲ, ବଡମ୍ବା ବ୍ଲକ, ବାଲେଶ୍ୱର ଜିଲ୍ଲାର ନୀଳଗିରି ସବଡିଭିଜନ, କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ତହସିଲ, କେନ୍ଦୁଝର ଜିଲ୍ଲାର ବଡ଼ବିଲ ତହସିଲ ଓ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି, ସମ୍ବଲପୁର ଜିଲ୍ଲାର ରେଢାଖୋଲ ତହସିଲ, ନୟାଗଡ଼ ଜିଲ୍ଲାର ଦଶପଲ୍ଲାର ଇଂରାଜୀ ନାଁର ବନାନରେ ପରିବର୍ତ୍ତନ କରାଯିବ ବୋଲି ପ୍ରସ୍ତାବ ରହିଛି। ରାଜ୍ୟର ଭାଷାଗତ ଏବଂ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଲକ୍ଷ୍ୟରେ, ଓଡ଼ିଶା ସରକାର ବିଭିନ୍ନ ଜିଲ୍ଲା ଏବଂ ସ୍ଥାନର ନାଁର ଇଂରାଜୀ ବନାନ ସଂଶୋଧନ କରିବା ପାଇଁ ଏହି ଘୋଷଣା କରିଛନ୍ତି ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ସାଧାରଣ ଲୋକଙ୍କର କୌଣସି ଆପତ୍ତି କିମ୍ବା ପରାମର୍ଶ ଥିଲେ ୧୫ ଦିନ ମଧ୍ୟରେ ଲେଖିତ ଭାବେ ଦାଖଲ କରି ହେବ। ନିର୍ଦ୍ଧାରିତ ସମୟ ପରେ ପ୍ରାପ୍ତ ମତାମତ ଗ୍ରହଣ କରାଯିବ ନାହିଁ। ଯଦି ନିର୍ଦ୍ଧାରିତ ସମୟସୀମାରେ କୌଣସି ଆପତ୍ତି ମିଳିନାହିଁ, ତେବେ ସରକାର ଆଇନାନୁସାରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରିବେ। ଏହି ପଦକ୍ଷେପ ଫଳରେ ସରକାରୀ ରେକର୍ଡରେ ସ୍ଥାନନାମଗୁଡ଼ିକର ସଠିକ ଓଡ଼ିଆ ରୂପ ସୁନିଶ୍ଚିତ ହେବା ସହ ରାଜ୍ୟର ଐତିହ୍ୟ ଓ ଭାଷାଗତ ପରିଚୟ ଅଧିକ ସୁଦୃଢ଼ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଇସ୍ପାତ ଓ ଖଣି...

ଅରବିନ୍ଦଙ୍କ ପତ୍ନୀ ତଥା ୧୯୯୬ ବ୍ୟାଚ୍ ଆଇଏଏସ୍ ଉଷା ପାଢ଼ୀଙ୍କଠୁ ବାଣିଜ୍ୟ ଓ ପରିବହନ ବିଭାଗ କାଢ଼ି ନିଆଯାଇଛି। ଉଷାଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ ଜାରି ରଖିବା ସହ ଅତିରିକ୍ତ ଭାବେ ଇଡ୍‌କୋ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇବେ। ୧୯୯୬ ବ୍ୟାଚ୍ ଆଇଏଏସ୍ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ୧୯୯୯ ବ୍ୟାଚ୍ ଆଇଏଏସ୍ ସଚିବ ଶୁଭା ଶର୍ମାଙ୍କଠୁ ମହିଳା ଓ ଶିଶୁ ବିକାଶ ବିଭାଗ କାଢ଼ି ନିଆଯାଇ କେବଳ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ୧୯୯୯ ବ୍ୟାଚ୍ ଆଇଏଏସ୍ ଏନବିଏସ୍ ରାଜପୁତଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ଏହାସହ ସେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସଆରଟିସି)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରବେ। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବ ୨୦୦୨ ବ୍ୟାଚ୍ ଆଇଏଏସ୍ ଏସଏନ ଗିରିଶଙ୍କୁ ଓଡ଼ିଶା ଖଣି ନିଗମ(ଓଏମସି)ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ୨୦୦୨ ବ୍ୟାଚ୍ ଆଇଏଏସ୍ ଡାକ୍ତର ମୃଣାଳିନୀ ଦର୍ଶୱାଲ ଦୀର୍ଘବର୍ଷ ପରେ ଓଡ଼ିଶା ଫେରିଛନ୍ତି। ନୂଆଦିଲ୍ଲୀରେ ସ୍ୱତନ୍ତ୍ର ଆବାସିକ କମିଶନର ଭାବେ କାର୍ଯ୍ୟ କରୁଥିବା ମୃଣାଳିନୀଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ସେହିପରି ୨୦୦୫ ବ୍ୟାଚ୍ ଆଇଏଏସ୍ ରାଜେଶ ପ୍ରଭାକର ପାଟିଲଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପଦରୁ ହଟାଇ ଦିଆଯାଇଛି। ସେ ରାଜ୍ୟ ସମବାୟ ବିଭାଗର ସଚିବ ଭାବେ କାର୍ଯ୍ୟ କରିବା ସହ ଅତିରିକ୍ତ ଭାବେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ, ସ୍ୱତନ୍ତ୍ର ରିଲିଫ କମିଶନର ଓ ଓସଡମା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ୨୦୦୭ ବ୍ୟାଚ୍ ଆଇଏଏସ୍ ବଳବନ୍ତ ସିଂଙ୍କୁ ଅତିରିକ୍ତ ଭାବେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ନ୍ୟସ୍ତ ହୋଇଛି। ୨୦୦୭ ବ୍ୟାଚ୍ ଆଇଏଏସ୍ ସଚିନ ରାମଚନ୍ଦ୍ର ଯାଦବଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି। ସେ ଅତିରିକ୍ତ ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ସେହିପରି ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ସୁଧାଂଶୁ ମୋହନ ସାମଲଙ୍କୁ କଟକ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓରସାକ୍ ଓ ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧକ୍ଷ ଭାବେ ନିଯୁକ୍ତି ମିଳିଛି। ସେ ଅତିରିକ୍ତ ଦାୟିତ୍ୱ ଭାବେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ତୁଲାଇବେ। ମତ୍ସ୍ୟ ନିର୍ଦ୍ଦେଶକ ୨୦୧୦ ବ୍ୟାଚ୍ ଆଇଏଏସ୍ ସିଦ୍ଧିକ ଆଲମଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଭାବେ ବଦଳି କରିଛନ୍ତି। ସେ ଭୁବନେଶ୍ୱର କ୍ଲଟ୍ ପରିଚାଳନା ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ୨୦୧୦ ବ୍ୟାଚ୍ ଆଇଏଏସ୍ ମାନସୀ ନିମ୍ଭଲଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ବଦଳି କରାଯାଇଛି। ସମାନ ବ୍ୟାଚ୍‌ର ଆଇଏଏସ୍ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ତଥା ୨୦୧୨ ବ୍ୟାଚ୍ ଆଇଏଏସ୍ ଅନୁପମ୍ ଶାହଙ୍କୁ ଓଡ଼ିଶା ବ୍ରିଜ୍ ଓ କନ୍‌ଷ୍ଟ୍ରକ୍ସନ୍ ନିଗମ(ଓବିସିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଦକ୍ଷିଣାଞ୍ଚଳ ଆର୍‌ଡିସି ୨୦୧୨ ବ୍ୟାଚ୍ ଆଇଏଏସ୍ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳର ଇନ୍‌ଚାର୍ଜ ଆର୍‌ଡିସି ଓ ପଶ୍ଚିମାଞ୍ଚଳ ବିକାଶ ପରିଷଦର ଇନ୍‌ଚାର୍ଜ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି।

## ଏଣିକି ହ୍ୱାଟ୍ସଆପ୍‌ରେ...

ସମସ୍ତ ୩୧୭ଟି ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଏଥିରେ କଟକ ତହସିଲ୍ ଅଧିନରେ ଏକ ଅତିରିକ୍ତ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ମଧ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଜମିଜମା ସଂକ୍ରାନ୍ତୀୟ କାମ ପାଇଁ ଲୋକଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡୁଥିଲା। ହେଲେ ଏବେ ସରକାରଙ୍କ ପାଖକୁ ଲୋକେ ଆସିବେ ନାହିଁ, ସରକାର ଲୋକଙ୍କ ପାଖକୁ ଯିବେ। ତେଣୁ, ସମସ୍ତ ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରି ଆମେ ଏ କ୍ଷେତ୍ରରେ ଏକ ମାଇଲଷ୍ଟୋନ୍ ହାସଲ କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଆଗାମୀ ଦିନରେ ଭାଗଚାଷୀ ମାନଙ୍କ ପାଇଁ ପ୍ରଚଳିତ ଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଭାଗଚାଷୀଙ୍କ ଆଇନଗତ ଅଧିକାର ନଥିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଭାଗଚାଷୀ ଓ ଜମି ମାଲିକଙ୍କୁ ଆଇନଗତ ସୁରକ୍ଷା ଦିଆଯିବା ସହିତ ଯେପରି ଉଭୟଙ୍କ ସ୍ୱାର୍ଥ ରକ୍ଷା ହେବ, ସେ ଦିଗରେ ଆଇନ୍ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ବିଭାଗରେ ନିଆଯାଇଥିବା ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି କହିଛନ୍ତି ଯେ ଗତ ବର୍ଷ ନଭେମ୍ବର ମାସରେ ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲାଯାଇଥିଲା, ଆଜି ଅବଶିଷ୍ଟ ୧୭ଟି ଜିଲ୍ଲାର ୫୬ଟି ତହସିଲରେ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଗଲା। ଆଗାମୀ ଦିନରେ ସେବା ପାଇବାରେ ବିଳମ୍ବ ଘଟିଲେ, ଅଭିଯୋଗ ଗୁଡ଼ିକ ସିଧାସଳଖ ହ୍ୱାଟ୍ସଆପ୍ ମାଧ୍ୟମରେ ପଠାଯିବାର ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

## ଓଡ଼ିଶାରେ ବଢୁଛି...

ହାତଧୁଆ ଆଦି କାର୍ଯ୍ୟକ୍ରମ ପିଲାମାନଙ୍କୁ ସ୍କୁଲମୁହାଁ କରିପାରୁ ନାହିଁ। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପିଲାଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବୃତ୍ତି ପ୍ରଦାନରେ ଟାଳଟୁଳ ନୀତିର ପ୍ରଭାବ ପିଲାଙ୍କ ଉପରେ ପଡ଼ିଥିବା ଅଭିଯୋଗ ହୋଇଛି। ଖୋଦ୍ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ସଂସଦରେ ପ୍ରଦାନ କରିଛନ୍ତି। ଓଡ଼ିଶାରେ ଡ୍ରପଆଉଟ୍ ସଂକ୍ରାନ୍ତରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଚୌଧୁରୀ ପ୍ରଦାନ କରିଥିବା ତଥ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ।

କେବଳ ମାଧ୍ୟମିକ ବା ଉଚ୍ଚପ୍ରାଥମିକ ଶ୍ରେଣୀ ନୁହେଁ; ପ୍ରାଥମିକ ଶ୍ରେଣୀରେ ଡ୍ରପଆଉଟ ସଂଖ୍ୟା ନାମମାତ୍ର ରହିଥିଲା। ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ୧୪ଟି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରେ ଡ୍ରପଆଉଟ ଅନୁପାତ ଥିଲା ଶୂନ। ଅନ୍ୟ ୯ଟି ଜିଲ୍ଲାରେ ଏହି ସଂଖ୍ୟା ୧ ପ୍ରତିଶତରୁ କମ୍ ରହିଥିଲା ଓ ଅବଶିଷ୍ଟ ଜିଲ୍ଲାର ବିଦ୍ୟାଳୟରେ ଏହି ଅନୁପାତ ୧%ରୁ ୨% ମଧ୍ୟରେ ସୀମିତ ରହିଥିଲା। ମାତ୍ର ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟର ସବୁ ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରେ ଡ୍ରପଆଉଟ ସଂଖ୍ୟା ବୃଦ୍ଧି ପାଇଛି। କିଛି ଜିଲ୍ଲାରେ ଏହି ସଂଖ୍ୟା ୩%ରେ ବି ପହଞ୍ଚିଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡ୍ରପଆଉଟ୍ ହାର ୨% ରେ ପହଞ୍ଚିଥିଲା। ମାତ୍ର ୨୦୨୪-୨୫ ଶିକ୍ଷାବର୍ଷରେ ଏହା ପୁଣି ୩.୨୪ରେ ପହଞ୍ଚିଛି। ତେବେ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ୍ ହାର ସର୍ବାଧିକ ରହିଛି। ୨୦୨୨-୨୩ ବର୍ଷରେ ୧୨.୮୦% ପ୍ରତିଶତ ଥିବାବେଳେ ୨୦୨୪-୨୫ ରେ ଏହା ଉପରମୁହାଁ ହୋଇ ୧୪.୯୬% ରେ ପହଞ୍ଚିଛି। ଅନୁଗୋଳରେ ଏହି ପରିମାଣ ୨୦% ଅତିକ୍ରମ କରିଛି। ଭଦ୍ରକରେ ୨୧.୮୫%, ବୌଦ୍ଧରେ ୨୩.୮୨%, ଗଜପତିରେ ୨୧%, ଝାରସୁଗୁଡ଼ାରେ ୨୦.୨୫%, କେନ୍ଦୁଝରରେ ୨୨.୧%, କୋରାପୁଟରେ ୨୧.୪୭%, ମାଲକାନଗିରିରେ ୨୧.୨୭%, ନବରଙ୍ଗପୁରରେ ୨୯.୬୫%, ନୂଆପଡ଼ାରେ ୨୩.୧୭%, ରାୟଗଡ଼ରେ ୨୦.୧୮% ମାଧ୍ୟମିକ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## ୫ମ ପିଢ଼ି ଲଢୁଆ ବିମାନ...

ବୋଲି ସରକାର ଚାହୁଁଛନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଭାରତୀୟ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା କ୍ଷେତ୍ରର ଏହି ରାଷ୍ଟ୍ରାୟତ୍ତ କମ୍ପାନୀ ବହୁ ବର୍ଷ ଧରି ଭାରତୀୟ ସାମରିକ ବିମାନର ଏକମାତ୍ର ସମନ୍ୱୟକାରୀ ହୋଇଆସିଛି। ପୁନଶ୍ଚ ଅନେକ ହେଲିକପ୍ଟର ନିର୍ମାଣ କରିବା ସହିତ ସୁଖୋଇ ଏସ୍‌ୟୁ-୩୦ଏମ୍ କେଆଇ ଲଢୁଆ ବିମାନ ମଧ୍ୟ ହାଲ ନିର୍ମାଣ କରିଛି। ଏହା ସତ୍ତ୍ୱେ ଅତ୍ୟାଧୁନିକ ବିମାନ ଯୋଗାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ନିବିଦାରୁ ହାଲ୍ ବାଦ ପଡ଼ିବା ଅନେକ ଦିଗକୁ ଇଙ୍ଗିତ କରିଛି।

ଏଡିଏ ଦ୍ୱାରା ଜାରି କରାଯାଇଥିବା ଏକ୍ସପ୍ରେସ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ)ରେ ଏପରି କିଛି ବ୍ୟବସ୍ଥା ଅଛି ଯାହା ହାଲ୍‌କୁ ସୁହାଉ ନାହିଁ ବୋଲି କୁହାଯାଉଛି। ଯଦି କୌଣସି କମ୍ପାନୀର ଅର୍ଡର ତାର ମୋଟ କାରବାର (ଟର୍ଣ୍ଣଓଭର)ର ୩ଗୁଣ ହୁଏ, ତେବେ ସେ ଶୂନ୍ୟ ପଏଣ୍ଟ ପାଇବ। ହାଲ୍ କ୍ଷେତ୍ରରେ ଏହା ପ୍ରାୟ ୮ ଗୁଣ। ଏହାର ଅର୍ଥ ହେଉଛି ଯେଉଁମାନଙ୍କ ଅର୍ଡର କମ୍ ଅଛି ସେମାନେ ଅଧିକ ପଏଣ୍ଟ ପାଇବେ। ମାତ୍ର ପୂର୍ବ ଅର୍ଡର୍‌ଗୁଡ଼ିକୁ ଧାର୍ଯ୍ୟ ସମୟରେ ପ୍ରଦାନ କରିବାରେ ଅବହେଳା ହାଲ୍‌ପାଇଁ ସମସ୍ୟା ସୃଷ୍ଟି କରିଛି।

■ ବେଆଇନ ଖଣି କାରବାର ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

# ପୁଲିସ ମୁତୟନ ପାଇଁ ମୟୂରଭଞ୍ଜ ଏସ୍‌ପିଙ୍କୁ ନିର୍ଦ୍ଦେଶ

ବାରିପଦା, ୫।୨(ସମିସ): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ମୟୂରଭଞ୍ଜ ଜିଲ୍ଲାରେ ବେଆଇନ ଖଣି ଖନନ ଜାରି ରହିବା ପ୍ରସଙ୍ଗ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବେଆଇନ ଖଣି ଖନନ ଉପରେ ଅଙ୍କୁଶ ପାଇଁ ପଦକ୍ଷେପ ଗ୍ରହଣ ଲାଗି ମୟୂରଭଞ୍ଜ ଏସ୍‌ପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ଖଣି ଅଞ୍ଚଳରେ ଯଥେଷ୍ଟ ସଂଖ୍ୟକ ପୁଲିସ ମୁତୟନ କରିବାକୁ ମୟୂରଭଞ୍ଜ ଏସ୍‌ପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି, କୌଣସି ଖଣିଜଦ୍ରବ୍ୟ ଉତ୍ତୋଳନ କାର୍ଯ୍ୟକଳାପ ନଜରକୁ ଆସେ, ତେବେ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁର କରାଯାଇଥିବା ନଥିପତ୍ର ପୁଲିସ ଯାଞ୍ଚ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିପରି, ରାଜ୍ୟ ଭିତରେ ଖଣିଜଦ୍ରବ୍ୟ ନେଇ ଚଳାଚଳ କରୁଥିବା ଗାଡ଼ିକୁ ଯାଞ୍ଚ କରିବା ପାଇଁ ଅଧିକାରୀଙ୍କୁ ନେଇ ଟିମ୍ ଗଠନ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ିର ଏମ୍ଏମ୍‌ଡିଆର ଆଇନ, ୧୯୫୭ ଓ ନିୟମାବଳୀ ଅନୁସାରେ ଆବଶ୍ୟକ ଅନୁମତିପତ୍ର ନଥିବା ଜଣାପଡ଼େ, ତେବେ ତୁରନ୍ତ ଏପରି ଗାଡ଼ିକୁ ଜବତ କରାଯିବ। ଏଥିସହ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ମୟୂରଭଞ୍ଜ ଜିଲ୍ଲାରେ ବିସ୍ଫୋରଣ କରି ବେଆଇନ ଭାବେ ଖଣିଜଦ୍ରବ୍ୟ ଉତ୍ତୋଳନ କରାଯିବା ଓ ପରିବହନ କରାଯିବା ଅଭିଯୋଗ ସମ୍ପର୍କିତ ଏହି ମାମଲାରେ ସତ୍ୟପାଠ ମାଧ୍ୟମରେ ତିନି ସପ୍ତାହ ଭିତରେ ଜବାବ ଦାଖଲ କରିବାକୁ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍‌ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଜୟନ୍ତ କୁମାର ରାଉତ ଓ ଅନ୍ୟମାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ମାମଲା ପରିଚାଳନା କରୁଛନ୍ତି।

# ଶିଶୁକନ୍ୟା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୫।୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନାଞ୍ଚଳରେ ୨୦୨୧ ଫେବୃଆରୀ ୪ ତାରିଖରେ ସଂଘଟିତ ଏକ ଶିଶୁକନ୍ୟା ଦୁଷ୍କର୍ମ ମାମଲାର ବିଚାର କରି ଗୁରୁବାର ସ୍ୱତନ୍ତ୍ର ଜିଲ୍ଲା ପୋକ୍‌ସୋ କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ୧୮ ଜଣ ସାକ୍ଷୀ ଏବଂ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ପାତ୍ର ମୁଣ୍ଡା ଓରଫ୍ ଖଚକୁ ୨୦ବର୍ଷ ଜେଲ ଦଣ୍ଡାଦେଶ, ୨ହଜାର ଜରିମାନା, ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ପୀଡ଼ିତା ଶିଶୁକନ୍ୟାକୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦିଆଯାଇଛି। ଅଭିଯୁକ୍ତ ଓ ପୀଡ଼ିତା ପଡ଼ୋଶୀ ଥିବା ବେଳେ ଘଟଣା ଦିନ ଚକଲେଟ୍ ଦେବା ବାହାନାରେ ଅଭିଯୁକ୍ତ ଶିଶୁକନ୍ୟା ସହ ଦୁଷ୍କର୍ମ କରିଥିଲା। ପୋକସୋ କୋର୍ଟ ବିଚାରପତି ମୋନାଲିସା ମହାନ୍ତି ଏହି ମାମଲାର ରାୟ ଗୁରୁବାର ଶୁଣାଣି କରିଛନ୍ତି।

# ୧୭ରେ ଭୀମଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

ବଡ଼ସାହି, ୫।୨(ସମିସ): ବଡ଼ସାହି ବ୍ଲକ୍ ଅଧୀନ ଭୀମଦା ସରପଞ୍ଚ ଭୀମ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଏହାକୁ ନେଇ ଉପଜିଲ୍ଲାପାଳ ଚିଠି ନମ୍ବର-୩୪, ୩ ଜାନୁଆରୀ ୨୦୨୬ ଅନୁସାରେ ବିଡିଓ ବନଜା ଦାସଙ୍କୁ ୱାର୍ଡ ସଭ୍ୟସଭ୍ୟା ଦସ୍ତଖତ ଯାଞ୍ଚ ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାର ନକଲ ନାଏବ ସରପଞ୍ଚ ପୂର୍ଣ୍ଣିମା ବେହେରାଙ୍କ ସହ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଉପଜିଲ୍ଲାପାଳ ଚିଠିକୁ ଆଧାର କରି ବିଡିଓଙ୍କ ନିର୍ଦ୍ଦେଶରେ ଜିପିଓ ଅବିନାଶ ପଣ୍ଡା ସମସ୍ତ ୭ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କୁ ବ୍ଲକ୍ କାର୍ଯ୍ୟାଳୟକୁ ଡାକି ସେମାନଙ୍କଠାରୁ ସମସ୍ତ ଘଟଣା ସମ୍ପର୍କରେ ବୁଝିବା ସହ ଅଭିଯୋଗରେ ଥିବା ସେମାନଙ୍କର ଦସ୍ତଖତର ଯାଞ୍ଚ କରିଛନ୍ତି। ବିଡିଓଙ୍କ ରିପୋର୍ଟ ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନମ୍ବର-୧୧୯୧, ୩୦ ଜାନୁଆରୀ ୨୦୨୬ ଅନୁସାରେ ଚଳିତ ମାସ ୧୭ରେ ଏହି ଅନାସ୍ଥା ଭୋଟ ଗ୍ରହଣ କରାଯିବ ବୋଲି ଜଣାଯାଇଛି। ଏଥିପାଇଁ ପ୍ରିଜାଇଡିଂ ଅଫିସର୍ ଭାବେ ବେତନଟୀ ବିଡିଓ ସୁଶାନ୍ତ ସୂତାରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାର ନକଲ ଏସ୍‌ପି, କଲେକ୍ଟର ଓ ଡିପିଓ, ବିଡିଓ ଓ ତହସିଲଦାର, ଭୀମଦା ପିଇଓଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ପଞ୍ଚାୟତର ୧୧ଟି ୱାର୍ଡ ଥିବା ବେଳେ ୫ ନମ୍ବର ୱାର୍ଡର ସଦସ୍ୟ ଶରତ ମୁଖୀ ୨ମାସ ପାଖପାଖି ହେବ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ୧୦ଟି ୱାର୍ଡ ମଧ୍ୟରୁ ୭ଟି ୱାର୍ଡର ୱାର୍ଡ ସଦସ୍ୟ ୧ ନମ୍ବରର ପୂର୍ଣ୍ଣିମା ବେହେରା (ନାଏବ ସରପଞ୍ଚ), ୨ ନମ୍ବରର ମିନତି ଦଳେଇ, ୩ ନମ୍ବରର ପୁନି ପଲେଇ, ୪ ନମ୍ବରର ସୁନି ସିଂ, ୮ ନମ୍ବରର ସସ୍ମିତା ସିଂ, ୯ ନମ୍ବରର ଦିଲ୍ଲୀପ କୁମାର ପ୍ରଧାନ ଓ ୧୦ ନମ୍ବରର ବାସନ୍ତୀ ସାନ୍ତରା ପ୍ରମୁଖ ସରପଞ୍ଚ ଶ୍ରୀ ସିଂକୁ ଗାଦିଚ୍ୟୁତ କରିବା ପାଇଁ ଅଣ୍ଟା ଭିଡିଥିଲେ। ସେମାନେ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଏକତ୍ରିତ ହୋଇ ଏକ ଜରୁରୀ ବୈଠକ ମାଧ୍ୟମରେ ଏହି ସିଦ୍ଧାନ୍ତ ନେଇଥିଲେ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**

25001/35/2526
eerw_kendraparat@yahoo.co.in

**'E' PROCUREMENT NOTICE NO.RWD-II/KPD-18/25-26 DTD 04.02.2026**

| | | |
|---|---|---|
| 1 | Name of work | : Road works in the District of Kendrapara for the year 2025-26. |
| 2 | Total No of Work | 9 Nos Road |
| 3 | Estimated Cost | : Rs.5.69 lakhs to 42.02 lakhs (Approx.) |
| 4 | Period of Completion | : As specified in the Annexure |
| 5 | Class of contractors | B,C & D Class |
| 6 | Cost of Tender Paper | : Cost of Tender paper is to be remitted ONLINE as specified in column-3 of the Annexure |
| 7 | Detail projects | : As specified in the Annexure |
| | Other details as follows: | |
| a) | Procurement officer | : Superintending Engineer Rural Works Division-II, Kendrapara |
| b) | Availability of tender online & submission of bid | 09.02.2026 at 11.00AM to 18.02.2026 upto 5.00PM |
| c) | Last date & time of seeking of tender clarification | 17.02.2026 |
| d) | Opening of tender | 19.02.2026 at 11:00 A.M |
| e) | Date of lottery | Will be intimated later |

Further details can be seen from the Govt. website www.tendersorissa.gov.in

Superintending Engineer
Rural Works Division-II
Kendrapara

OIPR-25001/25098/1/25-26/0035

**OFFICE OF THE NOTIFIED AREA COUNCIL, PADAMPUR**
**DIST-BARGARH (ODISHA) PIN-768036**
Ph.No.06683-223436, email Id:- nac.padampur@gmail.com

13001/25/2526

No. 270/ NACP Dt.04.02.2026

***Invitation for Bids***

BID IDENTIFICATION No.-01/BGH-MUN/2025-26

| | | |
|---|---|---|
| 1 | Nature of Work | Civil |
| 2 | No. of Work | 04 no. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | D Class or Equivalent |
| 6 | Availability of Bids documents in website | From 10.00 Hrs Dt. 05.02.2026 to 17.00 Hrs Dt. 17.02.2026 |
| 7 | Date of Opening of Bid | Dt. 18.02.2026 at 11.00 AM |

The bidders have to participate in ONLINE bidding only. Further details can be seen from the website i.e., http://tenderodisha.gov.in any addendum/corrigendum/cancellation of tender can also be seen only in the said website.

Executive Officer
Padampur NAC

OIPR-13001/13118/1/25-26/0025

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., BBSR – 21 OF 2025-26**

25001/28/2526

Tel- (0674) 2384108, E-Mail: eebbsrrwss@gmail.com

The Superintending Engineer, RWS&S Division, BBSR on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from authorised Dealer / Distributor / supplier having GSTIN& PAN Card as given in the DTCN to be eventually drawn up in the standard Percentage rate contract form of OPWD.

| .Sl.No. | Nature of work: | Refilling of Gas cylinder (argon gas) to state Water testing laboratory, Khandagiri, Bhubaneswar (120nos) |
|---|---|---|
| 1. | No. of works: | 01(One) |
| 2. | Estimated Cost: | Rs.9.60 lakhs (app.) |
| 3. | Time for completion: | 1 year |
| 4. | Cost of bidding document: | Rs.4000/- |
| 5. | Class of Contractors eligible: | Authorised Dealer / Distributor / supplier |
| 6. | Availability of bids on-line: | from 11.00 hours of 09.02.2026 hour of to 17.00 hours of 18.02.2026 |
| 7. | Last date and time for seeking clarification: | up to 17.00 hours of 13.02.2026 |
| 8. | Date & time of opening of technical bids & financial bids: | On dt 19.02.2026 at 11.30 Hours in the office of the Superintending Engineer, RWS&S Division, BBSR (All documents should be submitted in online only. No original documents should be dropped in dropping box before opening of technical bid in Division Office). |

Further details can be seen from the website https://www.tendersorissa.gov.in.

Superintending Engineer,
RWS&S Division, BBSR

OIPR-25001/25011/1/25-26/0028

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
**Email Address: cemech.eicwr.od@gmail.com**
**e-Procurement Notice – Bid Identification No.: CEM/MDB-15/2025-26**

32001/18/2526

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM/MDB - 15/2025-26 |
| 5. | Estimated Cost | : Rs. 74,92,068.00 |
| 6. | Period of Completion | : 30 days |
| 7. | Date & time of availability of bid documents in the Portal | : From dt.07.02.2026 (10.00 AM) to dt.13.02.2026 (5.30 PM) |
| 8. | Last date/ time for receipt of bid In the Portal | : dt.13.02.2026 (up to 5.30 PM) |
| 9. | Date and Place of opening of Technical Bid | : dt.16.02.2026 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in
Any further issue of Addenda / Corrigenda / Cancellation Notice shall be uploaded in the aforesaid website only.

Chief Engineer, Mechanical
O/o Engineer-In-Chief,
Secha Sadan, Bhubaneswar

OIPR-32001/32520/1/25-26/0018

**AFFIDAVIT**

By virtue of on affidavit sworn before Executive Magistrate, Kanas, No-313, dtd-30/1/2026, I, **Bibhuti Bhushan Sahu**, resident of At-Nuagaon, Po- Adal, Ps-Gadisagoda, Block-Kanas, Dist- Puri, Odisha, Pin-752019, declare that I have changed my name from **Chhaila Kumar Sahoo** to **Bibhuti Bhushan Sahu.** Henceforth, I shall be known as **Bibhuti Bhushan Sahu** for all purposes.

**Bibhuti Bhushan Sahu**

**ସୂଚନା**

ମୁଁ **ପିଲ୍ଲି ମନ୍ମଥ ରାଓ,** ବୟସ ୪୨ ବର୍ଷ, ପିତା- ପିଲ୍ଲି ଜଗନ୍ନାଥ ରାଓ, ସା- ଡେରାସାହି (ଭ), ଗ୍ରା./ପୋ.- ଦୁର୍ଗନ୍ଧ, ଭାୟା- କଂଚୁରୁ, ଥାନା- ହିଂଜିଳି, ଜିଲ୍ଲା- ଗଂଜାମ, ପିନ୍- ୭୬୧୧୦୧, ଓଡିଶା ଆଧାର ସଂଖ୍ୟା- ୪୧୬୧ ୭୪୫୬ ୭୦୫୫ ଅତଃ ୩୦/୦୧/୨୦୨୬ ରେ ନୋଟାରୀ ପବ୍ଲିକ ଯାଜପୁର ରୋଡଙ୍କ ନିକଟରେ ସତ୍ୟପାଠ ମାଧ୍ୟମରେ ଘୋଷଣା ପୂର୍ବକ ସର୍ବସାଧାରଣରେ ଜଣାଉଅଛି କି ଯେ ମୋର ନାମ **ପି ମନ୍ମଥ ରାଓ** ରୁ **ପିଲ୍ଲି ମନ୍ମଥ ରାଓ** କୁ ପରିବର୍ତ୍ତନ କରିଛି। ବର୍ତ୍ତମାନଠାରୁ ମୋର କର୍ମକ୍ଷେତ୍ର ଓ ସାଧାରଣ ଜୀବନଯାପନ କ୍ଷେତ୍ରରେ ସଦାସର୍ବଦା ପି ମନ୍ମଥ ରାଓ ପରିବର୍ତ୍ତେ **ପିଲ୍ଲି ମନ୍ମଥ ରାଓ** ଭାବେ ପରିଚିତ ହେବି। ଏହା ସର୍ବତ୍ର କାର୍ଯ୍ୟକାରୀ ହବ।

**ସ୍ୱା/- ପିଲ୍ଲି ମନ୍ମଥ ରାଓ**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar CF.NO- 67, dated 05-12-2025 I, **PRASANTA NAYAK**, Permanent resident of At-Raghunathpur, Po- Sisupalgarh, PS- Shree Lingaraj, Bhubaneswar Dist- Khordha, State- Odisha, PIN-751002, declare that I have changed my name from **PRASANTA KANDI (Old name)** to **PRASANTA NAYAK (New name)**, Henceforth, I shall be known as **PRASANTA NAYAK** for all purposes.

**( Sd- PRASANTA NAYAK)**

**AFFIDAVIT**

I,Savita Dey, Age-45yrs, D/o-Rabindra Shee,W/o-Satyajit Dey,Resident of 1/31 Jangpura Extension Jungpura,S O.South Delhi,Delhi,110014. Declared by affidavit before In the Court of Executive Magistrate Cum-Bhograi, Sl- No-5457/225 dtd-03/11/2025. That,before my marriage I was known as Hemalata Shee, D/o-Rabindra Shee which is mentioned in my postal vide police no-66639.but after marriage to Satyajit Dey I'm know as Savita Dey W/o- Satyajit Dey which is mentioned my present aadhar . Hence this Affidavit Savita Dey W/o-Satyajit Dey and Hemalata Shee,D/o-Rabindra Shee same and One Person for all future purpose .

**NOTICE**

By virtue of an affidavit sworn before **Executive Magistrate, Banarpal, dated 03/02/2026, I, SUMITRA PATTANAYAK,** Address: Vill- Gada Talmul, PO- Talmul, PS- Banarpal, Dist.- Angul, Odisha- 759040, declare that I have changed my name from **SUMITRA SAMAL to SUMITRA PATTANAYAK.** Henceforth, I shall be known as **SUMITRA PATTANAYAK** for all purposes.

**SUMITRA PATTANAYAK**

**AFFIDAVIT**

By virtue of an affidavit before the Notary Public, Titilagarh, on dated-03/02/2026. I, **Rohini Kharsel** (new name), formerly called as Hemalata Bagarti (old name), aged about 33 years, W/o- Hrushikesh Bagarti, permanent resident of At-Ghantabahali (Bagpada), PO: Malisira, PS: Muribahal, Dist: Bolangir, (Odisha), PIN- 767037 now residing at the same place declare that I have changed my name from **Hemalata Bagarti** to **Rohini Kharsel.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Rohini Kharsel** (new name) for all future purposes.

**Rohini Kharsel**

**AFFIDAVIT**

I, **BIKASH KUMAR AGRAWALA,** S/o - BIRBAL PRASAD AGRAWALA, resident of At- Main Road, PO / PS - Umerkote, Dist - Nabarangpur - 764073, Odisha declare by this **Affidavit No.503, dated - 05/02/2026,** that now onwards I shall be known as BIKASH KUMAR AGARWAL for all future purpose.

**AFFIDAVIT**

I, Amarendra Kumar Behea, aged about 56 years, S/o- Late Bhagirathi Behera, resident of Plot No. 1467, Bhaktamadhu Nagar, Gandamunda, PS- Khandagiri, Bhubaneswar, Dist- Khordha, PIN-751030, Odisha declared by this affidavit CF No. 14, dtd- 02/01/2026 that now onwards I shall be known as **AMARENDRA KUMAR BEHERA** for all future purposes.

**AFFIDAVIT**

By virtue of an affidavit No. 2130 sworn before the Executive Magistrate, Jagatsinghpur, on dtd-31/12/2025. I **Satyabrata Nayak,** aged 34 years, S/o-Anama Charan Dash, resident of Vill-Dondua, Po- Nuapada, Ps- Tritol, Dist- Jagatsinghpur, Odisha, Pin-754133, I have changed my surname from **Nayak** to **Dash,** that in my RC Name has been maintained as **Satyabrata Nayak,** S/o- Babuli Nayak, Henceforth I shall be known as **Satyabrata Dash,** S/o- Anama Charan Dash for all future purposes.

**Satyabrata Nayak**

**AFFIDAVIT**

I, Subhalakshmi Pattanaik, aged about 51 years, W/o- Rajib Pattnaik resident of Sibananda Nagar, At/po- Nayabazar, Cuttack, Dist- Cuttack, Pin-753004, Odisha do hereby declare by this affidavit No. 232, dtd-04/02/2026, that now onwards I shall be known as **SUBHALAXMI PATTNAIK** for all future purposes.

**AFFIDAVIT**

I, Rajib Pattanaik, aged about 53 years, S/o- Brajendra Pattanaik resident of Sibananda Nagar, At/Po- Nayabazar, Cuttack, Dist- Cuttack, Pin-753004, Odisha do hereby declare by this affidavit No. 231, dtd-04/02/2026, that now onwards I shall be known as **RAJIB PATTNAIK** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-03/02/2026. I, **Sandeep Sekhar Behera,** aged about 23 years, S/o Abhimanyu Behera, permanent resident of AT- Sargiguda, Titilagarh, PO/PS- Titilagarh, Dist- Balangir (Odisha) declare that, my actual name **Sandeep Sekhar Behera,** which has been mentioned in all relevant documents, but in the 10th Board Certificate (ICSE) vide it's Roll No. 195589/024, Unique Id No. 6996585 my name has been wrongly mentioned as **Sandeep Shekhar Behera.** Henceforth, I have changed my name from **Sandeep Shekhar Behera** to **Sandeep Sekhar Behera** in my 10th Board Certificate.

**Sandeep Sekhar Behera**

# ନବଗଠିତ ଏନ୍ଏସି ଓ ପୌରପାଳିକା ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ବାରିପଦା, ୫ ।୨(ସମିସ): ନବଗଠିତ ଏନଏସି ଓ ପୌରପାଳିକା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ନିକଟରେ ଏହି ନୂଆ ସ୍ଥାନୀୟ ସଂସ୍ଥାର ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି । ନୂଆ ପୌରପାଳିକା ଓ ଏନଏସସି ଗଠନ ନେଇ ଡିସେମ୍ବର ୨୦୨୫ରେ ବିଜ୍ଞପ୍ତି ଜାରି ହୋଇଥିଲା । ସେଗୁଡ଼ିକରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ସୀମା ପୁନର୍ନିର୍ଦ୍ଧାରଣ ଓ ସଂରକ୍ଷଣ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଆଇନ୍ ଅନୁଯାୟୀ ବିଜ୍ଞପ୍ତି ପରେ ୬ ମାସ ଭିତରେ ନିର୍ବାଚନ ସମ୍ପନ୍ନ କରିବାକୁ ପଡ଼ିବ । ତେଣୁ ଏହି ନୂଆ ଏନଏସି ଓ ପୌରପାଳିକାରେ ନିର୍ବାଚନ ଜୁନ୍ ଶେଷ ସୁଦ୍ଧା ଶେଷ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଘୋଷଣା କରିଛନ୍ତି ।

ସୂଚନା ମୁତାବକ, ନବଗଠିତ ଏନଏସି ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ଯଶିପୁର ଓ ରାସଗୋବିନ୍ଦପୁର ରହିଛି । ଏଗୁଡ଼ିକ ଗଠନରେ ପଞ୍ଚାୟତ, ୱାର୍ଡର ଗ୍ରାମ ସୀମା ଓ ଲୋକ ସଂଖ୍ୟା ପ୍ରସ୍ତୁତି ସରିଛି ବୋଲି ମୟୂରଭଞ୍ଜ ଜିଲ୍ଲା ନଗର ଉନ୍ନୟନ ଏଜେନ୍ସି (ଡୁଡା)ର ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି । ନୂତନ ଏନଏସିର ଜନସଂଖ୍ୟା ଓ ଭୌଗୋଳିକ ସୀମାକୁ ଦୃଷ୍ଟିରେ ରଖି ସମାନ ଅନୁପାତରେ ୱାର୍ଡ ଗଠନ ହେବ । ନିୟମ ଅନୁସାରେ ସର୍ବନିମ୍ନ ୧୧ରୁ ସର୍ବୋଚ୍ଚ ୧୪ଟି ୱାର୍ଡ ଗୋଟିଏ ଏନଏସିରେ ରହିବ ବୋଲି ସେ କହିଛନ୍ତି । ତଦନୁସାରେ ଜିଲ୍ଲାର ନବଗଠିତ ଏନଏସି ଯଶିପୁରର ଜନସଂଖ୍ୟା ୨୦ ହଜାର ୯୭୬, ବେତନଟୀ ଜନସଂଖ୍ୟା ୨୦ ହଜାର ୭୧ ଓ କପ୍ତିପଦା ୧୯ ହଜାର ୫୩୬ ଥିବାରୁ ସର୍ବୋଚ୍ଚ ୧୪ଟି ଲେଖାଏଁ ୱାର୍ଡ ଭାଗରେ ପଡ଼ିବ । ସେହିପରି ରାସଗୋବିନ୍ଦପୁର ଜନସଂଖ୍ୟା ୧୨ ହଜାର ୮୧, ବାଙ୍ଗିରିପୋଷିର ୧୦ ହଜାର ୧୮୪ ଓ ଚିତ୍ରଡ଼ାର ୧୦ ହଜାର ୫୨ ଥିବାରୁ ୱାର୍ଡ ସଂଖ୍ୟା ୧୧ରୁ ୧୨ ମଧ୍ୟରେ ସୀମିତ ରହିପାରେ ବୋଲି ଆଶା କରାଯାଉଛି । ୱାର୍ଡ ଗଠନ ପରେ ସଂରକ୍ଷଣ ବ୍ୟବସ୍ଥା ସମ୍ପନ୍ନ ନିୟମାନୁସାରେ କରାଯିବ । ୨୦୨୬ରେ ସାଧାରଣ ପୌର ନିର୍ବାଚନ ଥିବାରୁ ଉପରୋକ୍ତ ଏନଏସି ପାଇଁ ଯଦିଓ ନିର୍ବାଚନ ଅନୁଷ୍ଠିତ ହୁଏ, ତେବେ ନିର୍ବାଚିତ ପରିଷଦ କିଛି ମାସ ପାଇଁ କାର୍ଯ୍ୟ କରିବ । ଏପରି ସ୍ଥଳେ ନବଗଠିତ ଏନଏସିରେ କାଉନସିଲର ଓ ଚେୟାରମ୍ୟାନ ଆଶାୟୀ ରାଜନୈତିକ ଦଳଠାରୁ ଆଗରେ ନିଜର ସଂଗଠନ ସଜାଡିବା ଆରମ୍ଭ କଲେଣି । ବର୍ତ୍ତମାନ ନବଗଠିତ ଏନଏସିର ନିର୍ବାହୀ ଅଧିକାରୀ ଭାବେ ସମ୍ପୃକ୍ତ ବ୍ଲକର ବିଡିଓ ଅତିରିକ୍ତ ଦାୟିତ୍ୱରେ ଥିବାବେଳେ ପରିଷଦର ମୁଖ୍ୟ ଭାବେ ଅତିରିକ୍ତ ଜିଲ୍ଲାପାଳ/ଉପଜିଲ୍ଲାପାଳ ରହିଛନ୍ତି । ଏହି ନିର୍ବାଚନ ପରେ ନୂଆ ସହରାଞ୍ଚଳରେ ରାସ୍ତା, ଡ୍ରେନେଜ୍, ସ୍ୱଚ୍ଛତା ଓ ଅନ୍ୟାନ୍ୟ ନାଗରିକ ସୁବିଧା ବୃଦ୍ଧି ପାଇବ । ରାଜନୈତିକ ଦଳ ଏହି ନିର୍ବାଚନକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖୁଛନ୍ତି । କାରଣ ୨୦୨୯ ବିଧାନସଭା ନିର୍ବାଚନ ପରେ ଏହା ସହରାଞ୍ଚଳରେ ପ୍ରଥମ ବଡ଼ ପରୀକ୍ଷା ହେବ । ତେବେ ନୂତନ ପୌରପାଳିକା ଭାବେ କରଞ୍ଜିଆ ଘୋଷଣା ହୋଇଛି । ପୂର୍ବରୁ ଏହା ଏନଏସି ରହିଥିଲା । ଏଠାରେ ନୂତନ ୱାର୍ଡର ସମ୍ଭବତଃ ନିର୍ବାଚନ ହେବ । ଯାହାର ସ୍ପଷ୍ଟ ନିର୍ଦ୍ଦେଶ ଜିଲ୍ଲା ଡୁଡା କାର୍ଯ୍ୟାଳୟକୁ ପହଞ୍ଚିନାହିଁ ।

## ଇଗ୍ନୋର ନାମଲେଖା ଓ ପୁନଃ ପଞ୍ଜୀକରଣ ଅବଧି ୧୫ ତାରିଖକୁ ବୃଦ୍ଧି

ବାରିପଦା/ରାଇରଙ୍ଗପୁର, ୫ ।୨(ସମିସ):ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଓ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଘୋଷଣା କରାଯାଇଛି । ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଏହି ସୁଯୋଗର ଲାଭ ଉଠାଇପାରିବେ । ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତିବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର), ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଓ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଓ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ଫେବୃଆରି ମାସ ୧୫ ତାରିଖକୁ ବୃଦ୍ଧି କରାଯାଇଛି । ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଓ ପୁନଃ ପଞ୍ଜୀକରଣ ଦେୟ ୫୦ ପ୍ରତିଶତ ଛାଡ଼ କରାଯାଇଛି । ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟକୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ । ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋର ୱେବସାଇଟ ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ରାଇରଙ୍ଗପୁର, ମୟୂରଭଞ୍ଜକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ । ଏହାସହିତ ସମସ୍ତ ପ୍ରକାର ଯୋଗାଯୋଗ ପାଇଁ ୦୬୭୯୪-୨୨୨୦୯୭ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି ।

## ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଆଁମରା, ୫ ।୨(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ଦାସ ଓ ହେମନ୍ତ କୁମାର ଜେନା, ଗୋପବନ୍ଧୁ ନଗର ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ଚତୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଳତୀ ରାଉତ, ପୁରୁଣା ବାରିପଦା କ୍ଲଷ୍ଟରର ସିଆରସିସି ପ୍ରଶାନ୍ତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରେନ୍ଦ୍ର ପାତ୍ର, ଗୁଡଡିହା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ସୁକାନ୍ତ କୁମାର ବିନ୍ଧାଣୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା । ଏହି ଅବସରରେ ବାର୍ଷିକ କ୍ରୀଡ଼ାର ଚଳିତ ବର୍ଷର ଚାମ୍ପିଅନ କୃଷ୍ଣଚନ୍ଦ୍ର ସିଂଙ୍କ ସମେତ ମୋଟ ୧୨୭ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ଅଜୟ କୁମାର ଦାସ, ରାଜେଶ କୁମାର ମହାନ୍ତି, ହାଡିବନ୍ଧୁ ସାହୁ, ସମୀର କୁମାର ଭଦ୍ର, ତପନ କୁମାର ବାରିକ, ସନ୍ତୋଷ କୁମାର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ରଶ୍ମୀରଞ୍ଜନ ହୋତା ବେଦମନ୍ତ୍ର ଉଚ୍ଚାରଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବ୍ୟକ୍ତିର ପୂର୍ଣ୍ଣବିକାଶ ପାଇଁ ମାତୃଭାଷାର ବିକାଶ ଜରୁରୀ




ବାରିପଦା, ୫ ।୨(ସମିସ): ବ୍ୟକ୍ତିର ପୂର୍ଣ୍ଣ ବିକାଶ ପାଇଁ ମାତୃଭାଷାର ବିକାଶ ଜରୁରୀ । ବହୁ ଛାତ୍ରଛାତ୍ରୀଙ୍କ ପାଇଁ ମାତୃଭାଷା ଭିନ୍ନ ଭାଷରେ ଶିକ୍ଷାଦାନ ନିଜ ପ୍ରତିଭା ପ୍ରତିପାଦନରେ ପ୍ରତିବନ୍ଧକ ସାଜୁଛି ବୋଲି ବୁଧବାର ମୟୂରଭଞ୍ଜ ଭାରତୀୟ ଶିକ୍ଷଣ ମଣ୍ଡଳର ଦ୍ୱିତୀୟ ବୈଠକର ଆଲୋଚନାଚକ୍ରରେ ଆଲୋଚକମାନେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଛନ୍ତି । ବୈଠକର ଆବାହକ ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାରତୀୟ ଶିକ୍ଷଣ ମଣ୍ଡଳ ପୂର୍ବ ଓଡ଼ିଶା ସଚିବ, ବିଶ୍ୱରଞ୍ଜନ ଘୋଷ, ବରିଷ୍ଠ ଶିକ୍ଷାବିତ୍ ଅମିତାଭ ମିଶ୍ର, ସୁଧାଂଶୁ ଶେଖର ସେଠୀ, ଜୟଚନ୍ଦ୍ର ବେହେରା, ପ୍ରଦୀପ ଭଞ୍ଜଦେଓ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

## ଶରତ ଉଚ୍ଚବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା

ଶରତ, ୫।୨(ସମିସ): ଶରତ ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ସିନିଅର ଓ ଜୁନିଅର ଦୁଇଟି ବିଭାଗରେ ବିଭକ୍ତ କରାଯାଇ ଉଭୟ ଲିଖିତ ଓ ମୌଖିକ ପରୀକ୍ଷାରୁ ୬ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ସୁପର ସିକ୍ସ ଭାବେ ବଛାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ବର୍ଣ୍ଣାଡ ଏକ୍କାଙ୍କ ଦ୍ୱାରା ପ୍ରଶ୍ନପତ୍ର ଉନ୍ମୋଚନ କରାଯାଇଥିଲା । ପ୍ରତ୍ୟେକ ଗ୍ରୁପର ସୁପର ସିକ୍ସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓପନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପଜଲ, ଓଡଲ-ଭିଡିଓ ସମସ୍ତ ରାଉଣ୍ଡ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାରର ବିଜେତାଙ୍କୁ ଚୟନ କରାଯାଇଥିଲା । ସିନିଅର ବିଭାଗରେ ମନୋଜ କୁମାର ସିଂ (ଦଶମ ଶ୍ରେଣୀ) ପ୍ରଥମ, ସ୍ମୃତିରଞ୍ଜନ ସାମଲ (ଦଶମ ଶ୍ରେଣୀ) ଦ୍ୱିତୀୟ ଓ ଓମ ପ୍ରକାଶ ସାହୁ (ଦଶମ ଶ୍ରେଣୀ) ତୃତୀୟ ହୋଇଥିଲେ । ସେହିପରି ଜୁନିଅର ବିଭାଗରେ ଶାନ୍ତନୁ ମାଝୀ (ଅଷ୍ଟମ ଶ୍ରେଣୀ) ପ୍ରଥମ, କୃତୀକୃଷ୍ଣ ସିଂ (୭ମ ଶ୍ରେଣୀ) ଦ୍ୱିତୀୟ, ସଞ୍ଜୟ ଦେଓଗାମ (ଅଷ୍ଟମ ଶ୍ରେଣୀ) ତୃତୀୟ ହୋଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ହିନ୍ଦୀ ଶିକ୍ଷକ ସାକିଲା ମୁର୍ମୁ ଓପନ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ ।

## ବିଧାୟକ ସନାତନ ହଟହଟା
## ଘେରିଲେ ମହିଳା, ଗାଡ଼ିରୁ ଓହ୍ଲାଇଦେଲେ



ବେତନଟୀ, ୫ ।୨(ସମିସ): ବିଜେପି ବିଧାୟକ ହଟହଟା । ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ଶତାଧିକ ମହିଳା ବିଚ୍ ରାସ୍ତାରେ ଅଟକାଇ ଗାଡ଼ିରୁ ଓହ୍ଲାଇ ଦେଇଛନ୍ତି । ଜୟ ଜଗନ୍ନାଥ ନାରା ଦେଇ ରାସ୍ତା ମଝିରେ ବିଧାୟକଙ୍କ ଗାଡ଼ି ସମ୍ମୁଖରେ ବସି ରହିଲେ ମହିଳା । ବିଧାୟକ ଗାଡ଼ି ଭିତରେ ବସି ଖସିଯିବାକୁ ବାହାନା କରୁଥିଲେ । ଗାଡ଼ିରୁ ବିଧାୟକଙ୍କୁ ଓହ୍ଲାଇବାକୁ କହିଲେ ମହିଳା । ଏଭଳି ଘଟଣା ବୁଧବାର ରାତିରେ ଘଟିଥିବା ଜଣାପଡ଼ିଛି । ବେତନଟୀ ବ୍ଲକ ଅଁଳା ପଞ୍ଚାୟତର ଏମବିକେଙ୍କ ସିଲେକ୍ସନରେ ବେତନଟୀ ବିଡିଓଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅଭିଯୋଗ ଆଣିଥିଲେ । ବାରମ୍ବାର ବିଧାୟକଙ୍କ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ । ଯେଉଁମାନେ ପୂର୍ବରୁ ରହିଥିଲେ ସେମାନେ ପୁଣିଥରେ ରହିବାକୁ ସିଲେକ୍ସନ୍ କମିଟି ଚିଠି କରିଥିବାବେଳେ ଏହା ବିରୁଦ୍ଧରେ ବିଡିଓ ଚିଠିକୁ ଖାରଜ କରିଛନ୍ତି । ତେଣୁ ଏହାର ବିରୋଧ କରି ବିଧାୟକଙ୍କୁ ଘେରିଥିଲେ । ବିଡିଓଙ୍କୁ କଲ୍ କରିବାକୁ କହିଥିଲେ ମହିଳା । କିନ୍ତୁ ବିଧାୟକ ଭୟଭୀତ ହୋଇ କଲ୍ ନ କରି ବିଭିନ୍ନ ଆଳଦେଖାଇ ଖସିଯିବାକୁ ଚେଷ୍ଟା କରି ହଟହଟା ହୋଇଥିଲେ । ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏଥିରେ ବିଧାୟକ ସମସ୍ୟାର ସମାଧାନ କମ, ଧମକ ଅଧିକ ପାଇଁ ଦେଉଥିବା ଦେଖିବାକୁ ମିଳିଛି । ଏ ନେଇ ବିଧାୟକଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ମତାମତ ମିଳିପାରିନାହିଁ ।

## ହୋ' ସମାଜର ବାଆ ପରବ

ଶରତ, ୫ ।୨(ସମିସ): କପ୍ତିପଦା ବ୍ଲକ ଶରତ ଥାନା ଅନ୍ତର୍ଗତ ଲବଣ୍ୟଦେଇପୁର ପଞ୍ଚାୟତସ୍ଥିତ କାନକୁମୁରା ଗାଁରେ ସେନ୍ଦେରା ପୁନାଇଁ (ମାଘ ପୂର୍ଣ୍ଣିମା)ରେ ଆଦିବାସୀ ହୋ' ସମାଜର ବାଆ ପର୍ବ ପାଳିତ ହୋଇଯାଇଛି । ଅତଗୁରୁ କୋଲ ଲାକୋ ବଦ୍ରାଙ୍କ ସ୍ୱାଧୀନ ଭାରତର ସର୍ବପ୍ରଥମ ହୋ ସଂଗଠନ/ଅନୁଷ୍ଠାନ ଏଟେ: ତୁରତୁଂ ସୁଲ୍ଲ ପିଟିକା ଆକାଲା ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଆଦିବାସୀ ହୋ ସମ୍ପ୍ରଦାୟର ବାଆ ପର୍ବ ପାଳନ କରାଯାଇଛି । ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଅନୁଗୋଳ, ବାଲେଶ୍ୱର, ଝାଡ଼ଖଣ୍ଡ, ବିହାର, ଆସାମ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ହୋ ଜନଜାତି ନିଆରା ପରମ୍ପରାକୁ ପାଳନ କରିଛନ୍ତି । ସୃଷ୍ଟିର ବାଆ ପର୍ବ ଏଥିପାଇଁ ପାଳନ କରାଯାଏ କି, ଆଧ୍ୟାତ୍ମିକ, ବିଜ୍ଞାନ ଓ ପ୍ରକୃତି ଅନୁସାରେ ସେନ୍ଦେରା ଚାଣ୍ଡୁଉ (ମାଘ ମାସ)ଠାରୁ ଆଦି ନାରୀ ତଥା ପୃଥିବୀ (ବସୁମାତା) ଗର୍ଭାଫୁଲର ପରିପକ୍ୱତାକୁ ହାସଲ କରେ । ତେଣୁ ଜାଏରା ଦେବୀଙ୍କୁ ଏହି ପର୍ବରେ ଆନନ୍ଦ ଉଲ୍ଲାସରେ ସ୍ୱାଗତ କରିବା ସହିତ ସୁଲେଶାଗେନ ସାର୍ଜମ ବାଆକୁ ନେଇ ଶୁଭେଚ୍ଛା ଜଣାଇ ଧନ୍ୟବାଦ ଦେବା ଆଳରେ ପୂଜା କରାଯାଇଥାଏ । ପ୍ରଥମ ଦିନ ବାଆ ଗୁରିଃ, ଦ୍ୱିତୀୟ ଦିନ ବାଆ ପରବ ଦିନ ନାରୀଙ୍କ ଦ୍ୱାରା ଦେଲାରେ ସାରାଜମ ବାଲା, ଦେଲାରେ ନାଲାଗୁନ ମେ, ଦେଲାରେ ସୁଲେସାଂଏନ, ଦେଲାରେ ନସରେନ ମେ' ଆଦି ଗୀତ ଗାଇ ଶାଳଫୁଲକୁ ଆଣିଥିଲେ ଓ ଦିୟୁରିଙ୍କ ମାଧ୍ୟମରେ ପୂଜା କରାଯାଇଥିଲା । ଆଦିବାସୀମାନେ ଶାଳଗଛରେ ଫୁଲ ଧରିବା ଆରମ୍ଭ କରିବା ପରେ ଜଙ୍ଗଲକୁ ପ୍ରବେଶ କରିବା ମନା ଓ ବିପଦଜନକ ଅଟେ । ଏହି ପର୍ବ ପାଳନ ନ କରିବା ପର୍ଯ୍ୟନ୍ତ ଖାଦ୍ୟ ଉପଯୋଗ୍ୟ ମୁଖ୍ୟ ଫୁଲ (ହୁଟେର)କୁ ତୋଳି ପାରିବେନାହିଁ । ତେଣୁ ହୋ ସମାଜର ମାଗେ (ମାର୍ଗଶିର) ଚାଣ୍ଡୁଉଃ ଓ ଦୁଇ ମାସ ପରେ ସେନ୍ଦେରା ଚାଣ୍ଡୁଉଃ(ବାଆ ପୁନାଇଁ/ମାଘ ପୂର୍ଣ୍ଣିମା)ରେ 'ଲୁକୁଲୁକୁମୀ'ଙ୍କ ଦୋଷ ଦୁର୍ବଳତାକୁ ପୁନର୍ବାର ମାନବ ସମାଜରେ କୁପ୍ରଭାବ ନ ପଡ଼ିବା ପାଇଁ ଏହି ପର୍ବ ପାଳନ କରନ୍ତି । ପୂଜା ଶେଷରେ ଯାଦୁର ନାଚର ତାଳେ ତାଳେ ମୁଲି, ଗାଣ୍ଡି, ଶହରିଆ, ଜାପେ, ଗେନା, ଚାଙ୍ଗୁଳିଆ, ଯାଦୁର,



କେମଟା ଇତ୍ୟାଦି ସ୍ୱରର ବାଆ ପର୍ବ ଗୀତକୁ ଗାନ କରାଯାଇଥିଲା । ହୋ ଭାଷା ସାହିତ୍ୟକାର ଓ ହୋ ଭାଷା ଶିକ୍ଷା ପରିଷଦର ସଂସ୍ଥାପକ ଦିୟୁରି ହିର୍ଲା କାଇରାସିଂ ବାନ୍ଦିଆ, ନାନ୍ଦୁ କୁଣ୍ଟିଆ, ବାଗୁନ ସୁମ୍ବୁରୁଇ, ନାନ୍ଦୁସିଂ ବୁଲିଉଲି, ପୂର୍ମି ମୁଣ୍ଡୁରି, ଦୁର୍ଗାସିଂ ଚାମ୍ପିୟା, ଟୁକୁ ବାନ୍ଦିଆ, ରଗା ବୁଲିଉଲି, ନାଉରୁ ବାଣ୍ଡାରା, ଡିବୁରୁ ଆଲଡା, ସୁନୀଲ ଚାମ୍ପିୟା ପ୍ରମୁଖ ପର୍ବ ପାଳନରେ ସହାୟତା କରିଥିଲେ ।

## ବୃତ୍ତି ପରୀକ୍ଷାରେ ସାଇ ବିଦ୍ୟାମନ୍ଦିରର ସଫଳତା





ବାରିପଦା, ୫ ।୨(ସମିସ): ବାରିପଦା ବ୍ଲକସ୍ତରୀୟ ବୃତ୍ତି ପରୀକ୍ଷାର ପ୍ରକାଶିତ ଫଳାଫଳରେ ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ଅପୂର୍ବ ସଫଳତା ହାସଲ କରି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ତୃତୀୟ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ନାଏକ, ଛାତ୍ର ସ୍ୱାଗତ ପରିଡ଼ା ସଫଳ ହୋଇଛନ୍ତି । ପଞ୍ଚମ ଶ୍ରେଣୀ ଛାତ୍ର ଯଶରାଜ ରାଉତ ପ୍ରଥମ ସ୍ଥାନ ଅଧିକାର କରି ଅନୁଷ୍ଠାନର ପାଇଁ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ସମ୍ପାଦିକା ପ୍ରୀତିସ୍ମିତା ରାଉତ, ସିଇଓ ଚକ୍ରଧର ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ମିଶ୍ର କୃତି ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି । ନିର୍ଦ୍ଦେଶକ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି ।

## ୫୭ ଲିଟର ମଦ ଜବତ, ୩ ଗିରଫ

କୁଆଁମରା ୫ ।୨(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ ୫୭ ଲିଟର ମଦ ଜବତ କରିବା ସହ ୩ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ମାନେ ଏହି ଥାନା ଅନ୍ତର୍ଗତ କୁଶଗଡ଼ିଆ ଗ୍ରାମର ଲକ୍ଷ୍ମୀଧର ମୁର୍ମୁ (୫୦) ଙ୍କ ଠାରୁ ୨୦ ଲିଟର, ନୂଆଗାଁ ଗ୍ରାମର ମୋହନ ସୋରେନ (୪୮) ଙ୍କ ଠାରୁ ୧୨ ଲିଟର ଓ କେନ୍ଦୁଗାଡି ଗ୍ରାମର ରଥ ସିଂ (୩୬) ଙ୍କ ଠାରୁ ୨୫ ଲିଟର ମଦ ଜବତ ହୋଇଛି । ଏ ନେଇ ପୃଥକ ମାମଲା ରୁଜୁ ହୋଇଛି । ଏ ଏସ୍ ଆଇ କୃଷ୍ଣ ସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ଦୀପାଞ୍ଜଳୀ ଦାସ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ ।

## ହିଙ୍ଗୁଳା ମେଳାରୁ ୧୬ ଲକ୍ଷ ୯୧ ହଜାର ଟଙ୍କା ଆୟ

ବଡ଼ସାହି, ୫।୨(ସମିସ): ବଡ଼ସାହି ବ୍ଲକ ଅଧୀନ ସୁହାଗପୁର କଉଡିଖଣୀ ମା' ହିଙ୍ଗୁଳାଙ୍କ ବଡ଼ପୂଜା ୪ଦିନ ଧରି ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି । ସେଥିପାଇଁ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ସୁନୀଲ କୁମାର ଦାଶ ସମସ୍ତ କର୍ମକର୍ତ୍ତା, ଶ୍ରଦ୍ଧାଳୁ, ସ୍ୱେଚ୍ଛାସେବୀ, ଆମ୍ଭା ଭଗବାନ ଓ ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଏହି ମେଳାରେ ଭକ୍ତଙ୍କ ଦାନ ଦକ୍ଷିଣା ଓ ଦୋକାନୀଙ୍କ ସାହାଯ୍ୟ ସହଯୋଗରେ ଯେଉଁ ଅର୍ଥ ଆୟ ହୋଇଛି, ତା'ର ହିସାବ ଓ ଆୟବ୍ୟୟ ଅଟକଳ ପାଇଁ ମୁଖ୍ୟ ଟ୍ରଷ୍ଟି ଶ୍ରୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଦସ୍ୟମାନେ ଉପସ୍ଥିତ ହୋଇ ଆୟବ୍ୟୟର ହିସାବ ସହିତ ମା'ଙ୍କ ପାଇଁ ଆୟ ହୋଇଥିବା ସମସ୍ତ ଆର୍ଥିକ ଅନୁଦାନକୁ ଗଣତି କରିଥିଲେ । ଚଳିତ ବର୍ଷ ୧୬ ଲକ୍ଷ ୯୧ ହଜାର ୩୨୦ ଟଙ୍କା ଆୟ ହୋଇଥିବା ମୁଖ୍ୟଟ୍ରଷ୍ଟି ଶ୍ରୀ ଦାଶ ପ୍ରକାଶ କରିଛନ୍ତି । ୮ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଏହି ମେଳାରେ ଉପସ୍ଥିତ ରହି ମା'ଙ୍କ ଦର୍ଶନ କରିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ବିଦ୍ୟାଳୟରୁ ଚୋରି ଅଭିଯୋଗ

ବଡ଼ସାହି, ୫ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅନ୍ତର୍ଗତ ବୈଦ୍ୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋର ହୋଇଥିବା ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଥାନାରେ ଅଭିଯୋଗ କରିଛନ୍ତି । ମାଇକ୍ ମେସିନ୍ ସହ ମାଇକ୍ରୋଫୋନ, ତୁଙ୍ଗା ଇନଭର୍ଟର ସହିତ ଦୁଇଟି ବଡ଼ ବ୍ୟାଟେରି, କାଲକୁଲେଟର ଆଦି ଚୋରି ହୋଇଥିବାବେଳେ ବିଦ୍ୟାଳୟର ରେକର୍ଡ ଖାତା ଦୁବୃର୍ତ୍ତମାନେ ଏଣେତେଣେ ପକାଇଛନ୍ତି । ୬ଟି ରୁମର ତାଲା ଭାଙ୍ଗିଛନ୍ତି । କାର୍ଯ୍ୟାଳୟରେ ଥିବା ୮ଟି ଆଲମାରି ଖୋଲି ରେକର୍ଡ ପତ୍ର ଫିଙ୍ଗା ଫିଙ୍ଗି କରିଛନ୍ତି ।

## ଓଲଟିଲା ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍



ମହୁଲଡିହା, ୫।୨(ସମିସ): ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଗୋଡଭଙ୍ଗା ଠାକୁରାଣୀ ବାଙ୍କରେ ଭାରସାମ୍ୟ ହରାଇ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ୍ ଓଲଟି ପଡ଼ିଛି । ଟାଟାରୁ ଦୁଇଟି ଏଚ୍‌ପି ଗ୍ୟାସ ବୋଝେଇ ଟ୍ରକ ଆଗ ପଛ ହୋଇ ଆନନ୍ଦପୁରକୁ ଯାଉଥିଲେ । ମା' ଭଣ୍ଡାରଶୁଣି ବନଦୁର୍ଗା ଠାକୁରାଣୀଙ୍କ ମନ୍ଦିର ପାଖରେ ଗୋଟିଏ ଟ୍ରକ୍ ବ୍ରେକ ଫେଲ ହେବାରୁ ଓଲଟି ପଡ଼ିଥିଲା । ତେବେ ଗାଡ଼ିର ଡ୍ରାଇଭର ସାମାନ୍ୟ ଆହତ ହୋଇଛି । ଏହି ବାଙ୍କରେ ଗତ ମାସ ୨୩ ତାରିଖରେ ଏକ କୁଣ୍ଡା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପଥପ୍ରାନ୍ତ ସଭା




କରଞ୍ଜିଆ, ୫ ।୨(ସମିସ): ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ଓ ଆଇନ୍‌ର ପ୍ରତ୍ୟାହାର, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ସ୍କିମ ୱାର୍କର ଯଥା ଅଙ୍ଗନବାଡି, ଆଶା, ପାଚିକା ସହାୟିକାମାନଙ୍କୁ ଶ୍ରମିକର ମାନ୍ୟତା, ମାସିକ ୨୮ ହଜାର ଟଙ୍କା ସର୍ବନିମ୍ନ ମଜୁରି ଲାଗୁ, ରାଜ୍ୟରେ ୧୦ ଘଣ୍ଟିଆ ଶ୍ରମ ଦିବସ ଓ ମହିଳାମାନଙ୍କୁ ରାତ୍ରିକାଳୀନ କାର୍ଯ୍ୟାଦେଶ ବାତିଲ୍, କୃଷି ଜାତ ଦ୍ରବ୍ୟ ବିକ୍ରି ଗଝଚ ପାଇଁ ଆଇନ୍ ପ୍ରଣୟନ କରିବା, ସରକାରୀ ଧାନ ମଣ୍ଡିରେ ଅବ୍ୟବସ୍ଥା, ପୁରୁଣା ପେନସନ ଯୋଜନା ପ୍ରଚଳନ, ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା, ଭି ବି ଜି ରାମ୍ ଜି ଆଇନ୍-୨୦୨୫ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ ଶକ୍ତି ନୀତି - ୨୦୨୫ ବାତିଲ୍ ସହ ଅନ୍ୟାନ୍ୟ ନ୍ୟାୟଚିତ୍ତ ଦାବିରେ ଆସନ୍ତା ୧୨ ରେ ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ସର୍ବଭାରତୀୟ ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି । ଏହାକୁ ସଫଳ କରିବା ପାଇଁ ଆଜି ଯଶିପୁର ମୁଖ୍ୟ ବଜାର ଓ ବସଷ୍ଟାଣ୍ଡ ଠାରେ ଏଆଇୟୁଟିୟୁସିର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ସାଥୀ ଶମ୍ଭୁନାଥ ନାଏକ, ଏଆଇଟିୟୁସି ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଆଇଏନଟିୟୁସି ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ ମିଳିତ ଭାବେ ପଥପ୍ରାନ୍ତ ସଭାରେ ଉଦବୋଧନ ଦେଇ ଆସନ୍ତା ଧର୍ମଘଟକୁ ସଫଳ କରିବାକୁ ନିବେଦନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଏଆଇୟୁଟିୟୁସି ପକ୍ଷରୁ ସାଥୀ ଲଳିତ କୁମାର ମହାନ୍ତ, ନୀଳାମ୍ବର ନାଏକ, ମିଳନ କୁମାର ମହାନ୍ତ, ସନ୍ନ୍ୟାସୀ ନାଏକ, ସୁନା ହୋ, ବାସୁଦେବ ନାଏକ, ଡମ୍ବରୁଧର ପାତ୍ର, ମହେଶ୍ୱର ମହାନ୍ତ, ମନୋଜ କୁମାର ମହାନ୍ତ, ଜଗବନ୍ଧୁ ମଲ୍ଲିକ, ଆଇଏନଟିୟୁସି ପକ୍ଷରୁ ହରେକୃଷ୍ଣ ମହାନ୍ତ, ସୁବାସ ଶଖିଆଳ, ଲାଲମୋହନ ମହାନ୍ତ, ମହେନ୍ଦ୍ର ନାୟକ ପ୍ରମୁଖ ସାମିଲ ଥିଲେ ।

## ସିପିଆଇ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

# ୧୨ ବନ୍ଦ ଡାକରା ସଫଳ ପାଇଁ ନିବେଦନ

ବାରିପଦା, ୫ ।୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆହ୍ୱାନ କ୍ରମେ ସିପିଆଇର ମୟୂରଭଞ୍ଜ ଜିଲ୍ଲା ବାରିପଦା ଜୋନ୍ ପକ୍ଷରୁ ଗୁରୁବାର ବିଭିନ୍ନ ଦାବି ନେଇ ବାରିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସିପିଆଇର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ କମ୍ରେଡ୍ ଜଗବନ୍ଧୁ ମିଶ୍ର, ଏଆଇଟିୟୁସି ମୟୂରଭଞ୍ଜ ପକ୍ଷରୁ କମ୍ରେଡ୍ କାହ୍ନୁ ବେହେରା, ବାରିପଦା ଜୋନ୍ ସମ୍ପାଦକ ଶ୍ରୀକାନ୍ତ ସାମଲ, କମ୍ରେଡ୍ ମହେମ୍ବର ବେହେରା, ଅସ୍ମିତା ବେହେରା, ରଞ୍ଜନ ନାଏକ, ବାସନ୍ତୀ ସିଂ, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଜାତୀୟ ରାଜପଥଠାରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା ।



ପ୍ରତ୍ୟେକ ପଞ୍ଚାୟତରେ ସରକାରୀ ଧାନ ମଣ୍ଡି ଖୋଲି ସରକାରଙ୍କ ଦ୍ୱାରା ଘୋଷିତ କ୍ୱିଣ୍ଟାଲ ପ୍ରତି ୩୧ ଶହ ୫୦ ଟଙ୍କା ହାରରେ ମୂଲ୍ୟ ପ୍ରଦାନ, ପ୍ରତ୍ୟେକ କୃଷକଙ୍କୁ ଆବଶ୍ୟକ ପରିମାଣର ଧାନ ବିକ୍ରି ପାଇଁ ଟୋକେନ, କଟନି ଛଟନୀ ବନ୍ଦ, ପ୍ରତି ପରିବାରକୁ ମାସିକ ୩ଶହ ୟୁନିଟ୍ ବିଦ୍ୟୁତ ଦେୟ ଛାଡ, ଟାଟା ପାଓ?ାରର ସ୍ମାର୍ଟ ମିଟର ବନ୍ଦ, କେନ୍ଦ୍ରର ବିଦ୍ୟୁତ ସଂଶୋଧନ ବିଲ ରଦ୍ଦ, ଶିଳ୍ପାୟନ ନାମରେ ଭିଟାମାଟି ଓ କୃଷି ଉତ୍ପାଦନକାରୀ ଭୂମି ଅଧିଗ୍ରହଣ ବନ୍ଦ କର, ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନାମରେ ଗାଡ଼ି ଚାଳକ ଓ ମାଲିକଙ୍କୁ ଲୁଣ୍ଠନ ବନ୍ଦ, ସାମ୍ପ୍ରଦାୟିକ, ଜାତିଆଣ ବିଦ୍ୱେଷ, ଘୃଣା ଓ ହିଂସା ବନ୍ଦ କରିବା ନେଇ ଦାବି । ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ ଆଦି ୯ଦଫା ଦାବି ଉପସ୍ଥାପନ କରାଯାଇଥିଲା । ଏହି ବିକ୍ଷୋଭ ସମାବେଶରେ ପାର୍ଟି ନେତୃତ୍? ଉଦବୋଧନ ଦେଇ ଦାବିପୂରଣ କରିବା ପାଇଁ ଦାବି କରିବା ସହ ୧୨ ଫେବୃଆରୀ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ଭାରତ ବନ୍ଦ ସଫଳତା ପାଇଁ ଆହ୍ୱାନ ଦେଇଥିଲେ । ୧୨ ଫେବୃଆରୀରେ କେବଳ ଚିକିତ୍ସା ବ୍ୟବସ୍ଥା, ଆମ୍ବୁଲାନ୍ସ, ଦମକଳ ଛାଡି ଅନ୍ୟ ସବୁ କାର୍ଯ୍ୟ ଅଫିସ, ଦପ୍ତର, ଶିଳ୍ପ କଳକାରଖାନା, ଦୋକାନ ବଜାର, ସ୍କୁଲ କଲେଜ, ସଡ଼କ ପରିବହନ, ରେଳବାଇ ଯାନବାହନ ଚଳାଚଳ ବନ୍ଦ ରହିବ । ଏଥିରେ ଶ୍ରମିକ, କୃଷକ, ଛାତ୍ର, ଯୁବ, ମହିଳା ବୁଦ୍ଧିଜୀବୀ ସମସ୍ତେ ସକ୍ରିୟତାର ସହ ହରତାଳକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ ।

# ମଧୁବାବୁଙ୍କ ୯୨ତମ ଶ୍ରାଦ୍ଧୋତ୍ସବ



ବାଲେଶ୍ୱର, ୫।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ବାଲେଶ୍ୱରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସହରର ଷ୍ଟେସନର କ୍ଲବ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପଙ୍କଜ କୁମାର ଜେନା ଅଧ୍ୟକ୍ଷତା କରିବା ସହ ଓଡ଼ିଶା ପ୍ରତି ମଧୁବାବୁଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ପୁରୁଷୋତମ ବିଶ୍ୱାଳ ପ୍ରାରମ୍ଭିକ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦର ସଦସ୍ୟ ତୁଷାରକାନ୍ତି ମହାପାତ୍ର ଅତିଥିଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସଦସ୍ୟା ପ୍ରଜ୍ଞାପାରମିତା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପରିଷଦର ସଦସ୍ୟ ରାମେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ। ସମସ୍ତ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସୁରକ୍ଷିତ ଭବିଷ୍ୟତ ପାଇଁ ଦକ୍ଷତାର ବିକାଶ ଜରୁରୀ'

ବାଲେଶ୍ୱର, ୫।୨(ସମିସ)




ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଉଦ୍ୟମରେ ଏକଦିବସୀୟ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ତାଲିମ ଶିବିରର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଡା. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ବାଳିକାମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବିକାଶର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଭଲ ସୂଚନା ଗୁଡ଼ିକ ନିଜେ ଜାଣିବା ସହିତ ଅନ୍ୟ ମାନଙ୍କୁ ଜଣାଇବା ଆବଶ୍ୟକ। ଚାକିରି ପଛରେ ନ ଧାଇଁ ଲୋକମାନଙ୍କୁ ଚାକିରି ଦେବା ପାଇଁ ଅତିଥିମାନେ କିଶୋରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ତାଲିମ କାର୍ଯ୍ୟକ୍ରମ ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ପାଇଁ ଆୟୋଜନ କରାଯାଇଥିଲା। ଏହି ଶିବିରରେ ୪୦ରୁ ଅଧିକ କିଶୋରୀ ମାନେ ଭାଗ ନେଇଥିଲେ। ଏଠାରେ ମୌଳିକ କମ୍ପ୍ୟୁଟର ଶିକ୍ଷା, ଇଣ୍ଟରନେଟ୍ ବ୍ୟବହାର, ଇମେଲ୍ ସେଟଅପ୍, ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ, ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତା, ଉପସ୍ଥାପନା ଦକ୍ଷତା, ଆନ୍ତଃବ୍ୟକ୍ତିଗତ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ବୃତ୍ତିଗତ ଶିଷ୍ଟାଚାର, ବୃତ୍ତିଗତ ଦକ୍ଷତା, ଉନ୍ନତ କୌଶଳ ସହିତ ବ୍ୟବହାରିକ ତାଲିମ, ଏକ ଛୋଟ ପ୍ରକଳ୍ପର ପ୍ରସ୍ତୁତି ଇତ୍ୟାଦି ଦକ୍ଷତା ଉପରେ କିଶୋରୀମାନଙ୍କୁ ତାଲିମ ଦିଆଯାଇଥିଲା।

ଏହି ଅବସରରେ ତାଲିମ ପ୍ରଦାନ କରିବା ପାଇଁ ଆସିଥିବା ଅଧିକାରୀ ମାନେ ହେଲେ, ସରକାରୀ ଆଇ ଟି ଆଇ କଲେଜର ଆଇ ଟି ମୁଖ୍ୟ, କଲେଜର ଇଂରାଜୀ ଅଧ୍ୟାପକ, ନିଯୁକ୍ତି କାର୍ଯ୍ୟାଳୟର ପ୍ରଶିକ୍ଷକ ଏବଂ ଲିଡ୍ ବ୍ୟାଙ୍କ୍ ର ମୁଖ୍ୟ ଉପସ୍ଥିତ ରହି କିଶୋରୀ ବାଳିକାମାନଙ୍କର ଉତ୍ତମ ଭବିଷ୍ୟତ ପାଇଁ ଦକ୍ଷତା ବିକାଶ କରିବା ଏବଂ ଆଗାମୀ ଦିନରେ କିପରି ଆର୍ଥିକ ସ୍ଥିରତା ବଜାୟ ରହିବ, ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କିଶୋରୀ ବାଳିକାମାନଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, କିଶୋରୀ ବାଳିକା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଓ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରୋଟେକସନ୍ ଅଧିକାରୀ ଯୁଥିକାରାଣୀ ରାୟ ଧନ୍ୟବାଦ ଦେଇଥିଲେ।

# ରେଞ୍ଜ ସ୍କୁଲର ବାର୍ଷିକ ଉତ୍ସବ




ବାଲେଶ୍ୱର, ୫।୨(ସମିସ): ଚାନ୍ଦିପୁରସ୍ଥିତ ଡିଆରଡିଓ ଅଡିଟୋରିୟମ୍ ପରିସରରେ ରେଞ୍ଜ ସ୍କୁଲର ୩୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପିଏକ୍ସଇ ନିର୍ଦ୍ଦେଶକ ତଥା ସ୍କୁଲ ପରିଚାଳନା ସଭାପତି ବୈଜ୍ଞାନିକ ସୁବୋଧ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ସା' ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବେ ପିଏକ୍ସଇର ବୈଜ୍ଞାନିକ ରତ୍ନାକର ସାଠୁଆ ମହାପାତ୍ର, ଚାନ୍ଦିପୁର ପିଏକ୍ସଇର ବୈଜ୍ଞାନିକ ଜୟଦେବ ଆଶ ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକଙ୍କ ସହ ମିଶି କେମିତି ଏକ ଆଲୋଚନା ଚକ୍ର ତଥା ପରିଦର୍ଶନ କାର୍ଯ୍ୟକ୍ରମ କରିହେବ ସେ ବିଷୟରେ କହିଥିଲେ। ବିଦ୍ୟାଳୟ କୋଷାଧ୍ୟକ୍ଷ ତଥା ଆଇଟିଆର ଅଫିସର ରଞ୍ଜନ କୁମାର ବାରିକ ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଏହିଭଳି କାର୍ଯ୍ୟକ୍ରମ କରିବାର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପିଲାମାନଙ୍କ ଦ୍ୱାରା ବିଭିନ୍ନ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ଶିକ୍ଷକ ତନ୍ମୟ କୁମାର ନାୟକ ଏବଂ ଡ. ପ୍ରତାପ କେଶରୀ ହୋତା ତଥା ଛାତ୍ର ଶ୍ରେୟାସ ଦାସ ଏବଂ ଛାତ୍ରୀ ଅମ୍ରିତା ବେହେରା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏକ୍ସଇ ତଥା ଆଇଟିଆରର ଅଫିସର ମହେଶ୍ୱର ଜେନା, ରେଜିମେଣ୍ଟାଲ ନର୍ସରୀ ସ୍କୁଲର ଅଧ୍ୟକ୍ଷ ରଶ୍ମୀ ସୋଲାଙ୍କି, ଇଏମୟୁ, ପିଏମୟୁ, ଏମ.ଇ.ଏସ, ମିଲିଟାରି ୱିଙ୍ଗ, ୱାର୍କ୍ସ ପ୍ରୋଜେକ୍ଟ ପିଏକ୍ସଇ, ଷ୍ଟେସନ ୱାର୍କସପ୍ ତଥା ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ରେଞ୍ଜ ସ୍କୁଲର ଶକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ସା'ଙ୍କ ସମେତ ସ୍କୁଲର ଶିକ୍ଷକୟ/ ଶିକ୍ଷୟିତ୍ରୀ ସୁଶାନ୍ତ ରଣା, ଭାରତୀ ମହାରଣା, ତନ୍ମୟ କୁମାର ନାୟକ, ଗୀତିକୃଷ୍ଣ ଦାସ, ଲକ୍ଷ୍ମୀପ୍ରିୟା ରାଉତ, ନିତ୍ୟ ନିରଞ୍ଜନ ରାଉତରାୟ, ଡ. ପ୍ରତାପ କେଶରୀ ହୋତା, ଶୁଭାକର ମହନ୍ତ, ତୃଷ୍ଣା ପାଣିଗ୍ରାହୀ, ସନ୍ଧ୍ୟାରାଣୀ ମହାପାତ୍ର, କ୍ରୀଷ୍ଣା ପାଣିଗ୍ରାହୀ, ମୋନାଲିସା ଖୁଣ୍ଟିଆ, ମନୀସା ସାହୁ, ରଶ୍ମିରେଖା ପଟ୍ଟନାୟକ, ସୁବାଶିଷ ରାଉତ, ସନ୍ଧ୍ୟା ମହାପାତ୍ର, ପୂର୍ଣ୍ଣେନ୍ଦୁ ପ୍ରକାଶ ପତି, ସରସ୍ୱତୀ ସାହୁ, ରବୀନ୍ଦ୍ର ପାଣିଗ୍ରାହୀ, ରାଧାକାନ୍ତ ଲେଙ୍କା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ତନ୍ମୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

ବାଲେଶ୍ୱର, ୫।୨(ସମିସ): ସ୍ଥାନୀୟ ଜିଲ୍ଲା ସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ତଥା ସରକାରୀ ଦଳର ଉପ ମୁଖ୍ୟସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଆଜିର ଛାତ୍ରଛାତ୍ରୀ ଦେଶର ଆଗାମୀ ଭବିଷ୍ୟତ। ୨୦୩୬ଭିଜନ ପାଇଁ ଏବେ ଠାରୁ ସେମାନେ ନିଜକୁ ପ୍ରସ୍ତୁତ ରଖିବା ସହ ନିଜ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍କୁଲର ପୁରାତନ ବିଦ୍ୟାର୍ଥୀ ପରିଷଦ ଶ୍ୟାମସୁନ୍ଦର ମହାନ୍ତି ଓ ସୁରେନ୍ଦ୍ରନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଚିତ୍ତରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରମ ଗୀତ ଗାନ କରାଯାଇଥିବା ବେଳେ ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଆଦିକନ୍ଦ ରାଉତ ପିଏମ୍‌ଶ୍ରୀ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ




ପୁରସ୍କୃତ କରାଯାଇଥିଲା। ଶେଷରେ ଭାଗ୍ୟଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ସନ୍ଥ ଶିରୋମଣି ଗୁରୁ ରବି ଦାସ ଜୟନ୍ତୀ

ବାଲେଶ୍ୱର, ୫।୨(ସମିସ): ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ସେ ୧୪ ଶହ ଶତାବ୍ଦୀରେ ଉତ୍ତରପ୍ରଦେଶର ବାରଣାସୀଠାରେ ମାଘ ପୂର୍ଣ୍ଣିମାରେ ଜନ୍ମଗ୍ରହଣ କରିଥିଲେ। ଗୁରୁ ଶ୍ରୀ ଦାସ ସନାତନ ହିନ୍ଦୁ ଧର୍ମର ଏକ ଅମୂଲ୍ୟ ରତ୍ନ ଥିଲେ। ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ସେ ଚମାର ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ବେଦ ଉପନିଷଦ୍ ଉପରେ ଗଭୀର ଜ୍ଞାନ ଥିଲା ଓ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପରମ ଉପାସକ ଥିଲେ। ସେହି ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୪୯ ତମ ଜନ୍ମ ଜୟନ୍ତୀ ସପ୍ତାହ ଅବସରରେ ଆଜି ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅତ୍ୟନ୍ତ ଭାବପୂର୍ଣ୍ଣ ସମାବେଶରେ ପାଳିତ ହୋଇଯାଇଛି। ଜିଲ୍ଲା ଏସ୍‌ସି ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ରାଜ୍ୟ ପଦାଧିକାରୀ ପୂର୍ବତନ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଜେନା ମୁଖ୍ୟ ବକ୍ତା ଭାବେ ଓ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତା ଭାବେ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ରବୀନ୍ଦ୍ର କୁମାର ଜେନା, ମହିଳା ନେତ୍ରୀ ସୁଷମାରାଣୀ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଜିଲ୍ଲା ଉପସଭାପତି ସୁକୁମାର ଦାସ ସନ୍ଥ ରବି ଦାସଙ୍କ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ରାଧାକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର, ୫।୨(ସମିସ): ବାଲେଶ୍ୱର ସଦର ବ୍ଲକ ବଇଞ୍ଚା ଗ୍ରାମପଞ୍ଚାୟତର ରାଧାକୃଷ୍ଣ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରାକାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ବିଆର୍‌ସିସି ଶୁଭେନ୍ଦୁ କୁମାର ତ୍ରିପାଠୀ ଯୋଗଦେଇ ଶିଶୁ ମାନଙ୍କର ଅନ୍ତର୍ନିହିତ ଶକ୍ତି ଓ ସକାରାତ୍ମକ ଚିନ୍ତାଧାରା ପରିପ୍ରକାଶ କରିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବଟକୃଷ୍ଣ ମିଶ୍ର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗ ଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରେଣୁବାଳା ଦାସ, ସିଆରସିସି ନିରଞ୍ଜନ ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘର ନେତା ଅରୁଣ ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାକୃଷ୍ଣ ଆଚାର୍ଯ୍ୟ, ପାଖରାବାଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଧରିତ୍ରୀ ମିଶ୍ର, ପୂର୍ବତନ ଶିକ୍ଷକ ସନ୍ତୋଷ ପ୍ରଧାନ ଓ ବଇଞ୍ଚା ଗ୍ରାମପଞ୍ଚାୟତର ସରପଞ୍ଚ ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସଫଳ ଓ ଭଲ ମଣିଷ ହେବାକୁ ଅତିଥିମାନେ ବକ୍ତବ୍ୟରେ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀତାଞ୍ଜଳି ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସରିତା ଲାହା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିଶ୍ଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦେବସ୍ମିତା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର

ବାଲେଶ୍ୱର, ୫।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଶୀତକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସପ୍ତାହବ୍ୟାପୀ ଶିବିର ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଏନଏସଏସ ନୋଡାଲ ଅଧିକାରୀ ତଥା ସହାୟକ ଅଧ୍ୟାପିକା ପ୍ରତିମା ପ୍ରଧାନ ଏବଂ ବିଶ୍ୱବିଦ୍ୟାଳୟ ଏନଏସଏସ ବିଭାଗ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଅତିଥିମାନେ ଏନଏସଏସର ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରାୟ ୧୧୫ ଜଣ ଏନଏସଏସ ସ୍ୱେଚ୍ଛାସେବୀମାନେ ଯୁବ ମହୋତ୍ସବ ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ। ଚାରିଟି ରାଜ୍ୟର ୨୦ଟି ବିଶ୍ୱବିଦ୍ୟାଳୟର ପ୍ରାୟ ୮୦୦ ଜଣ ଅଂଶଗ୍ରହଣକାରୀଙ୍କୁ ସେମାନେ ନିରବିଚ୍ଛିନ୍ନ ଭାବେ ବିଭିନ୍ନ ସହାୟତା ଯୋଗାଇଥିଲେ।




# ୭ରୁ ଫୁଟବଲ ଓ ଖୋଖୋ ଖେଳାଳି ଚୟନ ପ୍ରତିଯୋଗିତା

ବାଲେଶ୍ୱର, ୫।୨(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ରାଜ୍ୟ ଫୁଟବଲ, ଖୋଖୋ ସଂଘ ଏବଂ ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ୧୪ ବର୍ଷରୁ କମ୍ ବାଳକ ଏବଂ ବାଳିକା ବିଭାଗର ଫୁଟବଲ ପ୍ରତିଯୋଗିତା ଆସନ୍ତା ୭ ତାରିଖରେ ପରମିଟ ପଡ଼ିଆରେ ଅନୁଷ୍ଠିତ ହେବ। ସେହିପରି ଖୋଖୋ ପ୍ରତିଯୋଗିତା ଆସନ୍ତା ୮ ତାରିଖରେ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ଯେଉଁ ପ୍ରତିଯୋଗୀମାନେ ପୂର୍ବରୁ ରେଜିଷ୍ଟ୍ରେସନ କରିଥିବେ ସେମାନେ ଉପରୋକ୍ତ ତାରିଖ ଦିନ ଆଧାର କାର୍ଡ ଓ ଜନ୍ମ ପ୍ରମାଣପତ୍ରର ଅରିଜିନାଲ ଏବଂ ଜେରକ୍ସ କପି ସାଙ୍ଗରେ ନେଇ ଉପସ୍ଥିତ ରହିବା ପାଇଁ ଜିଲ୍ଲା କ୍ରୀଡ଼ା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ଆବଶ୍ୟକୀୟ ପ୍ରମାଣ ପତ୍ର ନଆଣିଲେ ଚୟନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ଦିଆଯିବ ନାହିଁ। ପ୍ରତିଯୋଗିତା ସମ୍ପର୍କରେ ସମସ୍ତ ବିବରଣୀ ପାଇଁ କ୍ରୀଡ଼ା ସଂଘ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା (୯୩୩୭୮୯୯୭୪୯), ଯୁଗ୍ମ ସମ୍ପାଦକ (ଫୁଟବଲ) ନିମାଇଁ ଚରଣ ରାଉତରାୟ (୯୩୩୭୧୫୩୩୯୬), ଯୁଗ୍ମ ସମ୍ପାଦକ (ଖୋଖୋ) କାର୍ତ୍ତିକ ଚନ୍ଦ୍ର ନାୟକ(୯୪୩୭୦୮୭୭୨୧), ବୀରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫) ଙ୍କ ସହିତ ଯୋଗାଯୋଗ କରିବାକୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜଣାଇଛନ୍ତି।

# ଜଙ୍ଗଲ ନିଆଁ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୫।୨(ସମିସ)




ସାମାଜିକ ସଂଗଠନ ମୁନ୍ କମ୍ୟୁନିକେସନ ପକ୍ଷରୁ ଖରାଦିନେ ଜଙ୍ଗଲକୁ କିପରି ଅଗ୍ନିକାଣ୍ଡରୁ ରକ୍ଷା କରାଯାଇପାରିବ ସେଥିପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁନ କମ୍ୟୁନିକେସନ ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଏକ ସାଇକଲ ରାଲି କରାଯାଇଥିଲା। ରାଲି ଚାନ୍ଦିପୁର ବନାଞ୍ଚଳ ପାର୍ଶ୍ୱରେ ଥିବା ରଣସାହି, ହିଡ଼ିଗାଁ, ଗୁଡୁପାହି ଓ ବର୍ଦ୍ଧନପୁର ଆଦି ଗ୍ରାମ ପରିକ୍ରମା କରିଥିଲା। ଅତିଥି ଭାବେ ପରିବେଶ କର୍ମୀ ସବିତା ନାୟକ, ମୁରଲୀଧର ମାହାନ୍ତି, ମନୋରଞ୍ଜନ ନାୟକ ଯୋଗଦେଇ ଜଙ୍ଗଲ ଭିତରେ ଜାଳେଣି ସଂଗ୍ରହ କରୁଥିବା ଲୋକମାନେ ଭିତରେ ଜାଳେଣି ସଂଗ୍ରହ କରୁଥିବା ସମୟରେ ଧୂମ୍ରପାନ କରୁଥିବାରୁ ଏହାଯୋଗୁଁ ଜଙ୍ଗଲରେ ନିଆଁ ଲାଗିବାର ସମ୍ଭାବନା ଥାଏ। ଏଣୁ ଜଙ୍ଗଲ ଭିତରେ ଧୂମ୍ରପାନ ନକରିବାକୁ ସମସ୍ତଙ୍କୁ ନିବେଦନ କରାଯାଇଥିଲା। ଜଙ୍ଗଲ ପାର୍ଶ୍ୱରେ ଥିବା କ୍ଷେତରେ ଶସ୍ୟ ଅମଳ ପରେ ବଳିପଡୁଥିବା କୁଟାକୁ ନିଆଁ ଲଗାଇବା ଦ୍ୱାରା ପାର୍ଶ୍ୱରେ ଥିବା ଜଙ୍ଗଲରେ ନିଆଁ ଲାଗିବା ସହ ଅନେକ ପଶୁପକ୍ଷୀ ଜୀବଜନ୍ତୁ ବୃକ୍ଷଲତା ନଷ୍ଟ ହୋଇଯାଏ। ଏଣୁ କ୍ଷେତରେ ଥିବା କୁଟାରେ ନିଆଁ ନଲଗାଇବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଶେଷରେ ଜୈବବିବିଧତା ବଜାୟ ରଖିବାକୁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ତ୍ତିକ ଚନ୍ଦ୍ର ନାୟକ, ସନ୍ତୋଷ କୁମାର ନାୟକ, ଅମ୍ବିକା ପ୍ରସାଦ ନାୟକ, କରୁଣାକର ଜେନା, ରେବତୀ ମଲ୍ଲିକ, ଶୁଚିସ୍ମିତା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ 'ଶିକ୍ଷା ସାଧନମ୍'

**● ଛାତ୍ରଛାତ୍ରୀଙ୍କ ଦ୍ୱାରା ୯୮ଟି ଶିକ୍ଷଣୀୟ ସାମଗ୍ରୀର ୱାର୍କିଂ ମଡେଲ୍ ପ୍ରଦର୍ଶିତ**

ବାଲେଶ୍ୱର, ୫।୨(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶିକ୍ଷାଦାନଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ 'ଶିକ୍ଷା ସାଧନମ୍' ଇଷ୍ଟ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦୀନେଶଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ବେବିରାଣୀ ସିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଫେସର ଡକ୍ଟର ଜ୍ୟୋତିଶଙ୍କର ପ୍ରଧାନ, ମୁଖ୍ୟ ବକ୍ତା ପ୍ରୋଫେସର ଡକ୍ଟର ସଞ୍ଜୟ କୁମାର ଦେ, ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଫିରୋଜ କୁମାର ପାଢ଼ୀ ଏବଂ ଏକାଡେମିକ ମୁଖ୍ୟ ଡକ୍ଟର ଜୟଶ୍ରୀ ମିଶ୍ର ଶିକ୍ଷଣ କ୍ଷେତ୍ରରେ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱ ବିଷୟରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ ଇଣ୍ଟିଗ୍ରେଟେଡ୍ ବି.ଏଡ୍‌ର ଚତୁର୍ଥ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ୯୮ଟି ଶିକ୍ଷଣୀୟ ସାମଗ୍ରୀର ୱାର୍କିଂ ମଡେଲ୍ ପ୍ରଦର୍ଶିତ ହୋଇଥିଲା। ଡକ୍ଟର ନିବେଦିତା ଦାସ, ଡକ୍ଟର କାନ୍ତି ସେଠୀ, ବର୍ଷାବର୍ଣ୍ଣାଳୀ ପାତ୍ର ଏବଂ ଡକ୍ଟର ପୂର୍ଣ୍ଣପ୍ରଭା ମନ୍ତ୍ରୀ ମୂଲ୍ୟାୟନ କରିଥିଲେ। ଶିକ୍ଷକ ଶିକ୍ଷା ବିଭାଗର ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାସ, ଅଧ୍ୟାପିକା, ଅଧ୍ୟାପକ ସୂଚିତା ଦାସ, ମହିମା ବେହେରା, ଜ୍ୟୋତିରେଖା ପଣ୍ଡା, ଶ୍ରୀପର୍ଣ୍ଣା ଗାୟେନ, ସ୍ମୃତିରଞ୍ଜନ ସାହୁ, ମାନସ କୁମାର ମିଶ୍ର ଓ ରଞ୍ଜିତ ଦାସ ସହଯୋଗ କରିଥିଲେ।



# ସୋନ ନଦୀରେ ପୋଲ ନିର୍ମାଣ ଦାବି



ଶରତ, ୫।୨(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ପଞ୍ଚାୟତ ଅଧୀନସ୍ଥ ଚାମ୍ପୁସାହିଠାରୁ ଯାଉଁରୀ ଛକକୁ ସଂଯୋଗ କରୁଥିବା ରାସ୍ତାରେ ସୋନ ନଦୀ ଉପରେ ପୋଲ ନିର୍ମାଣ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ଏହି ପୋଲ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ପୋଲ ନିର୍ମାଣ ହୋଇ ନ ଥିବାରୁ ବର୍ଷାଋତୁରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗୋକୁଳଚନ୍ଦ୍ରପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ ୫ କିଲୋମିଟର ବାଟ ମଲ୍ଲିପାଟ ଛକ ଦେଇ ଯିବା ଆସିବା କରିବାକୁ ବାଧ୍ୟ ହେଉଛନ୍ତି। ବସ୍ ଯାତ୍ରୀ ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି।

ଆଜି ପୋଲ ନିର୍ମାଣ ଦାବି ନେଇ କଳାମଗଡ଼ିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବିଶ୍ୱନାଥ ବଦ୍ରାଙ୍କ ନେତୃତ୍ୱରେ ଗ୍ରାମବାସୀ ଏକାଠି ହୋଇ ମେଳି ବାନ୍ଧିଥିଲେ ଓ ଗଣମାଧ୍ୟମ ଜରିଆରେ ପ୍ରଶାସନ ନିକଟରେ ପୋଲ ନିର୍ମାଣ କରିବା ଅନୁରୋଧ କରିଛନ୍ତି। ଉକ୍ତ ଦାବି ପ୍ରତି ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ କଳମଗଡ଼ିଆ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। କଳମଗଡ଼ିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ପାଙ୍ଗିଲା ସିଂ ହନହାଗା, ଯୁବନେତା ବେହେରୁ ନାଥ ହେମ୍ବ୍ରମ, ସଞ୍ଜୟ ମହାକୁଡ଼, ପ୍ରେମଲତା ବିରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ସେବିକା ଚୟନକୁ ନେଇ ସ୍କୁଲରେ ଉତ୍ତେଜନା

ବେତନଟୀ, ୫।୨(ସମିସ):

ଚଳିତ ଶିକ୍ଷାବର୍ଷରୁ ରାଜ୍ୟ ସରକାର ସମସ୍ତ ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଅଭିଯାନ ଆରମ୍ଭ କରିଥିବାବେଳେ ବେତନଟୀ ଉପକଣ୍ଠ ଶୁଖୁଲାହାରସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ପ୍ରଥମେ ଜଣେ ମହିଳାଙ୍କୁ ଶିଶୁ ସେବିକା ଭାବେ ଚୟନ କରି ୫ଦିନ କାମ କରାଇବା ପରେ ପୁଣି କାଢିଦେଇ ପୁନର୍ବାର ଚୟନ ପ୍ରକ୍ରିୟା ଆରମ୍ଭ କରାଯିବା ଘଟଣାରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ସ୍ଥିତି ଅଣାୟତ୍ତ ହେବା ଆଶଙ୍କାରେ ବେତନଟୀ ବ୍ଲକ ଏବିଇଓ ଓ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆପୋଷ ଆଲୋଚନା କରିବା ପରେ ସ୍ଥିତି ଶାନ୍ତ ପଡିଥିଲା।

ସୂଚନା ମୁତାବକ, ଶୁଖୁଲାହାର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁସେବିକା ନିଯୁକ୍ତି ପାଇଁ ମାର୍ଗଦର୍ଶିକା ଜାରି କରାଯାଇଥିଲା। ତଦନୁଯାୟୀ ଶିଶୁସେବିକା ଚୟନ ପାଇଁ ସ୍କୁଲ ପରିଚାଳନା କମିଟି ଓ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବା ସରକାରୀ ମାର୍ଗଦର୍ଶିକା ମୁତାବକ ଶିଶୁସେବିକା ଚୟନ ପାଇଁ ନିର୍ଦ୍ଦେଶ ରହିଛି। ତଦନୁଯାୟୀ ଅନୁସୂଚୀତ ଜନଜାତି ବର୍ଗର ଅସହାୟ ମହିଳାଙ୍କୁ ସର୍ବପ୍ରଥମେ ଅଗ୍ରାଧିକାର ଦିଆଯିବ ଓ ଯେଉଁଠାରେ ଅନୁସୂଚିତ ଜନଜାତି ବର୍ଗର ଅସହାୟ ମହିଳା ଆବେଦନକାରୀ ନାହାନ୍ତି ସେଠାରେ ଅନୁସୂଚିତ ଜାତି ବର୍ଗର ଅସହାୟ ମହିଳାଙ୍କୁ ଦ୍ୱିତୀୟରେ ଅଗ୍ରାଧିକାର ଦିଆଯିବ। ତେବେ କିଛିଦିନ ପୂର୍ବରୁ ସ୍କୁଲ ପରିଚାଳନା କମିଟି ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଜଣେ ଅନୁସୂଚିତ ଜାତି ବର୍ଗର ଅସହାୟ ମହିଳାଙ୍କୁ ଶିଶୁସେବିକା ଭାବରେ ଚୟନ କରାଯାଇଥିଲା। ଶିଶୁସେବିକା ଚୟନ ନେଇ ସ୍କୁଲ ପକ୍ଷରୁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। ଏହି ଶିଶୁସେବିକା ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ଯିବା ପୂର୍ବରୁ ବେତନଟୀ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ କାଗଜପତ୍ର ଯାଞ୍ଚ ସମୟରେ ଅନୁସୂଚିତ ଜନଜାତି ବର୍ଗର ମହିଳା ଆବେଦନକାରୀ ଥାଇ ସୁଦ୍ଧା କିଭଳି ଅନୁସୂଚିତ ଜାତି ବର୍ଗର ମହିଳାଙ୍କୁ ଚୟନ କରାଗଲା ଓ ସରକାରୀ ମାଗଦର୍ଶିକାର ସଠିକ ଅନୁପାଳନ କରାଯାଇ ନ ଥିବାରୁ ବିଇଓଙ୍କ କାର୍ଯ୍ୟାଳୟରୁ ପୁନର୍ବାର ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଥିଲା। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ବୁଧବାର ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କରଙ୍କ ନିର୍ଦ୍ଦେଶକ୍ରମେ ଦୁଇଜଣ ପୂର୍ବତନ ସିଆରସିସି ସପନ ମହାପାତ୍ର ଓ ଗଣେଶ୍ୱର ମହାନ୍ତ ଶୁଖୁଲାହାର ସ୍କୁଲରେ ପହଞ୍ଚିବା ପରେ ଉତ୍ତେଜନା ତୀବ୍ରରୂପ ଧାରଣ କରିଥିଲା। ପରେ ବେତନଟୀ ବ୍ଲକ୍ ଅତିରିକ୍ତ ଶିକ୍ଷାଅଧିକାରିଣୀ ଅପର୍ଣ୍ଣା ସାହୁ, ସିଆରସିସି ସଞ୍ଜୟ ପଣ୍ଡିତ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ବେତନଟୀ ଥାନା ପକ୍ଷରୁ ଏସଆଇ ସୌମେଲିନ ରାଉତ ମଧ୍ୟ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ନିକଟ ଭବିଷ୍ୟତରେ ବେତନଟୀ ବ୍ଲକ ଶିକ୍ଷାଅଧିକାରୀ ବିପ୍ଳବ କରଙ୍କ ସମେତ ସ୍କୁଲର ପ୍ରଧାନଶିକ୍ଷକ, ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ବସି ଆଲୋଚନା କରି ଶିଶୁସେବିକା ନିଯୁକ୍ତି ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡିଥିଲା।

# ମୁଢ଼ି ବ୍ୟବସାୟୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

ବୈଶିଙ୍ଗା, ୫।୨(ସମିସ): ନଡ଼ପୁର ଉପକଣ୍ଠ କୃଷ୍ଣଚନ୍ଦ୍ରପୁର ଗ୍ରାମର ମୁଢ଼ି ବ୍ୟବସାୟୀ ଦୟାନିଧି ସାହୁ ବେଙ୍ଗଲରୁ ମୁଢ଼ି ଆଣି ସ୍ଥାନୀୟ ଅଞ୍ଚଳର ଦୋକାନୀଙ୍କୁ ପାଇକାରୀ ମୂଲ୍ୟରେ ବିକ୍ରୟ କରି ଯାହା ଲାଭ ପାଆନ୍ତି ସେଥିରେ ପରିବାର ପ୍ରତିପୋଷଣ କରନ୍ତି । ଗତକାଲି ରାତିରେ ସେ ମୁଢ଼ି ଆଣିବାକୁ ବେଙ୍ଗଲ ଅଭିମୁଖେ ଘରୁ ବାହାରିଥିଲେ। ପରେ କିଛି ବାଟ ଯାଇ ସେ ୧୮ ନଂ ଜାତୀୟ ରାଜପଥ ପାଶ୍ୱର୍ ଆଗ୍ରିଆ ଛକ ନିକଟରେ ନିଜର ଟାଟା ଏସି ଭ୍ୟାନ ରାସ୍ତା ପାଶ୍ୱର୍ରେ ରଖି ଚା’ ପିଇବାକୁ ଓହ୍ଲାଇଥିଲେ। ପରେ ତାଙ୍କର ମନେ ପଡିଥିଲା କି ମୁଢିବୁରା ବାନ୍ଧିବା ପାଇଁ ବ୍ୟବହାର କରାଯାଉଥିବା ଦଉଡିକୁ ସେ ଘରେ ଛାଡି ଆସିଛନ୍ତି। ସେ ଘରକୁ ଫୋନ କରିଥିଲେ। ଫୋନ ନଲାଗିବାରୁ ସେ ପୁଣି ଭ୍ୟାନ ଧରି ଘରକୁ ଫେରିଥିଲେ। ରାତି ପ୍ରାୟ ୧ଟା ୩୦ମିନିଟ ସମୟରେ ସେ ଆଗ୍ରିଆ-ନଡ଼ପୁର ରାସ୍ତାର ଅଙ୍ଗାରଗଡିଆ ନିକଟରେ ପହଞ୍ଚିଥିବା ସମୟରେ ହଟାତ ଏକ ପଲସରରେ ୩ ଦୁର୍ବୃତ୍ତ ଆସି ତାଙ୍କ ଭ୍ୟାନକୁ ଅଟକାଇ ତାଙ୍କୁ ଭ୍ୟାନ ଭିତରୁ ଭୁଜାଲି ଦେଖାଇ ଘୋଷାଡ଼ି ଆଣିଥିଲେ ଓ ଟଙ୍କା ସବୁ ଦେବା ପାଇଁ କହିଥିଲେ। ଦୟାନିଧି ରାଜି ନ ହେବାରୁ ସେମାନେ ଭୁଜାଲିରେ ଆକ୍ରମଣ କରି ଭ୍ୟାନ ସିଟ ତଳେ ଥିବା ୧ଲକ୍ଷ ଟଙ୍କା ବ୍ୟାଗ ନେଇ ଚମ୍ପଟ ମାରିଥିଲେ। ଖବର ପାଇ ପରିବାର ଲୋକ ଦୟାନିଧିଙ୍କୁ ଉଦ୍ଧାର କରି ନଡ଼ପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଆଜି ଥାନାରେ ଅଭିଯୋଗ କରାଯାଇଛି।

## ଶ୍ରୀ ଦଧିବାମନଜୀଉ ମନ୍ଦିର ଅବହେଳିତ

# ବିବାଦ ସାଜିଛି ବିକାଶରେ ବାଧକ



ଆନନ୍ଦପୁର, ୫।୨(ସମିସ): ରାଜୁଡ଼ା ସମୟରୁ ନିର୍ମିତ ଆନନ୍ଦପୁରର ଶ୍ରୀଦଧିବାମନଜୀଉ ମନ୍ଦିର ଅବହେଳିତ ହୋଇପଡ଼ିଛି। ଆରାଧ୍ୟ ଦେବତା ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା’ ସୁଭଦ୍ରା ପୂଜା ପାଇଆସୁଛନ୍ତି। ଏହି ମନ୍ଦିର ଏକଦା ବୈଷ୍ଣବ ଧର୍ମ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବର୍ତ୍ତମାନ ମନ୍ଦିର ପ୍ରତି ସରକାରୀ ଅବହେଳା ଜଳଜଳ ଦିଶୁଛି। ଏହାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ସୁଫଳ ମିଳୁନି। ମା’ ତାରିଣୀ ମନ୍ଦିର ପ୍ରକଳ୍ପ ପାଇଁ ସରକାର ତିନିଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଘୋଷଣା କରିଥିବା ବେଳେ ଦଧିବାମନଙ୍କ ମନ୍ଦିର ପ୍ରତି ଅବହେଳା କାହିଁକି ବୋଲି ପ୍ରଶ୍ନ ଉଠିଛି।

୧୬୬୧ରେ କେନ୍ଦୁଝର ରାଜା ଲକ୍ଷ୍ମୀନାରାୟଣ ଭଞ୍ଜ କେନ୍ଦୁଝରରେ ଶ୍ରୀବଳଦେବଜୀଉ ଓ ୧୬୭୫ରେ ଆନନ୍ଦପୁରରେ ଦଧିବାମନଜୀଉଙ୍କ ମନ୍ଦିର ନିର୍ମାଣ କରିଥିଲେ। ଜଗମୋହନ ଶିଳ୍ପୀଶାସ୍ତ୍ରକୁ ଅନୁକରଣ କରାଯାଇ ପିଢ଼ ମନ୍ଦିର ଶୈଳୀରେ ଏହା ନିର୍ମାଣ ହୋଇଛି। ପରେ ରାଜା ରଘୁନାଥ ଭଞ୍ଜ ପାର୍ଶ୍ୱଦେବତା ବିଷ୍ଣୁ, ବରାହ ଓ ନୃସିଂହଙ୍କ ମନ୍ଦିର ନିର୍ମାଣ କରିଥିଲେ। ତାଙ୍କ ଶାସନକାଳ ୧୭୦୦ରୁ ୧୭୧୯ ମଧ୍ୟରେ ଦକ୍ଷିଣ ପାର୍ଶ୍ୱରେ ଲକ୍ଷ୍ମୀମନ୍ଦିର ସହ ଜଗମୋହନ ମଧ୍ୟରେ ଗରୁଡ଼ ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। ୧୭୮୪ରେ ରାଜା ପ୍ରତାପ ବଳଭଦ୍ର ନାରାୟଣ ଭଞ୍ଜ ହାଟଡିହି ବ୍ଲକ୍ ଢେଙ୍କାରୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ବିଗ୍ରହ ଆଣି ପଶ୍ଚିମ ପାର୍ଶ୍ୱରେ ପ୍ରତିଷ୍ଠା କରାଇଥିଲେ; ଯାହା ଢେଙ୍କା ଜଗନ୍ନାଥ ନାମରେ ପରିଚିତ। ୧୯୦୬ରେ ରାଜା ଗୋପୀନାଥ ଭଞ୍ଜ ମୁଖଶାଳା, ପାଚେରି, ଭଣ୍ଡାରଘର, ଗନ୍ତାଘର, ସ୍ନାନମଣ୍ଡପ ନିର୍ମାଣ କରିଥିଲେ। ତିନିବର୍ଷ ତଳେ ପ୍ରଶାସନ ସହଯୋଗରେ ନୂତନ ସ୍ନାନମଣ୍ଡପ ନିର୍ମାଣ କରାଯାଇଛି। ମନ୍ଦିର ନିର୍ମାଣ ପରଠାରୁ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଯାହା ୩୫୦ବର୍ଷ ପୁରୁଣା ବୋଲି ସାହିତ୍ୟିକ ରମାକାନ୍ତ ନାୟକ ପ୍ରକାଶ କରିଛନ୍ତି। ପ୍ରଥମ ପୂଜକ ଭାବେ ପ୍ରହଲ୍ଲାଦ ମିଶ୍ର କାର୍ଯ୍ୟ କରିଥିଲେ। ଏବେ ତାଙ୍କ ବଂଶଧର ପୂଜାର୍ଚ୍ଚନା କରୁଛନ୍ତି। ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ମନ୍ଦିର ଜରାଜୀର୍ଣ୍ଣ ହୋଇପଡୁଛି। ପାଚେରି ଭାଙ୍ଗିରୁଜି ଯାଇଥିବା ବେଳେ ନୀତିକାନ୍ତି ପାଇଁ ଆର୍ଥିକ ସମସ୍ୟା ଦେଖାଦେଇଛି। ନାମକୁ ମାତ୍ର ଏଠାରେ ଆନନ୍ଦବଜାର ରହିଥିବା ବେଳେ ଶ୍ରଦ୍ଧାଳୁ ବସିବାକୁ ସଂକୋଚ କରୁଥିବା ଅଭିଯୋଗ ହୋଇଛି।

ମନ୍ଦିର ଉନ୍ନତୀକରଣ, ହସ୍ତୀଦ୍ୱାର, ସଭାଗୃହ, କଲ୍ୟାଣମଣ୍ଡପ, ଆନନ୍ଦବଜାର ଉନ୍ନତୀକରଣ, ପାଚେରି ନିର୍ମାଣ ଓ ପ୍ରାଚୀନ ପ୍ରକୋଷ୍ଠର ପୁନରୁଦ୍ଧାର କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀଳମାଧବ ସୁନାଙ୍କୁ ମନ୍ଦିରର ଉନ୍ନତି ପାଇଁ ଉଦ୍ୟମ କରୁଥିଲେ ମଧ୍ୟ କେତେକ ମନ୍ଦିର ପ୍ରସଙ୍ଗରେ ଅଯଥା ବିବାଦ ଓ ବାଧା ସୃଷ୍ଟି କରୁଥିବାରୁ ସମସ୍ୟା ହେଉଥିବା ପ୍ରକାଶ କରିଛନ୍ତି।

# ତାରିଣୀ ମନ୍ଦିର ଚୋରି ମାମଲାରେ ଦୁଇ ଗିରଫ



ବେତନଟୀ, ୫।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ବୈସିଙ୍ଗା ଥାନା ଅଧୀନରେ ଥିବା କେନ୍ଦୁଆସ୍ଥ ତାରିଣୀ ମନ୍ଦିରରେ ହୋଇଥିବା ଏକ ଚୋରି ମାମଲାରେ ପୁଲିସ ତ୍ୱରିତ ଓ ସଠିକ୍ ତଦନ୍ତ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମନ୍ଦିରରୁ ଜିନିଷ ଚୋରି କରିଥିବାବେଳେ ଅନ୍ୟ ଜଣେ ଏହି ଚୋରି ଜିନିଷ କିଣିଥିଲେ ବୋଲି ଜଣାପଡିଛି। ବୈଶିଙ୍ଗା ପୁଲିସ ଟିମ୍ ଏହି ଚୋରି ଘଟଣାକୁ ସଫଳତାପୂର୍ବକ ଲୋକଲୋଚନକୁ ଆଣିବା ସହିତ ଚୋରି ହୋଇଥିବା ସମସ୍ତ ଜିନିଷପତ୍ର ଜବତ କରିଛି। ଏହି ଘଟଣାରେ ଜଡ଼ିତ ଦୁଇ ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ଗ୍ରାମର ମନମୋହନ ମଲ୍ଲିକଙ୍କ ପୁଅ ଅନନ୍ତ ନାରାୟଣ ମଲ୍ଲିକ ଓ ବଡ଼ସାହି ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ସଦାନନ୍ଦ ଜେନାଙ୍କ ପୁଅ ଅରବିନ୍ଦ ଜେନା ବୋଲି ଜଣାପଡିଛି। ଏହି ଦୁହିଁଙ୍କୁ ଗିରଫ କରି କୋର୍ଟରେ ହାଜର କରାଯାଇଛି।

# ଅଲ ଗୁରୁ ପଣ୍ଡିତ ରହିଦାସ୍ ସିଂ ନାଗଙ୍କ ଜୟନ୍ତୀ

ବାରିପଦା, ୫।୨(ସମିସ): ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ମୁଣ୍ଡାରୀ ଭାଷାର ଲିପି ମୁଣ୍ଡାରୀବାନି ଲିପିର ସ୍ରଷ୍ଟା ଅଲ ଗୁରୁ ପଣ୍ଡିତ ରହିଦାସ୍ ସିଂ ନାଗଙ୍କ



ଜୟନ୍ତୀ ପାଳିତ ହୋଇଯାଇଛି। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆଠାରେ ଥିବା ପଣ୍ଡିତ ରହିଦାସ୍ ସିଂ ନାଗଙ୍କ ପ୍ରତିମୂର୍ତ୍ତିରେ ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ମୁଣ୍ଡାରୀବାନି ଲିପିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଦୃଢ ଦାବି କରିଛନ୍ତି। ଏଥିସହିତ ରଙ୍ଗାମାଟିଆସ୍ଥ ପଣ୍ଡିତ ରହିଦାସ୍ ସିଂ ନାଗଙ୍କ ପ୍ରତିମୂର୍ତ୍ତି ଛକଠାରୁ ବାଲଡିହା ଡ୍ୟାମ ପର୍ଯ୍ୟନ୍ତ ରାସ୍ତାକୁ ପଣ୍ଡିତ ରହିଦାସ୍ ସିଂ ନାଗଙ୍କ ମାର୍ଗ ନାମରେ ନାମିତ କରିବାକୁ ଦାବି କରାଯାଇଛି।

# ବେତନଟୀ ଲ୍ୟାମ୍ପସ ପକ୍ଷରୁ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ



ବେତନଟୀ, ୫।୨(ସମିସ): ବେତନଟୀ ବୃହଦକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଲିମିଟେଡ଼ ପକ୍ଷରୁ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦଘାଟିତ ହୋଇଛି। ବେତନଟୀ ଲ୍ୟାମ୍ପ ପରିସରରେ ଆୟୋଜିତ ଏକ ସଭାରେ ଡିଆରସିଏସ ଅଶୋକ କୁମାର ପାଣି ଅନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ଓମଫେଡ ତରଫରୁ ହରପ୍ରିୟା ଦାସ, ମୟୂରଭଞ୍ଜ କୋ-ଅପରେଟିଭ ଇନ୍ସପେକ୍ଟର ଅଜିତ କୁମାର ବିଶ୍ୱାଳ, ଲ୍ୟାମ ସଭାପତି ଗୋଲୋକ ବିହାରୀ ନାଏକଙ୍କ ସହିତ ଲ୍ୟାମ୍ପ ଏମଡି ମାନସୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳନ କରି ଜଣେ ଚାଷୀ କେମିତି ନିଜେ ରୋଜଗାରକ୍ଷମ ହୋଇପାରିବ ଓ ଦୁଗ୍ଧ କେମିତି ସହଜରେ ବିକ୍ରି କରି ନିଜ ବ୍ୟାଙ୍କ ଏକାଉଣ୍ଟରେ ଅର୍ଥ ପାଇ ଲାଭବାନ ହୋଇପାରିବ, ତାହା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପ୍ରଥମ ଦିନରେ ୫୫ ଲିଟରରୁ ଅଧିକ ଚାଷୀଙ୍କ ନିକଟରୁ ଦୁଗ୍ଧ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି।

# ଭାଇଙ୍କ ବର ଯାତ୍ରୀ ଯାଇ ଗଲା ପ୍ରାଣ

ଦୁରୁମୁଙ୍ଗା, ୫।୨(ସମିସ): ଭାଇ ବାହାଘର ଉପଲକ୍ଷେ ବରଯାତ୍ରୀ ଭାବେ ସାମିଲ ହୋଇଥିଲେ; ହେଲେ ଅନ୍ୟ ବରଯାତ୍ରୀଙ୍କ ସହ ନାଚୁ ନାଚୁ ଜୀବନ ଚାଲିଗଲା। ସେ ଅସୁସ୍ଥ ହୋଇପଡ଼ିବା ପରେ ମୃତ୍ୟୁ ହୋଇଥିଲା। ମୃତ ଯୁବକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ଦୁରୁମୁଙ୍ଗା ଥାନା ଡଳଙ୍ଗ ଗ୍ରାମର ନିଶାକର ନାଏକଙ୍କ ପୁଅ ଗୋଲକଚନ୍ଦ୍ର (୩୩)। ଘଟଣାଟି ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଗୋଲକ କକା ପୁଅ ଭାଇଙ୍କ ବାହାଘର ପାଇଁ ବୁଧବାର ରାତିରେ ସାଙ୍ଗମାନଙ୍କ ସହ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଧନିଆନାଳି ଗ୍ରାମକୁ ବରଯାତ୍ରୀ ଭାବେ ଯାଇଥିଲେ। ସେଠାରେ ରୋଶଣି ଚାଲିଥିବା ସମୟରେ ବେଶ୍ ଉଲ୍ଲାସରେ ନାଚୁ ନାଚୁ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ସାଙ୍ଗମାନେ ତାଙ୍କୁ ସେଠାରୁ ଆଣି କେନ୍ଦୁଝର ମେଡ଼ିକାଲରେ ସକାଳୁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଦୁରୁମୁଙ୍ଗା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଓଡ଼ିଶା ଦର୍ଶନ ଓ ଯୁବ ବିନିମୟ କାର୍ଯ୍ୟକ୍ରମ

ବାରିପଦା, ୫।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ଓ ରାଜ୍ୟ ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ଆୟୋଜିତ “ଓଡ଼ିଶା ଦର୍ଶନ ଓ ଯୁବ ବିନିମୟ’ କାର୍ଯ୍ୟକ୍ରମରେ ୧୮ ଜଣ ସ୍ୱେଚ୍ଛାସେବୀ ସମେତ ୩ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଜିଲ୍ଲାରୁ ଆସିଥିବା ସ୍ୱେଚ୍ଛାସେବୀଙ୍କୁ ନେଇ ୬ଟି ଟିମ୍‌ରେ ବିଭକ୍ତ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀ ଟିମ୍-୨ ଓ ଟିମ୍-୫ରେ ସାମିଲ ଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ପ୍ରମୋଦ ଶତପଥୀ, ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ ମହାନ୍ତ, ଜାତୀୟ ସେବା ଯୋଜନା ଜିଲ୍ଲା ନୋଡାଲ ଅଧିକାରୀ ଡଃ ଅନାମ ଚରଣ ରାଉଳ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ଦେଓଗାଁ ବାଳିକା ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୫।୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ସରକାରୀ ବାଳିକା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶଙ୍କର୍ଷଣ ଜେନାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷାଧିକାରୀ ଯୋଗେନ୍ଦ୍ର ପଣ୍ଡା, ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ପରମେଶ୍ୱର ବେହେରା ଓ ମୁଖ୍ୟବକ୍ତା ଶିକ୍ଷାବିତ୍ କମଳ ଲୋଚନ ବିଶ୍ୱାଳଙ୍କ ସହ ସମ୍ମାନିତ ଅତିଥି ଭାବରେ ଡିଏନ୍ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି, ଶିକ୍ଷାବିତ୍ ପ୍ରକାଶ କୁମାର ପଣ୍ଡା, ବିଜୟ କୁମାର ସାହୁ, ସୁରେନ୍ଦ୍ରନାଥ ଜେନା, ଶତ୍ରୁଘ୍ନ ସାହୁ, ସଂଯୁକ୍ତା ମହାନ୍ତି ଏବଂ ପୁରାତନ ଛାତ୍ରୀ ମାଳତୀ ଭୂୟାଁ, ସରପଞ୍ଚ ସତ୍ୟରଂଜନ ଭୂୟାଁ ଯୋଗ ଦେଇଥିଲେ। ବିଦାୟୀ ପ୍ରଧାନଶିକ୍ଷକ ଜଣେ ଛାତ୍ର ବତ୍ସଳ, କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ ବ୍ୟକ୍ତିତ୍ୱ ଥିଲେ ସମ୍ବର୍ଦ୍ଧନା ପର୍ବରେ ମତ ପ୍ରକାଶ ପାଇଥିଲା।

# ପରିବେଶ ଓ ପରିବେଶ ବିଜ୍ଞାନ ତାଲିମ ଶିବିର



ଦୁରୁମୁଙ୍ଗା, ୫।୨(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପିକକ୍ ପକ୍ଷରୁ କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ କପୁଣ୍ଡି ଗ୍ରାମୀଣ ଜୀବିକା ତାଲିମ କେନ୍ଦ୍ରଠାରେ ଗୁରୁବାର ପରିବେଶ ଏବଂ ପରିବେଶ ବିଜ୍ଞାନ-ଇକୋଭେଞ୍ଚର ତଥା ତାଲିମ ଶିବିର ଆରମ୍ଭ ହୋଇଛି। ଏହି ଶିବିର ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଶିବିରକୁ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ ଉଦ୍‌ଘାଟନ କରିଥିବା ବେଳେ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ, ପିକକ ସଭାପତି ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ପିକକ୍ ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାର ଇକୋ ସେଭର ଯୁଥ ନେଟୱର୍କର ସଦସ୍ୟସଦସ୍ୟା ପରିବେଶ ସୁରକ୍ଷା ଉପରେ ତାଲିମ ନେଉଛନ୍ତି।

# ଗାଡ଼ି ଧକ୍କାରେ ବାଇକ୍ ମେକାନିକ ମୃତ

ବେତନଟୀ, ୫।୨(ସମିସ):୧୮ ନଂ ଜାତୀୟ ରାଜପଥ ତୁଳସୀଚଉରା ଢାବାଠାରେ ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ମେକାନିକଙ୍କର ମୃତ୍ୟୁ ଘଟିଛି। ମୃତକ ମେକାନିକ ଜଣକ ବାରିପଦା ପୌରପାଳିକା ଅନ୍ତର୍ଗତ ବିଜୟରାମଚନ୍ଦ୍ରପୁର ୱାର୍ଡ ନମ୍ବର ୧୫ ଅଞ୍ଚଳର ଶେଖ ଇଦ୍ରୀସଙ୍କ ପୁଅ ଶେଖ ଇସ୍ମାଇଲ (୨୭)। ଶେଖ ଇସ୍ମାଇଲ କୌଣସି କାମରେ ବାଇକ୍ ଯୋଗେ ବେତନଟୀ ଆସିଥିବାବେଳେ ତୁଳସୀଚଉରା ଢାବା ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଶେଖ ଇସ୍ମାଇଲଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# କେନ୍ଦୁଝର: ୫ଟି ନୂଆ ସବ୍‌ରେଜିଷ୍ଟ୍ରେସନ୍ ଅଫିସ୍ ଉଦ୍‌ଘାଟିତ

## ସବୁ ତହସିଲ୍‌ରେ ମିଳିବ ଏଣିକି ହ୍ୱାଟ୍‌ସଆପ୍ ସେବା






କେନ୍ଦୁଝର/ଦୁରୁମୁଙ୍ଗା, ୫।୨(ସମିସ):

ଏଣିକି ଜନସାଧାରଣ ହ୍ୱାଟ୍‌ସଆପ୍ ନଂ-୯୪୩୭୨୯୨୦୦୦ ଜରିଆରେ ମ୍ୟୁଟେସନ କେସ୍, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜନଜାତି ପ୍ରମାଣପତ୍ର, ଓବିସି ପ୍ରମାଣପତ୍ର, ଏସ୍‌ଇବିସି ପ୍ରମାଣପତ୍ର, ଲିଗାଲ୍ ହେୟାର ପ୍ରମାଣପତ୍ର, ଇନ୍‌କମ୍ ଆଣ୍ଡ ଆସେଟ୍ ପ୍ରମାଣପତ୍ର, ଗାର୍ଡିଆନ୍‌ସିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବା ପାଇବା ସହ ଦରଖାସ୍ତ କରିପାରିବେ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରେ ନୂତନ ଭାବେ ପାଞ୍ଚଟି ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ପାଟଣା, ସାହାରପଡ଼ା, ଝୁମ୍ପୁରା, ବାଂଶପାଳ ଓ ହରିଚନ୍ଦନପୁରଠାରେ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଓସ୍ୱାନ ହଲଠାରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଜିଲ୍ଲା ନିବନ୍ଧକ ଗଜାନନ ପ୍ରଧାନ ଓ ଜିଲ୍ଲାର ସମସ୍ତ ତହସିଲଦାର ଓ ରାଜସ୍ୱ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ। ଏଥିସହ ବିଧାୟକ ତେଲକୋଇ ଡ ଫକିର ମୋହନ ନାଏକ ବାଂଶପାଳଠାରେ ନୂତନ ଭାବେ ଉଦ୍‌ଘାଟିତ ଉପନିବନ୍ଧନ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ପାଟଣା ବ୍ଲକ ଓସ୍ୱାନ କକ୍ଷଠାରେ ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ ଓ ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ଅତିରିକ୍ତ ତହସିଲଦାର ସରଣ ଜେନା, ରବିଶଙ୍କର ହେମ୍ବ୍ରମ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ରାଜସ୍ୱ ପରିଦର୍ଶକ ବନମାଳି ନାୟକ, ସବରେଜିଷ୍ଟ୍ରାର କାର୍ଯ୍ୟାଳୟର କର୍ମଚାରୀ ସୁନୀଲ କୁମାର ନାଏକ ଓ ଶିଶିର କୁମାର ନାଏକଙ୍କ ସହିତ ତହସିଲ ଅଞ୍ଚଳର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ କର୍ମଚାରୀମାନେ ସାମିଲ ଥିଲେ। ପାଟଣା ବ୍ଲକର ୧୫୪ ଟି ରାଜସ୍ୱ ଗ୍ରାମର ଲୋକମାନେ ବିଭିନ୍ନ ସେବା ପାଇପାରିବେ।

## ଆଜିର ରାଶିଫଳ

**ମେଷ:** ଆଜିଦିନଟି ଶୁଭଫଳ ପ୍ରଦାନ କରିବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ ।।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପାରିବାରିକ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ମିଥୁନ:** ଅଚାନକ ଖୁସି ଖବର ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** କର୍ମ ଚଞ୍ଚଳ ରହିବେ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିବେ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିପାରନ୍ତି ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜରୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ଧନୁ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଯୋଜନା ମୁତାବକ କାମ କଲେ ଭଲ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ବିଶେଷ କାର୍ଯ୍ୟରୁ ଲାଭ ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

## ଆଜିର ଇତିହାସ

- ୧୯୧୧- ଆମେରିକାର ଏରିଜୋନାରେ ପ୍ରଥମ ବୃଦ୍ଧାଶ୍ରମ ଖୋଲାଗଲା ।
- ୧୯୩୧- ମୋତିଲାଲ ନେହରୁଙ୍କ ଦେହାନ୍ତ ।
- ୧୯୫୮ - ମ୍ୟୁନିଖରେ ଏକ ବିମାନ ଦୁର୍ଘଟଣାରେ ୨୧ଲୋକଙ୍କ ପ୍ରାଣହାନି ।
- ୧୯୬୭- ଆଲ୍‌ବାନିଆରେ ବିପ୍ଳବ ଆରମ୍ଭ ।
- ୧୯୯୯- ଦେଶର ପ୍ରଥମ ପେସ୍‌ମେକର୍ ବ୍ୟାଙ୍କ କଲିକତାରେ ସ୍ଥାପିତ ହେଲା ।

## ପ୍ରିୟଙ୍କାଙ୍କ ସର୍ତ୍ତ




ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ଏସ୍. ଏସ୍ ରାଜମୌଳିଙ୍କ ‘ ବାରାଣସୀ’ । ଏଥିରେ ଲିଡ୍ ରୋଲରେ ପ୍ରିୟଙ୍କା ଚୋପ୍ରା, ମହେଶ ବାବୁ, ପୃଥ୍ୱୀରାଜ୍ ସୁକୁମାରନ୍ ନଜର ଆସିବେ । ପ୍ରିୟଙ୍କା ଏହି ଫିଲ୍ମ ଜରିଆରେ ସାତ ବର୍ଷ ପରେ ବଲିଉଡ୍‌କୁ ଫେରୁଛନ୍ତି । ତେବେ ରାଜମୌଳିଙ୍କ ଫିଲ୍ମ ପାଇଁ ହଁ କହିବା ପୂର୍ବରୁ ପ୍ରିୟଙ୍କା ତାଙ୍କ ସମ୍ମୁଖରେ ଏକ ସର୍ତ୍ତ ରଖିଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ କହିଛନ୍ତି । ପ୍ରିୟଙ୍କା କହିଛନ୍ତି ଯେ,‘ ମୁଁ ଦୀର୍ଘ ଛଅ ବର୍ଷ ଧରି କୌଣସି ବଲିଉଡ୍ ଫିଲ୍ମ କରି ନଥିଲି । ରାଜମୌଳି ମତେ ଏହି ଫିଲ୍ମ ଅଫର୍ ଦେଇ କହିଥିଲେ, ଏଥିରେ ନାୟିକାଙ୍କର ବେଶ୍ କୁଲ୍ ଅନ୍ଦାଜ ରହିବ । ତମକୁ ଏହାକୁ କରିବାକୁ ପଡ଼ିବ । ପ୍ରତିବଦଳରେ ମୁଁ ରାଜମୌଳିଙ୍କ ପାଖରେ ଏକ ସର୍ତ୍ତ ରଖିଥିଲି । ମୋତେ ଏହି ଫିଲ୍ମରେ ନୃତ୍ୟ କରିବାକୁ ଦେବେ । କାରଣ ଦୀର୍ଘଦିନ ହେଲାଣି ମୁଁ ଫିଲ୍ମରେ ନାଚି ନାହିଁ । ତେବେ ମତେ ଏକଥା ରାଜମୌଳିଙ୍କୁ ପଚାରିବାର ହିଁ ନ ଥିଲା । କାରଣ ଫିଲ୍ମରେ ପୂର୍ବରୁ ହିଁ ନାଚ ରଖାଯାଇଥିଲା ।’ ପ୍ରିୟଙ୍କାଙ୍କ କଥା ଉପରେ ମହେଶବାବୁ ପ୍ରତିକ୍ରିୟା ଦେଇ କହିଛନ୍ତି, ‘ ଏହା ତମ ପାଇଁ ହେଲା । ତମ ପାଇଁ ମୋତେ ମଧ୍ୟ ନାଚିବାକୁ ପଡ଼ିଲା ।’ ‘ବାରାଣସୀ’ ଏକ ଆକ୍ସନ୍ ଆଡଭେଞ୍ଚର ଫିଲ୍ମ । ଏହା ଏପ୍ରିଲ୍ ୨୦୨୭ରେ ପରଦାକୁ ଆସିବ ।

## ପରିଚାରିକାଙ୍କ ପାଇଁ ଚ୍ୟାଲେଞ୍ଜ



କାନାଡାରେ କାମ କରୁଥିବା ଡେଭନ ନାମ୍ନୀ ଯୁବତୀ ସାମାଜିକ ଗଣମାଧ୍ୟମରେ ଏମିତି କିଛି କଥା ସେୟାର୍ କରିଛନ୍ତି, ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ତା’ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଡେଭନ ଜଣଙ୍କ ଘରେ ପରିଚାରିକା କାମ କରୁଥିଲେ । ଦିନେ ସେ ଯେତେବେଳେ ନିଜ କାମରେ ପହଞ୍ଚିଲେ, ତାଙ୍କୁ ଘର ମାଲିକ ଲେଖିଥିବା ଏକ ଚିଠି ମିଳିଲା । ସେଥିରେ ଲେଖାଥିଲା, “ଆମ ଘରର ପରିଚାରିକାଙ୍କ ପାଇଁ ଆମେ ଅଲଗା ଅଲଗା ସ୍ଥାନରେ ପ୍ଲାଷ୍ଟିକ୍ ବତକ ଲୁଚାଇଛୁ । ଆମେ ଦେଖିବାକୁ ଚାହୁଁଛୁ ସେ ଘରର ବିଭିନ୍ନ ସ୍ଥାନକୁ ଭଲ ଭାବେ ସଫା କରୁଛି କି ନାହିଁ । ଦିନ ଶେଷ ହେବା ପର୍ଯ୍ୟନ୍ତ ଏହି ବତକଗୁଡ଼ିକୁ ଖୋଜି ତାହାକୁ କାଚ ପାତ୍ରରେ ରଖିବାକୁ ହେବ ।” ସେହିପରି ଏହି ବତକଗୁଡ଼ିକ ଫୁଲକୁଣ୍ଡଠାରୁ ଆରମ୍ଭ କରି ଚୌକି ଗୋଡ଼ରେ ଲୁଚେଇ ରଖାଯାଇଥିଲା । ଡେଭନ କିଛି ସମୟ ପର୍ଯ୍ୟନ୍ତ ଏହି ଖେଳ ଖେଳିଲେ ଏବଂ ତାଙ୍କୁ ୭ ୬ଟି ବତକ ମିଳିଯାଇଥିଲା । ଅବଶ୍ୟ ଏହା ପରେ ସେ ଖେଳକୁ ଅଧାରୁ ଛାଡ଼ି ଘରକୁ ଯିବା ନିଷ୍ପତ୍ତି ନେଲେ । କେବଳ ସେତିକି ନୁହେଁ, ସେ ମଧ୍ୟ ତାଙ୍କ ମାଲିକଙ୍କୁ ଏକ ଚିଠି ଲେଖିଲେ । ଡେଭନ ଲେଖିଥିଲେ ଯେ, “ଆପଣଙ୍କ ଚିଠି ଏବଂ ବତକକୁ ଖୋଜିବା ପରେ ମୁଁ ଏଠାରେ ଆଉ କାମ କରିବାକୁ ଚାହୁଁନି । ଏଠାକୁ ମୁଁ କାମ କରିବାକୁ ଆସିଥିଲି । ମୁଁ ମୋ ଦକ୍ଷତାର ପ୍ରମାଣ ଦେବାକୁ ଆସି ନ ଥିଲି । ଆପଣଙ୍କ ଘରକାମ ପାଇଁ ଅନ୍ୟ କାହାକୁ ଖୋଜି ନେବା ଉଚିତ ।” ଅନ୍ୟପଟେ ଏହି ଘଟଣାକୁ ନେଇ ମାଲିକ ଜଣକ ଡେଭନଙ୍କୁ କ୍ଷମା ବି ମାଗିଲେ ନାହିଁ । ହେଲେ ନିଜ ଭୁଲକୁ ଲୁଚାଇବାକୁ ଯାଇ ସେ ମଜାଥଚ୍ଛା ଉଦ୍ଦେଶ୍ୟରେ ଏପରି କରିଥିବା କହିଥିଲେ । ତେବେ ଲୋକେ ଏହି ଘଟଣା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।


## ହୃଦ୍‌ରୋଗୀଙ୍କ ଲାଗି ଉପକାରୀ ସୂର୍ଯ୍ୟାଲୋକ



ଅବ୍ୟବସ୍ଥିତ ଜୀବନଶୈଳୀ, ଅବସାଦ, ଖାଦ୍ୟ ପାନୀୟରେ ଅନିୟମିତତା ଏବଂ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁଁ ପ୍ରତିବର୍ଷ ହୃଦ୍‌ଘାତ ମାମଲା ବଢ଼ିଚାଲିଛି । ପ୍ରତିବର୍ଷ ଲକ୍ଷାଧିକ ଭାରତୀୟ ହୃଦ୍‌ଘାତର ଶିକାର ହେଉଥିବାବେଳେ ଅନେକ ଏଥିଯୋଗୁଁ ପ୍ରାଣ ମଧ୍ୟ ହରାଉଛନ୍ତି । ଏଭଳି ସ୍ଥିତିରେ ଦିଲ୍ଲୀ ଏମ୍ସର ଏକ ନୂଆ ଗବେଷଣା, ହୃଦ୍‌ଘାତ ରୋଗୀଙ୍କ ଲାଗି ଏକ ନୂଆ ଆଶା ସଞ୍ଚାର କରିଛି । ଗବେଷଣା ଅନୁସାରେ, ନିତିଦିନ ୩୦ ମିନିଟ୍ ସୂର୍ଯ୍ୟାଲୋକରେ ସମୟ ଅତିବାହିତ କରିବା ଦ୍ୱାରା ହୃଦ୍‌ଘାତ ଶିକାର ହୋଇଥିବା ରୋଗୀଙ୍କ ସୁସ୍ଥତା, ନିଦ୍ରା ଏବଂ ମନୋଭାବରେ ଉନ୍ନତି ଆସିଥାଏ । ଏମ୍ସର ଏହି ଗବେଷଣା ୨୦୨୩ ନଭେମ୍ବରରୁ ୨୦୨୫ ଏପ୍ରିଲ ମଧ୍ୟରେ କରାଯାଇଥିଲା । ଗବେଷଣାରେ ଦେଖାଯାଇଥିଲା ଯେ, ହୃଦ୍‌ଘାତ ଶିକାର ହୋଇଥିବା ଯେଉଁ ରୋଗୀମାନେ ନିୟମିତ ଚିକିତ୍ସା ଓ ଫିଜିଓଥେରାପି ସହିତ ସୂର୍ଯ୍ୟାଲୋକରେ କିଛି ସମୟ ଅତିବାହିତ କରୁଥିଲେ, ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ କେବଳ ଚିକିତ୍ସା ହେଉଥିବା ରୋଗୀଙ୍କ ଅପେକ୍ଷା ଉନ୍ନତି ପରିଲକ୍ଷିତ ହୋଇଥିଲା । ଉକ୍ତ ଗବେଷଣାରେ ୧୮ ରୁ ୮୦ ବର୍ଷୀୟ ହୃଦ୍‌ଘାତ ରୋଗୀଙ୍କୁ ସାମିଲ କରାଯାଇଥିଲା । ତେବେ ୨୦୦ରୁ ଅଧିକ ରୋଗୀଙ୍କ ସ୍କ୍ରିନିଂ ପରେ ୪୦ ରୋଗୀଙ୍କୁ ଚୟନ କରାଯାଇ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଗଲା । ପ୍ରଥମ ଗ୍ରୁପ୍‌କୁ ଚିକିତ୍ସା କରାଯାଇଥିଲା ଏବଂ ଅନ୍ୟ ଏକ ଗ୍ରୁପ୍‌କୁ ସାଧାରଣ ଚିକିତ୍ସା ସହ ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ସୂର୍ଯ୍ୟାଲୋକରେ ବସିବାକୁ କୁହାଯାଇଥିଲା । ଗବେଷଣା ଅନୁସାରେ, ସୂର୍ଯ୍ୟାଲୋକ ଥେରାପି ନେଇଥିବା ରୋଗୀଙ୍କଠାରେ ନିଦର ଗୁଣବତ୍ତା ଉତ୍ତମ ଥିଲା । କେବଳ ସେତିକି ନୁହେଁ ସେମାନଙ୍କ ମାନସିକ ସ୍ଥିତିରେ ବି ସୁଧାର ଆସିଥିଲା । ନିତିଦିନ କାମରେ ବି ସେମାନଙ୍କର ଆତ୍ମନିର୍ଭରତା ବୃଦ୍ଧି ପାଇଲା । ଅନ୍ୟପକ୍ଷରେ ବିଶେଷଜ୍ଞଙ୍କ କହିବା କଥା, ସୂର୍ଯ୍ୟାଲୋକ ଶରୀରର ଜୈବିକ ଘଡ଼ିକୁ ଠିକ୍ କରିବା ସହ ଶରୀରରେ ଭିଟାମିନ୍-ଡି ବୃଦ୍ଧିରେ ସାହାଯ୍ୟ କରେ । ଏହା ହୃଦ୍‌ଘାତ ପରେ ସୁସ୍ଥ ହେବା ପାଇଁ ପ୍ରଭାବିତ ବୋଲି କୁହାଯାଉଛି ।

## ସଞ୍ଜୀବନୀ


## ରକ୍ତ ଶର୍କରା ପରୀକ୍ଷା ପାଇଁ ବିକଳ୍ପ



ମଧୁମେହ ନିୟନ୍ତ୍ରଣରେ ରଖିବାକୁ ରକ୍ତ ଶର୍କରା ପରୀକ୍ଷା କରାଯାଏ । ଏହି ପରୀକ୍ଷା ପାଇଁ ଶରୀରରୁ ରକ୍ତ ନିଆଯାଏ । ହେଲେ ଏବେ ନୂତନ ସେନ୍‌ସର ରକ୍ତ ଶର୍କରା ପରୀକ୍ଷା କରିବ । ଏହା ୭ରୁ ୧୫ ଦିନ ରକ୍ତ ଶର୍କରାସ୍ତରକୁ ନଜର ରଖି ପ୍ରତି ମିନିଟ୍‌ରେ ମୋବାଇଲରେ ଅପଡେଟ ଦେବ । ନିରନ୍ତର ଶର୍କରା ନିରୀକ୍ଷଣ (ସିଜିଏମ୍) କୌଶଳଟି ଅଧିକ ସମୟ କାମ କରିବ । ତେବେ ଏହାକୁ ବାହୁ ପଛପଟେ ଲଗାଯାଏ । ଏହା ହାଲୁକା ଏବଂ ଆରାମ ଦାୟକ । ସେନ୍‌ସର ବ୍ଲୁଟୁଥ୍ ଜରିଆରେ ପ୍ରତି ମିନିଟ୍‌ରେ ରକ୍ତ ଶର୍କରା ସ୍ତରକୁ ରୋଗୀଙ୍କ ମୋବାଇଲକୁ ପଠାଇଥାଏ । ସେନ୍‌ସରରେ ଉଚ୍ଚ ଏବଂ ନିମ୍ନ ଶର୍କରା ପାଇଁ ଏକ ଆଲର୍ଟ ସୁବିଧା ରହିଛି । ଶର୍କରା ସ୍ତର ଅଚାନକ ହ୍ରାସ ବା ବୃଦ୍ଧି ପାଇଲେ, ମୋବାଇଲକୁ ମେସେଜ୍ ଯାଏ । ଇନସୁଲିନ୍ ନେଉଥିବା ବ୍ୟକ୍ତି, ଟାଇପ୍-୧ ଏବଂ ଟାଇପ୍-୨ ମଧୁମେହ ପୀଡ଼ିତଙ୍କ ପାଇଁ ଏହା ଉପଯୋଗୀ ।

## କର୍ମଜୀବୀ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା

**କର୍ମଜୀବୀ ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏହା ସେମାନଙ୍କ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରେ । ଏହି ସମସ୍ୟାଗୁଡ଼ିକ ମୁଖ୍ୟତଃ ଶାରୀରିକ ଏବଂ ମାନସିକସ୍ତରରେ ଦେଖାଯାଏ । ତନ୍ମଧ୍ୟରୁ ପ୍ରମୁଖ ସମସ୍ୟା ହେଉଛି ସନ୍ତାନହୀନତା । ତେଣୁ ଏହି ସମସ୍ୟାର କାରଣ ଓ ନିରାକରଣ ବିଷୟରେ ଜାଣିବା ।**



କର୍ମଜୀବୀ ମହିଳାଙ୍କ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯଥା -ରକ୍ତହୀନତା, ଚାପ, ପ୍ରଜନନ ସ୍ୱାସ୍ଥ୍ୟ ସମସ୍ୟା (ଅନିୟମିତ ଋତୁସ୍ରାବ, ପିସିଓଡ଼ି ଏବଂ ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ) ପୋଷଣ ଅଭାବ, ଆଖି ଏବଂ ଚର୍ମ ସମସ୍ୟା ଦେଖାଯାଏ । ତେବେ ସନ୍ତାନହୀନତାର ମୁଖ୍ୟ କାରଣ ହେଉଛି:-

**ଅଧିକ ବୟସରେ ବିବାହ:** କ୍ୟାରିୟର ଚକ୍କରରେ ଅନେକ ବିଳମ୍ବରେ ବିବାହ କରୁଛନ୍ତି । ମହିଳାଙ୍କର ଗର୍ଭଧାରଣର କ୍ଷମତା ୨୧ରୁ ୨୯ ବର୍ଷ ମଧ୍ୟରେ ଅଧିକ ଥାଏ । ୩୦ବର୍ଷରୁ ଅଧିକ ହେଲେ ଡିମ୍ବାଣୁର ଗୁଣବତ୍ତା ହ୍ରାସ ପାଏ । ଗର୍ଭଧାରଣର କ୍ଷମତା କମିଯାଏ ।

**କାର୍ଯ୍ୟସ୍ଥଳରେ ଚାପ ଓ ଖରାପ ଜୀବନଶୈଳୀ:** ଚାପ ଏବଂ ଚିନ୍ତା ହରମୋନ୍ ସନ୍ତୁଳନକୁ ବିଗାଡ଼େ । ଏହା ଡିମ୍ବାଣୁ ଗୁଣବତ୍ତାକୁ ପ୍ରଭାବିତ କରେ । ବ୍ୟାୟାମ ନ କରିବା, ଅନିଦ୍ରା ଏବଂ ଖାଦ୍ୟପେୟରେ ଅନିୟମିତତା ଡିମ୍ବାଣୁର ଗୁଣବତ୍ତାକୁ ମଧ୍ୟ ପ୍ରଭାବିତ କରେ ।

**ବିଳମ୍ବିତ ଗର୍ଭଧାରଣ:** କ୍ୟାରିୟର ପାଇଁ ପିଲା ଜନ୍ମକୁ ପଛକୁ ଘୁଞ୍ଚାଇବା ଦ୍ୱାରା ଯେତେବେଳେ ଗର୍ଭ ଦରକାର ଦମ୍ପତିମାନେ ଗର୍ଭଧାରଣ କରିପାରନ୍ତି ନାହିଁ ।

**ସମସ୍ୟାର ସମାଧାନ**

ସଠିକ ସମୟରେ ବିବାହ ଜରୁରି । ବିବାହର ୬ମାସରୁ ବର୍ଷକ ମଧ୍ୟରେ ଇନ୍‌ଫର୍ଟିଲିଟି ଇଭାଲ୍ୟୁସେନ କରିବା ଉଚିତ । ଯୋଗ, ଧ୍ୟାନ କରିବା ଦ୍ୱାରା ଋତୁସ୍ରାବ ନିୟମିତ ହୋଇ ଗର୍ଭଧାରଣରେ ସହାୟକ ହୁଏ ଓ ଚିନ୍ତା ହ୍ରାସ ପାଏ । ଡିମ୍ବାଣୁର ଭଲ ସ୍ୱାସ୍ଥ୍ୟ ପାଇଁ ସବୁଜ ପରିବା ଏବଂ ସନ୍ତୁଳିତ ଖାଦ୍ୟ ଆବଶ୍ୟକ । ଓଜନ ନିୟନ୍ତ୍ରଣ ପାଇଁ ବ୍ୟାୟାମ କରିବା ଉଚିତ । ବର୍ଷକୁ ଥରେ ଡାକ୍ତରଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ । ଜୀବନଶୈଳୀରେ ପରିବର୍ତ୍ତନ ଚିନ୍ତାରୁ ମୁକ୍ତି ଦିଏ ।

**ଆଇୟୁଆଇ ଏବଂ ଏଗ୍ ଫ୍ରିଜିଂ:** ଯେଉଁ ମହିଳାମାନେ ସମୟରେ ସ୍ୱାମୀ ସହ ସହବାସ କରିପାରୁ ନାହାନ୍ତି ସେମାନେ ଇଣ୍ଟ୍ରାୟୁଟେରିନ୍ ଇନ୍‌ସେମିନେସନ୍ କରାଇବା ଉଚିତ । ବିଳମ୍ବରେ ବିବାହ କରୁଥିବା ମହିଳାଙ୍କ ପାଇଁ ବର୍ତ୍ତମାନ ଆଇଭିଏଫ୍ ସେଣ୍ଟରମାନଙ୍କରେ ଏଗ୍ ଫ୍ରିଜିଂର ସୁବିଧା ମଧ୍ୟ ଅଛି ।

- ଡା.ଦେବେନ୍ଦ୍ର କୁମାର ନାଏକ
ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ
ଭୀମଭୋଇ ମେଡିକାଲ କଲେଜ, ବଲାଙ୍ଗୀର

## ଆୟୁର୍ବେଦରେ ପାନମଧୁରି

**ପାନମଧୁରି କଟୁ, ତିକ୍ତ ଓ ମଧୁର ରସଯୁକ୍ତ, ରୁଚିକର, ଶୁକ୍ରଜନକ, ଦାହନାଶକ ଓ ମୁଖଶୋଷ ନିବାରକ ଅଟେ । ଏହା ଅର୍ଶ , କାଶ, ବାନ୍ତି, ଅଗ୍ନିମାନ୍ଦ୍ୟ ଆଦିରେ ବ୍ୟବହାର କରାଯାଇଥାଏ ।**



- ପାନମଧୁରି ୨ ଗ୍ରାମ, ମେଥି ୨ ଗ୍ରାମ, ଜୀରା ୨ ଗ୍ରାମ, ଜୁଆଣୀ ୨ଗ୍ରାମ୍,ଧଣିଆ ୨ ଗ୍ରାମ୍‌କୁ ୨୦୦ ମିଲି ପାଣିରେ ବତୁରାଇ ୧୨ ଘଣ୍ଟା ପରେ ଛାଣି ୫୦ରୁ ୧୦୦ ମିଲି ମାତ୍ରାରେ ପାନ କଲେ, ଅମ୍ଳଦୋଷ, ଅଗ୍ନିମାନ୍ଦ୍ୟ ଆଦିରେ ଉପକାର ହୋଇଥାଏ ।
- ପାନମଧୁରିକୁ ହାଲୁକା ଭାଜି, ଚୂର୍ଣ୍ଣ କରି ସେହି ଚୂର୍ଣ୍ଣରୁ ଏକଗ୍ରାମରୁ ତିନିଗ୍ରାମ ମାତ୍ରାରେ ଦୁଇବେଳା ସେବନ କଲେ ଅଜୀର୍ଣ୍ଣ ଓ କୋଷ୍ଠକାଠିନ୍ୟରେ ଉପକାର ହୁଏ ।
- ପାନମଧୁରି ଚୂର୍ଣ୍ଣ ୨ ଗ୍ରାମ୍, ଶୁଣ୍ଠି ଚୂର୍ଣ୍ଣ ୧ ଗ୍ରାମ, ଗୁଡ ୩ ଗ୍ରାମ ମିଶାଇ ଦୁଇବେଳା ଖାଇ ଉଷୁମ ପାଣି ପିଇଲେ, ଗ୍ରହଣୀ ରୋଗର ଉପକାର ହୁଏ ।

- ଡାକ୍ତର ପ୍ରଦୀପ କୁମାର ମିଶ୍ର
ଆୟୁର୍ବେଦ ଚିକିତ୍ସକ, ମାଛରଙ୍କା, ସିଂଲା, ବାଲେଶ୍ୱର

## ଔଷଧରୁ ଦୂର ହେବ ଆଣ୍ଠୁଗଣ୍ଠି ଯନ୍ତ୍ରଣା

ବୟସ ବଢ଼ିଲେ ମନୁଷ୍ୟ ଶରୀରର ହାଡ଼ ଦୁର୍ବଳ ହୋଇଥାଏ । କାର୍ଯ୍ୟଚାପ କି ଅନ୍ୟାନ୍ୟ କାରଣରୁ ଆଣ୍ଠୁ ଗଣ୍ଠି ବିନ୍ଧା ହୁଏ । ଆଣ୍ଠୁରୁ କାର୍ଟିଲେଜ ଘୋରି ହୋଇଗଲେ କିମ୍ବା ଭାଙ୍ଗିଗଲେ ଆଣ୍ଠୁ ଯନ୍ତ୍ରଣା ସମସ୍ୟା ମଧ୍ୟ ଦେଖାଯାଏ । ଏହା ଏକ ବୟସାଧିକ ରୋଗ । ଏବେ କିନ୍ତୁ କମ୍ ବୟସରୁ ଅନେକ ଏଥିରେ ପୀଡ଼ିତ ହେଉଛନ୍ତି । ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ପାଇଁ କେତେକ କ୍ଷେତ୍ରରେ ଆଣ୍ଠୁ ପ୍ରତିରୋପଣ କରାଯାଇଥାଏ । ହେଲେ ଏବେ ଷ୍ଟାନ୍‌ଫୋର୍ଡର ବୈଜ୍ଞାନିକଙ୍କ ଦ୍ୱାରା ତିଆରି ନୂତନ ଔଷଧଟି କାର୍ଟିଲେଜକୁ ପୁଣି ସତେଜ କରିପାରିବ । ଏହି ଔଷଧଟି ୧୫-ପିଜିଡିଏଚ୍ ନାମକ ପ୍ରୋଟିନକୁ ବ୍ଲକ୍ କରିଥାଏ । ବୟସ ସହିତ ଏହି ପ୍ରୋଟିନ୍ ବଢ଼ିଥାଏ ଏବଂ ଶରୀରରେ ଏକ ଜରୁରିତତ୍ତ୍ୱ ପ୍ରୋଷ୍ଟାଗ୍ଲାଣ୍ଡିନ ଇ୨କୁ ଭାଙ୍ଗି ଦିଏ । ପ୍ରୋଷ୍ଟାଗ୍ଲାଣ୍ଡିନ ଇ୨ ସାଧାରଣତଃ ଆଣ୍ଠୁ ଯନ୍ତ୍ରଣାକୁ ବଢ଼ାଏ । ତେଣୁ ଏହା ନଷ୍ଟ ହେଲେ ଯନ୍ତ୍ରଣା କମିବା ସହ କାର୍ଟିଲେଜ ତିଆରି ହୋଇଥାଏ । ଏନେଇ ବୈଜ୍ଞାନିକମାନେ ପ୍ରଥମେ କିଛି ମୂଷାଙ୍କ ଉପରେ ଗବେଷଣା କରିଥିଲେ । ଏହା ଷ୍ଟେମସେଲ୍‌କୁ ଉପଯୋଗ କରି ମୂଷା ଆଣ୍ଠୁରେ ନୂଆ କାର୍ଟିଲେଜ ତିଆରି ହୋଇଥିବା ବୈଜ୍ଞାନିକମାନେ ଦେଖିବାକୁ ପାଇଲେ । ପରେ ମନୁଷ୍ୟଙ୍କ ଉପରେ ମଧ୍ୟ ଏହି ଔଷଧ ପରୀକ୍ଷଣ କରାଯାଉଛି । ଏହି ଔଷଧଟି ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ସହ ଆଣ୍ଠୁ ଫୁଲା ସମସ୍ୟାରୁ ମୁକ୍ତି ଦେବ । ଔଷଧ ପ୍ରୟୋଗ ସମ୍ପୂର୍ଣ୍ଣ ସଫଳ ହେଲେ ଆଣ୍ଠୁଗଣ୍ଠି ସର୍ଜରୀର ଆବଶ୍ୟକତା କମ୍ ପଡ଼ିପାରେ ।

## ‘ସକାଳ’ର ସ୍ୱାସ୍ଥ୍ୟ

## ଚର୍ମ ଶୁଷ୍କତା ଓ ପ୍ରତିକାର


**ଶୀତଦିନେ ଚର୍ମ ଶୁଷ୍କତା ବଢ଼ି ଏକ୍‌ଜିମା ହୋଇଯାଏ । ଚର୍ମ କୁଣ୍ଡାଇ ହୋଇ ସେଥିରୁ ରକ୍ତ ବାହାରେ । ଆଉ ଦୀର୍ଘ ଦିନ ଧରି ରହି ଏହା ଇନର ସ୍କିନ୍ ଏକ୍‌ଜିମାରେ ପରିଣତ ହୁଏ । ବିଶେଷ କରି ପିଲା ଏବଂ ବୟସ୍କଙ୍କଠାରେ ଏହା ଅଧିକ ଦେଖାଯାଏ ।**

- ନଡ଼ିଆ ତେଲକୁ ହାଲୁକା ଉଷୁମ କରି ଦିନକୁ ୩ ରୁ ୪ ଥର ଲଗାଇଲେ ଉପଶମ ମିଳିଥାଏ । ଗାଧୋଇବା ପୂର୍ବରୁ ଏବଂ ଗାଧୋଇବାର ଦୁଇ ମିନିଟ୍ ପରେ, ଉଷୁମ ନଡ଼ିଆ ତେଲକୁ ଭଲ ଭାବେ ଚର୍ମରେ ମାଲିସ କରି ଲଗାଇବା ଉଚିତ । ଡାକ୍ତରଙ୍କ ପରାମର୍ଶ କରି ଉପଯୁକ୍ତ ଔଷଧ ଓ ମଏଶ୍ଚରାଇଜର କ୍ରିମ୍ ଲଗାଇ ପାରିବେ । ଶୁଷ୍କ ଚର୍ମରେ ସାବୁନ ଲଗାଇବା ଅନୁଚିତ ।
- ଗାଧୋଇବାର ଅଧଘଣ୍ଟା ପୂର୍ବରୁ କଞ୍ଚା ଗାଈ କ୍ଷୀର ଲଗାଇ ଉଷୁମ ପାଣିରେ ସ୍ନାନ, ଘି-କୁଆଁରୀ ରସରେ ମହୁ ମିଶାଇ ଲଗାଇ ଉଷୁମ ପାଣିରେ ସ୍ନାନ ହିତକର । ତୁଳସୀ ପତ୍ରରସରେ ସୈନ୍ଧବଲବଣ ମିଶାଇ ରୋଗାକ୍ରାନ୍ତ ଚର୍ମରେ ଲଗାଇଲେ ଉପକାର ହୁଏ ।



## ଟି-୨୦ ବିଶ୍ୱକପ୍ ଅପଡେଟ୍

# କଲମ୍ବୋ ଯିବ ଭାରତ



ମୁମ୍ବଇ, ୫ ।୨ (ଏଜେନ୍ସି): କଲମ୍ବୋରେ ଫେବୃଆରୀ ୧୫ ତାରିଖ ଭାରତ ସହ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ମ୍ୟାଚ୍‌କୁ ବୟକଟ କରିଛି । ସମସ୍ତଙ୍କ ଚେଷ୍ଟା ସତ୍ତ୍ୱେ ପାକିସ୍ତାନ ସରକାର ବୟକଟ୍ ଘୋଷଣା କରିବାର ସପ୍ତାହେ ପାଖାପାଖି ହେଲାଣି, କିନ୍ତୁ କେହି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି । କେବଳ ଆଲୋଚନା ଓ ପାକିସ୍ତାନ ନ ଖେଳିଲେ, ତାହା ଉପରେ କି ପ୍ରକାର ଆର୍ଥିକ କ୍ଷତି ହେବ ତାହା ଦର୍ଶାଯାଉଛି । ଏ ସମ୍ପର୍କରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ କହିବା ଅନୁଯାୟୀ, ପାକିସ୍ତାନ ଖେଲୁ ନଖେଲୁ ଆମେ କଲମ୍ବୋ ଯିବୁ । ଆମର ଟିକଟ ବୁକ୍ ହୋଇସାରିଛି, ଆମେ ଯିବୁ ବୋଲି ସୂର୍ଯ୍ୟକୁମାର କହିଛନ୍ତି । ବାଂଲାଦେଶକୁ ସମର୍ଥନ କରି ପ୍ରଥମେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ଓ ପରେ ଏବେ ଭାରତ ସହ ନ ଖେଳିବାକୁ ଧମକ ଦେଇଛି ।

# ସରକାରଙ୍କ ନିଷ୍ପତ୍ତି, ଆମର କିଛି କରିବାର ନାହିଁ: ଆଘା



କଲମ୍ବୋ, ୫ ।୨ (ଏଜେନ୍ସି): ଭାରତ ସହ ଟି-୨୦ ବିଶ୍ୱକପ୍ ନ ଖେଳିବାକୁ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ଆମ ନିୟନ୍ତ୍ରଣରେ ନାହିଁ । ଆମେ ଏହି ନିଷ୍ପତ୍ତିକୁ ସମ୍ମାନ ଦେଉଛୁ । ସରକାର ଯାହା ନିଷ୍ପତ୍ତି ନେବେ ତାହା ଆମେ ମାନିବାକୁ ବାଧ୍ୟ । ଭାରତ ସହ ସେମିଫାଇନାଲରେ କିମ୍ବା ଫାଇନାଲରେ ପ୍ରବେଶ କଲେ କଲେ ଆମେ ସରକାରଙ୍କ ନିକଟକୁ ଯିବୁ ଓ ସେଠାରୁ ଅନୁମତି ଆଣି ଖେଳିବୁ ବୋଲି ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ସଲମାନ ଅଲି ଆଘା କହିଛନ୍ତି ।

# ସୁନ୍ଦରଙ୍କୁ ନେଇ ସନ୍ଦେହ

ମୁମ୍ବଇ, ୫ ।୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ପୂର୍ବରୁ ଏକାଧିକ ଦଳର ପ୍ରମୁଖ ଖେଳାଳି ଆହତ ସମସ୍ୟାରେ ପଡ଼ିଛନ୍ତି । ଏମାନଙ୍କ ମଧ୍ୟରେ ଅଛନ୍ତି ଭାରତୀୟ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର । ନ୍ୟୁଜିଲାଣ୍ଡ ସହ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ସୁନ୍ଦର ଆହତ ହୋଇଥିଲେ । ଏହା ପରେ ତାଙ୍କୁ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଚିକିତ୍ସିତ ହେଉଥିଲେ । ଆଉ ୨ ଦିନ ପରେ ବିଶ୍ୱକପ୍ ଆରମ୍ଭ ହେବ । କିନ୍ତୁ ସୁନ୍ଦର ଫିଟ୍ ହେବା ନେଇ ସନ୍ଦେହ ରହିଛି । ଗତକାଲି ଦକ୍ଷିଣ ଆଫ୍ରିକା ସହ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ସୁନ୍ଦର ଖେଳି ନ ଥିଲେ । ଏଣୁ ସେ ଫିଟ ହୋଇ ନ ଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି । କିନ୍ତୁ ସେ ଦଳରେ ରହିଛନ୍ତି ।

# ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ଏଏମ୍‌ସି ଡ୍ରାଫ୍ଟ ବଜେଟରେ କ୍ରୀଡ଼ା ପାଇଁ ୪୩୦.୮୪ କୋଟି

ଅହମ୍ମଦାବାଦ, ୫ ।୨ (ଏଜେନ୍ସି): ଅହମ୍ମଦାବାଦ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ହାସଲ କରିଛି । ଏହି ମେଗା ଇଭେଣ୍ଟ ଆୟୋଜନକୁ ନଜରରେ ରଖି ଅହମ୍ମଦାବାଦ୍ ମ୍ୟୁନିସିପାଲ କର୍ପୋରେସନ (ଏଏମ୍‌ସି) ପ୍ରସ୍ତୁତି ଆରମ୍ଭ କରିଦେଇଛି । ଏଏମ୍‌ସି ୨୦୨୬-୨୭ ଡ୍ରାଫ୍ଟ ବଜେଟରେ କ୍ରୀଡ଼ାଭିତ୍ତିଭୂମି ପାଇଁ ୪୩୦.୮୪ କୋଟି ଟଙ୍କା ବ୍ୟୟବରାଦ କରିଛି । ଯେଉଁଥିରେ ୨୧୧.୮ କୋଟି ଟଙ୍କା ବ୍ୟୟରେ ୧୧ଟି ନୂଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସହ ୫ଟି ଜିମ୍ନାସିୟମ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ନିର୍ମାଣ ହେବାକୁ ଥିବା ୧୧ଟି କ୍ରୀଡ଼ା କମ୍ପ୍ଲେକ୍ସ ମଧ୍ୟରୁ ୬ଟି ବଡ଼ ଓ ୫ଟି କ୍ଷୁଦ୍ର କମ୍ପ୍ଲେକ୍ସ ରହିଛି । ସେହିଭଳି ସହରରେ ୩୫ଟି ଗ୍ରାଉଣ୍ଡ ତିଆରି ପାଇଁ ପ୍ରସ୍ତାବ ରହିଛି । କମନୱେଲଥ ପ୍ରସ୍ତୁତି ପ୍ରଣାଳୀ ସ୍ଥାପନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହାବାଦ୍ ଏଏମ୍‌ସି କ୍ରୀଡ଼ା ଭଲ୍ୟୁଣ୍ଟିୟର ପ୍ରୋଗ୍ରାମ ଲାଗି ୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

## ମହିଳା ପ୍ରିମିଅର ଲିଗ୍ ଫାଇନାଲ: ଦିଲ୍ଲୀର ଦମ୍‌ଦାର୍ ବ୍ୟାଟିଂ

# ଆର୍‌ସିବି ବିପକ୍ଷରେ ଜେମିମାଙ୍କ ଅର୍ଦ୍ଧଶତକ

ଭଦୋଦରା, ୫ ।୨ (ଏଜେନ୍ସି):



ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଫାଇନାଲ ମ୍ୟାଚ୍ ଗୁରୁବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । କୋଟାମ୍ବିର ବିସିଏ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଗ୍ରାଣ୍ଡଫାଇନାଲ ମ୍ୟାଚରେ ଟସ୍ ହାରି ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା । ଅଧିନାୟିକା ଜେମିମା ରୋଡ୍ରିଗ୍ସଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଦିଲ୍ଲୀ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୩ ରନର ବିଶାଳ ସ୍କୋର ସଂଗ୍ରହ କରିଥିଲା ।

ଆର୍‌ସିବି ଅଧିନାୟିକା ସ୍ମୃତି ମନ୍ଧାନା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ପାଇଁ ଦୁଇ ଇନଫର୍ମ ବ୍ୟାଟର୍ ଲିଜେଲ ଲି ଓ ଶେଫାଳି ବର୍ମା ଓପନିଂ ୱିକେଟ୍‌ରେ ୩୫ ବଲରୁ ୪୯ ରନ ସଂଗ୍ରହ କରି ଭଲ ଆରମ୍ଭ ଦେଇଥିଲେ । ୩ଟି ଚୌକା ସହ ୧୩ ବଲରୁ ୨୦ ରନ କରିଥିବାବେଳେ ଶେଫାଳିଙ୍କୁ ଆଉଟ୍ କରି ଅରୁନ୍ଧତୀ ରେଡ୍ଡୀ ଏହି ଯୋଡ଼ି ଭାଙ୍ଗିଥିଲେ । ଏହାପରେ ସାମାନ୍ୟ ଧୀମା ଖେଳୁଥିବା ଲି' ମଧ୍ୟ ୩୭ ରନ କରି ନାଦିନେ ଡି କ୍ଲେର୍କଙ୍କ ଶିକାର ବନିଥିଲେ । ୩୦ ବଲର ଏହି ପାଳିରେ ସେ ୩ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ୭୨ ରନରେ ଉଭୟ ଓପନର୍‌ଙ୍କୁ ହରାଇବା ପରେ ଅଧିନାୟିକା ଜେମିମା ରୋଡ୍ରିଗ୍ସ ଓ ଲୌରା ୱଲଭାର୍ଡଟ ସ୍ଥିତି ସମ୍ଭାଳିଥିଲେ । ଉଭୟ ତୃତୀୟ ୱିକେଟ୍‌ରେ ୫୧ ବଲରୁ ୭୬ ରନର ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ିଥିଲେ । ଫଳରେ ଦିଲ୍ଲୀ ଦେଢ଼ଶ ରନ ନିକଟତର ହୋଇଥିଲା । ଦଳୀୟ ସ୍କୋର ୧୪୮ ରନ ହୋଇଥିବାବେଳେ ଅଧିନାୟିକା ଜେମିମା ୫୭ ରନ କରି ଆଉଟ୍ ହୋଇଥିଲେ । ସାୟଲି ସତଘରେଙ୍କ ଲୋ-ଫୁଟଟେଜ ବଲ୍‌କୁ ବଡ଼ ସଟ୍ ମାରିବାକୁ ଯାଇ ଜେମିମା ସ୍କୋୟାର ଲେଗ୍‌ରେ କ୍ଲେର୍କଙ୍କ ହାତରେ ଧରାପଡ଼ିଥିଲେ । ୩୨ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ଜେମିମା ୩୭ ବଲରେ ୫୭ ରନ କରିଥିଲେ । ଏହି ପାଳିରେ ସେ ୮ଟି ଚୌକା ମାରିଥିଲେ । ଏହାପରେ ଶେଷ ଭାଗରେ ଲୌରାଙ୍କ ସହ ମିଶି ଚିନେଲୀ ହେନରୀ ବିସ୍ଫୋରକ ବ୍ୟାଟିଂ କରିବାରୁ ଦିଲ୍ଲୀ ୨୦୦ ରନ ଅତିକ୍ରମ କରିବାରେ ସଫଳ ହୋଇଥିଲା । ଲୌରା ୨୫ ବଲରେ ୪୪ ରନ କରି ଆଉଟ୍ ହୋଇଥିଲେ । ସେହିଭଳି ହେନରୀ ୧୫ଟି ବଲରେ ୩୫ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ବେଙ୍ଗାଲୁରୁ ପକ୍ଷରୁ ଅରୁନ୍ଧତୀ, ସାୟଲୀ ଓ କ୍ଲେର୍କ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି । ବେଙ୍ଗାଲୁରୁ ଯଦି ଏହି ମ୍ୟାଚରେ ବିଜୟୀ ହୁଏ ତେବେ ଦ୍ୱିତୀୟଥର ଲାଗି ଡବ୍ଲ୍ୟୁପିଏଲ୍ ଟାଇଟଲ୍ ଜିତିବ । ଦଳ ଏଥିପୂର୍ବରୁ ୨୦୨୪ରେ ଚାମ୍ପିଅନ ହୋଇଥିଲା । ସେହିଭଳି ଦିଲ୍ଲୀ ଏଥିପୂର୍ବରୁ କ୍ରମାଗତ ୩ଟି ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ସମସ୍ତଥର ରନର୍ସଅପ୍ ରହିଥିଲା ।

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ: ୨୦୩/୪, ୨୦ ଓଭର (ଲିଜେଲ ଲୀ- ୩୭, ଶେଫାଳି ବର୍ମା- ୨୦, ଲୌରା ଓଲଭାର୍ଟ- ୪୪ , ଜେମିମା ରୋଡ୍ରିଗ୍ସ- ୫୭, ଚିନେଲୀ ହେନରୀ- ଅପରାଜିତ ୩୫, ସାୟଲୀ- ୧/୪୬, ଅରୁନ୍ଧତୀ ରେଡ୍ଡୀ- ୧/୪୦, ନାଦିନେ ଡି କ୍ଲେର୍କ- ୧/୪୮) ।

## ଟି-୨୦ ବିଶ୍ୱକପ୍ ୱାର୍ମଅପ୍ | ଓମାନଙ୍କୁ ଜିତାଇଲେ ଜତିନ୍ଦର, ଜିତେନ

କଲମ୍ବୋ, ୫ ।୨ (ଏଜେନ୍ସି): ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ତଥା ଅଧିନାୟକ ଜତିନ୍ଦର ସିଂହଙ୍କ ଅର୍ଦ୍ଧଶତକ ଓ ଜିତେନ ରାମଚଣ୍ଡୀଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଏଠାରେ ଗୁରୁବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ୱାର୍ମ ଅପ୍ ମ୍ୟାଚ୍‌ରେ ଓମାନ ୪ ୱିକେଟରେ ଜିମ୍ବାୱେକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ବ୍ରିଆନ ବେନେଟଙ୍କ ୫୬ ଓ ତାସିଙ୍ଗା ମୁସେକିୱାଙ୍କ ଅପରାଜିତ ୫୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୭ ୱିକେଟରେ ୧୮୭ ରନ୍ କରିଥିଲା । ଜବାବରେ ଜତିନ୍ଦର ୩୩ ବଲ୍‌ରେ ୫୫ ଓ ହାମଦ ମିର୍ଜା ୩୫ ରନ୍ କରି ମୂଳଦୁଆ ପକାଇଥିଲେ । ଶେଷ ଭାଗରେ ଜିତେନ ରାମଚଣ୍ଡୀ ୧୮ ବଲ୍‌ରେ ଅପରାଜିତ ୩୪, କରଣ ସୋନାଭାଲେ ୧୪ ବଲ୍‌ରେ ୧୫ ଓ ବିନାୟକ ଶୁକ୍ଲା ୫ ବଲ୍‌ରେ ୧୦ ରନ୍‌ର ସହାୟତା ଦେବା ଫଳରେ ୪ଟି ବଲ ଓ ୪ଟି ୱିକେଟ ବାକିଥାଇ ଓମାନ ଏହି ମୁକାବିଲାକୁ ଜିତିନେଇଥିଲା ।

## କାନାଡାକୁ ହରାଇଲା ନେପାଳ

ଚେନ୍ନଇ, ୫ ।୨ (ଏଜେନ୍ସି): ଟି-୨୦ ବିଶ୍ୱକପର ଅନ୍ୟ ଏକ ମୁକାବିଲାରେ ନେପାଳ ୬ ୱିକେଟରେ ଦୀଲପ୍ରୀତ୍ ବାଜୱାଙ୍କ ନେତୃତ୍ୱରେ ଗଠିତ କାନାଡାକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କାନାଡା ୬ ୱିକେଟରେ ୧୬୧ ରନ୍ କରିଥିଲା । ଦଳ ପକ୍ଷରୁ ନବନୀତ ଧାଲିୱାଲ ସର୍ବାଧିକ ୪୧ ଓ ୱିକେଟକିପର ଶ୍ରେୟସ ମୋଭା ୩୮ ରନ୍ କରିଥିଲେ । ଜବାବରେ ନେପାଳ ୧୮ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲେ ।

## ଅଷ୍ଟ୍ରେଲିଆ-ନେଦରଲାଣ୍ଡସ ମ୍ୟାଚ୍ ବାତିଲ

କଲମ୍ବୋ, ୫ ।୨ (ଏଜେନ୍ସି): କ୍ରମାଗତ ବର୍ଷା ଓ ପରେ ଓଦା ପଡ଼ିଆ ଯୋଗୁଁ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ଟି ବାତିଲ କରିବାକୁ ପଡ଼ିଛି । ଏହି ଟୁର୍ଣ୍ଣାମେଣ୍ଟରେ ଆଘାତ ଜନିତ କାରଣରୁ କିଛି ଶ୍ରେଷ୍ଠ ଖେଳାଳି ଭାଗ ନେଇ ପାରି ନାହାନ୍ତି । ଫଳରେ ପାକିସ୍ତାନ ନିକଟରୁ ଦଳ ୩-୦ରେ ସିରିଜ୍ ହାରିଛି ।

### ସନ୍ତୋଷ ଟ୍ରଫି

## କେରଳ-ସର୍ଭିସେସ୍ ଫାଇନାଲ ଲଢ଼େଇ

ଗୌହାଟୀ, ୫ ।୨ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ସନ୍ତୋଷ ଟ୍ରଫି ୭୯ତମ ସଂସ୍କରଣର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି । ୨୦୨୩-୨୪ ସିଜନର ବିଜେତା ସର୍ଭିସେସ ଓ ଗତ ସଂସ୍କରଣର ଉପବିଜେତା କେରଳ ମଧ୍ୟରେ ରବିବାର ଗ୍ରାଣ୍ଡଫାଇନାଲ ଖେଳାଯିବ । ଗୁରୁବାର ଶିଳାପଥର ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସର୍ଭିସେସ୍ ୨-୦ ଗୋଲ୍‌ରେ ରେଳବାଇକୁ ପରାସ୍ତ କରିଥିଲା । ସେହିଭଳି ଦ୍ୱିତୀୟ ସେମିରେ କେରଳ ୪-୦ ଗୋଲ୍‌ରେ ପଞ୍ଜାବକୁ ହରାଇ କ୍ରମାଗତ ଦ୍ୱିତୀୟଥର ଫାଇନାଲରେ ପହଞ୍ଚିଥିଲା ।

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

## ଭାରତୀୟ ଦଳରେ ଓଡ଼ିଶାରୁ ୫ ଖେଳାଳି

ନୂଆଦିଲ୍ଲୀ, ୫ ।୨ (ଏଜେନ୍ସି): ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ସଂସ୍କରଣ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି । ପ୍ରୋ ଲିଗ୍‌ରେ ଭାରତ ଫେବୃଆରୀ ୧୧ରୁ ରାଉରକେଲା ଲେଗ୍ (ଚରଣ)ରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ । ଏହି ରାଉରକେଲା ଲେଗ୍ ଲାଗି ଗୁରୁବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଘୋଷିତ ଦଳରେ ଓଡ଼ିଶାରୁ ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା, ଫର୍‌ୱାର୍ଡରେ ଶିଳାନନ୍ଦ ଲାକ୍ରା ଓ ରୋଶନ କୁଜୁର ରହିଛନ୍ତି । ପ୍ରଥମଥର ଲାଗି ରୋଶନ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଛନ୍ତି । ୨୧ ବର୍ଷୀୟ ଏହି ମଧ୍ୟଭାଗ ଖେଳାଳି ଗତବର୍ଷ ଚେନ୍ନଇରେ ଅନୁଷ୍ଠିତ ଜୁନିଅର ବିଶ୍ୱକପ୍‌ରେ କାଂସ୍ୟ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ । ସେହିଭଳି ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ରୋଶନ ବେଦାନ୍ତ କଳିଙ୍ଗ ଲାନ୍ସର୍ସକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



**ଭାରତୀୟ ଦଳ:** ସୂରଜ କରକେରା, ପବନ (ଉଭୟ ଗୋଲ୍‌କିପର), ଅମିତ୍ ରୋହିଦାସ, ଜରମନପ୍ରୀତ୍ ସିଂହ, ଯୁଗରାଜ ସିଂହ, ହରମନପ୍ରୀତ୍ ସିଂହ, ସୁମିତ, ସଞ୍ଜୟ, ନୀଲମ ସଞ୍ଜୀପ ଖେସ, ଅମନଦୀପ୍ ଲାକ୍ରା (ସମସ୍ତେ ଡିଫେଣ୍ଡର), ରାଜିନ୍ଦର ସିଂହ, ମନମୀତ୍ ସିଂହ, ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂହ, ମୋଇରାଙ୍ଗଥେମ ରବିଚନ୍ଦ୍ର ସିଂ, ନୀଳକାନ୍ତ ଶର୍ମା, ରୋଶନ କୁଜୁର (ସମସ୍ତେ ମିଡ୍‌ଫିଲ୍ଡର), ଅଭିଷେକ, ସୁଖଜିତ୍ ସିଂହ, ଶିଳାନନ୍ଦ ଲାକ୍ରା, ସେଲଭମ କାର୍ତ୍ତି, ମନଦୀପ୍ ସିଂହ, ଅରାଇଜିତ୍ ସିଂହ ହୁଣ୍ଡାଲ, ଆଦିତ୍ୟ ଅର୍ଜୁନ ଲାଲାଗେ (ସମସ୍ତେ ଫରୱାର୍ଡ) ।

### ରାଉରକେଲାରେ ଭାରତର କାର୍ଯ୍ୟସୂଚୀ

| | | |
|---|---|---|
| ୧୧ ।୨ | ଭାରତ-ବେଲ୍‌ଜିୟମ | ରାତି ୭ଟା ୩୦ |
| ୧୨ ।୨ | ଭାରତ-ଆର୍ଜେଣ୍ଟିନା | |
| ୧୪ ।୨ | ଭାରତ-ବେଲ୍‌ଜିୟମ | |
| ୧୫ ।୨ | ଭାରତ-ଆର୍ଜେଣ୍ଟିନା | |

ସମସ୍ତ ମ୍ୟାଚ୍ ଷ୍ଟାର ସ୍ପୋର୍ଟ୍ସ ଖେଲ୍‌ରେ ପ୍ରସାରିତ ହେବ

## ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ଆଜିଠୁ

ନୂଆଦିଲ୍ଲୀ, ୫ ।୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାରଠାରୁ ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି । ଜାମସେଦପୁରର କିନାନ ଷ୍ଟାଡିୟମରେ ଘରୋଇ ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ ମଧ୍ୟରେ ପ୍ରଥମ କ୍ୱାର୍ଟର ଖେଳାଯିବ । ସେହିଭଳି ମଧ୍ୟପ୍ରଦେଶ ଏବଂ ଜମ୍ମୁ ଓ କାଶ୍ମୀର ଦ୍ୱିତୀୟ କ୍ୱାର୍ଟରରେ ପରସ୍ପରକୁ ଭେଟିବେ । ଏହି ମ୍ୟାଚ୍ ଇନ୍ଦୋରର ହୋଲକର ଷ୍ଟାଡିୟମରେ ଅନୁଷ୍ଠିତ ହେବ । ବେଙ୍ଗଲ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ୩ୟ ଏବଂ ସର୍ବାଧିକ ୪୨ଥରର ବିଜେତା ମୁମ୍ବଇ ଓ କର୍ଣ୍ଣାଟକ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ଖେଳାଯିବ । ଶରଦ ପାୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଘରୋଇ ମୁମ୍ବଇ ଓ କର୍ଣ୍ଣାଟକ ମଧ୍ୟରେ ହେବାକୁ ଥିବା କ୍ୱାର୍ଟର ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ରହିବ ବୋଲି ଆଶା କରାଯାଉଛି । ଦୃଢ଼ ବ୍ୟାଟିଂ ଲାଇନଅପ୍‌କୁ ନେଇ ଦୁଇଦଳ ବେଶ୍ ଶକ୍ତିଶାଳୀ ରହିଛନ୍ତି । ଦେବଦତ୍ତ ପାଡିକଲଙ୍କ ନେତୃତ୍ୱାଧୀନ କର୍ଣ୍ଣାଟକ ଦଳରେ ଲୋକେଶ ରାହୁଲ, ମୟଙ୍କ ଅଗରୱାଲ, କରୁଣ ନାୟାର, ସ୍ମରଣ ରବିଚନ୍ଦ୍ରନ ଭଳି ଦକ୍ଷ ବ୍ୟାଟର ମୁମ୍ବଇ ବୋଲରଙ୍କୁ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ । ସେହିଭଳି ଶାର୍ଦ୍ଦୁଳ ଠାକୁର ଓ ଯଶସ୍ୱୀ ଜୟସ୍ୱାଲ ମୁମ୍ବଇ ଦଳରେ ସାମିଲ ହୋଇଛନ୍ତି । ଶାର୍ଦ୍ଦୁଳଙ୍କୁ ନେତୃତ୍ୱ ଭାର ମଧ୍ୟ ଦିଆଯାଇଛି । ଦଳରେ ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ, ମୁସିର ଖାନ, ସିଦ୍ଧେଶ ଲାଡ, ସାମ୍ସ ମୁଲାନୀ, ତୁଷାର ଦେଶପାଣ୍ଡେ ପ୍ରମୁଖ ରହିଛନ୍ତି ।

### ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ

# ଭାରତ-ଇଂଲଣ୍ଡ ଫାଇନାଲ ଆଜି

ହରାରେ, ୫ ।୨ (ଏଜେନ୍ସି):

ଭାରତ ଓ ଇଂଲଣ୍ଡ ମଧ୍ୟରେ ୨୦୨୬ ସଂସ୍କରଣର ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ଫାଇନାଲ ମୁକାବିଲା ଆସନ୍ତାକାଲି ସ୍ଥାନୀୟ ସ୍ପୋର୍ଟ୍ସ କ୍ଲବ୍ ପରିସରରେ ଖେଳାଯିବ । ଫଳରେ ଆସନ୍ତାକାଲି ଭବିଷ୍ୟତ ବିଶ୍ୱଚାମ୍ପିଅନ କିଏ ହେବେ ତାହାର କିଛି ସୂଚନା ମିଳିବ । ଏହି ଟୁର୍ଣ୍ଣାମେଣ୍ଟରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଭାରତ ୭ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା । ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ସେମିରେ ଇଂଲଣ୍ଡ ୨୭ ରନ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା । ଭାରତ ଓ ଇଂଲଣ୍ଡ ମଧ୍ୟରେ ଟାଇଟଲ ମୁକାବିଲା ଏଠାରେ ଫେବୃଆରୀ ୬ ତାରିଖ ଶୁକ୍ରବାର ଖେଳାଯିବ ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୧୦ଥର ଫାଇନାଲ ଖେଳିଛି । ଏଠାରେ ମଧ୍ୟ ଭାରତ କ୍ରମାଗତ ଷଷ୍ଠଥର ସକାଶେ ଫାଇନାଲରେ ପ୍ରବେଶ କରିଛି । ଚଳିତ ସଂସ୍କରଣକୁ ମିଶାଇ ମୋଟରେ ୧୦ଥର ଫାଇନାଲରେ ପ୍ରବେଶ କରିଥିବା ଭାରତ ୫ଥର ଟାଇଟଲ ଜିତିବାରେ ସମର୍ଥ ହୋଇଛି । ଅନ୍ୟପକ୍ଷରେ ସିନିଅର ଦଳ ଭଳି ଇଂଲଣ୍ଡ ମଧ୍ୟ ଥରେ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛି । ଚଳିତଥର ଦଳରେ କିଛି ଦମ୍‌ଦାର ଖେଳାଳି ରହିଛନ୍ତି ଓ ସେମାନେ ଯୁବ ପିଢ଼ିର ଆଶା ଓ ଆଶଙ୍କା ପୂରଣ କରିବେ ବୋଲି ଆଶା କରାଯାଉଛି ।



ଖେଳ ଆରମ୍ଭ : ଦିନ ୧ଟା

ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ

ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଭଲ ଖେଳ ପ୍ରଦର୍ଶନ କରିଛନ୍ତି । ବିଶେଷକରି ଶେଷ ୫ଟି ମୁକାବିଲାରେ ଉଭୟ ଦଳ ବିଜୟୀ ହୋଇଛି । ଏଭଳି ସ୍ଥିତିରେ କିଛି ଶ୍ରେଷ୍ଠ ଖେଳାଳିଙ୍କଠାରୁ ଶ୍ରେଷ୍ଠ ଆଶା କରିବା ସ୍ୱାଭାବିକ୍ । ଭାରତୀୟ ଦଳରେ ଏକାଧିକ ପ୍ରଭାବଶାଳୀ ଖେଳାଳି ଥିଲେ ମଧ୍ୟ ୪୯୬ ରନ୍ କରିଥିବା ବୈଭବ ସୂର୍ଯ୍ୟବଂଶୀ ସମସ୍ତଙ୍କ ନଜରରେ ରହିଛନ୍ତି । ତାଙ୍କୁ ଆଉଟ କରିବା ଅର୍ଥ ଅଧା ମ୍ୟାଚ୍‌କୁ କବ୍‌ଜା କରିବା । ଓପନର ଆରୋନ ଜର୍ଜ, ଉପଅଧିନାୟକ ବିହାନ ମାଲହୋତ୍ରା, ବେଦାନ୍ତ ତ୍ରିବେଦୀ ପ୍ରମୁଖ ରହିଛନ୍ତି । ଟେଲଏଣ୍ଡରେ ମଧ୍ୟ ବ୍ୟାଟିଂ ଭଲ ରହିଛି । ବୋଲିଂରେ ସ୍ପିନର ହେନିଲ ପଟେଲ ୧୪ଟି ଓ ଖୀଲନ ପଟେଲ ୧୨ଟି ୱିକେଟ ପାଇ ଶୀର୍ଷରେ ରହିଛନ୍ତି । ଇଂଲଣ୍ଡର ଅଧିନାୟକ ଜେମ୍ସ ରିଉ ଭଲ ପ୍ରଦର୍ଶନ କରିଛନ୍ତି । କିନ୍ତୁ ବ୍ୟାଟିଂରେ ବେନ୍ ମାୟେସ୍ ଓ ବେନ୍ ଡାୱକିନ୍ସ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ମାୟେସ ୪୨୩ ଓ ଡାୱକିନ୍ସ ୩୩୦ ରନ୍ କରିଛନ୍ତି । ବୋଲିଂରେ ମ୍ୟାନି ଲୁମ୍ସଡେନ୍ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୯ଟି ୱିକେଟ ନେଇ ପ୍ରଭାବ ବିସ୍ତାର କରିଛନ୍ତି । ୧୪ଟି ୱିକେଟ ନେଇ ଫରହାନ ଅହମ୍ମଦ ଦ୍ୱିତୀୟ ବୋଲରଭାବେ ଇଂଲଣ୍ଡକୁ ବେଶ ସହାୟତା ଦେଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ବ୍ୟାଟିଂ ଓ ଇଂଲଣ୍ଡର ବୋଲିଂ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି । ଆସନ୍ତାକାଲି ଅପରାହ୍ନ ୧ଟା ରୁ ଏହି ମୁକାବିଲା ଆରମ୍ଭ ହେବ ।

## ସଚିବାଳୟ କ୍ୟାରମ ପ୍ରତିଯୋଗିତା ଉଦ୍‌ଯାପିତ



ଭୁବନେଶ୍ୱର, ୫ ।୨ (ସମିସ): ଆୟୋଜକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଚଳିତବର୍ଷର ସଚିବାଳୟ କ୍ୟାରମ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ପାନୀୟ ଜଳବିଭାଗ ପ୍ରଥମ ଉପବିଜେତା, କୃଷି ଓ କୃଷକ ବିଭାଗ ଦ୍ୱିତୀୟ ରନର୍ସଅପ୍ ହୋଇଛି । ସଚିବାଳୟର ୧୯ଟି ବିଭାଗରୁ ୮୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତା ଶେଷରେ ସଚିବାଳୟ ସାଂସ୍କୃତିକ ପରିଷଦର ଉପଦେଷ୍ଟା ବିପିନ ବିହାରୀ ହାଁସ୍‌ଦା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ବିଜେତାମାନଙ୍କୁ ଟ୍ରଫି, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

■ ଆଇପିଏଲ୍‌ରୁ ବିଦା; ପିଏସ୍‌ଏଲ୍‌ରେ ୨ କୋଟି

## ଲାହୋର ପାଇଁ ଖେଳିବେ ମୁସ୍ତାଫିଜୁର

ଲାହୋର, ୫ ।୨ (ଏଜେନ୍ସି): ସୁରକ୍ଷାଜନିତ କାରଣ ଦର୍ଶାଇ ବାଂଲାଦେଶର ଅଭିଜ୍ଞ ବାମହାତୀ ଦ୍ରୁତ ବୋଲର ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବିଦା କରାଯାଇଥିଲା । ଯାହାକୁ ନେଇ ଆଗାମୀ ଟି-୨୦ ବିଶ୍ୱକପ୍‌ରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ପ୍ରଥମେ ବାଂଲାଦେଶ ବିଶ୍ୱକପ୍ ନ ଖେଳିବା ଲାଗି ନିଷ୍ପତ୍ତି ନେଇଥିଲା । ଏବେ ଭାରତ ବିପକ୍ଷ ଗ୍ରୁପ ମ୍ୟାଚ୍ ନ ଖେଳିବା ଲାଗି ପାକିସ୍ତାନ ମଧ୍ୟ ଘୋଷଣା କରିସାରିଛି । ଏପରିସ୍ଥିତିରେ ମୁସ୍ତାଫିଜୁରଙ୍କୁ ପାକିସ୍ତାନ କ୍ରିକେଟ୍ ଲିଗ୍ (ପିଏସଏଲ)ରେ ଖେଳିବାର ସୁଯୋଗ ମିଳିଛି । ପିଏସ୍‌ଏଲ୍‌ର ଲାହୋର କ୍ୱାଲାଣ୍ଡର୍ସ ଫ୍ରାଞ୍ଚାଇଜ ୨.୩୦ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୨ କୋଟି ୭ ଲକ୍ଷ)ରେ ରହେମାନଙ୍କୁ ନିଜ ଦଳରେ ସାମିଲ କରିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS